



# ମରଣ ରହସ୍ୟ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଚାଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 ମୂଲ୍ୟ : 90/-

# ଯୋଗୀଶ୍ୱରଙ୍କ ଗ୍ରନ୍ଥାବଳୀ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ଋଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଗୁର୍ତ୍ତିମ୍ପବଡନିବାଡୁ ଗୁରବୁ
୨. ପୁଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରଯୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାତ୍କାଳିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୁତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଗ୍ରମ୍ପବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଙ୍ଗତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିୟୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ୟୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଚଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୁପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୂବୁ-ପ୍ରଭୂତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବସ୍ତର
୧୦୦. ଭୂତଂ-ମହାଭୂତଂ
୧୦୧. ସେକୁବଲି-କୁଲିସେବା
୧୦୨. ଆତ୍ମାକୁ ଵେଂଟ୍ରକୁଲୁ ଗୁର୍ତ୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୂଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍‌ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଟ୍ଟତଲା)
୧୨୧. ଜ୍ଞାନମୁ କଥ୍ବା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା ! !
୧୨୩. ମତ ସାମରସଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ଦୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜଲଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.
୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.
୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଲାଖେମୁଣ୍ଡି) : 8248683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାସ୍ତର ଏବଂ ପରମାତ୍ମା ସମାସ୍ତର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଲ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ପଳିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା  ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦ୍ରପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ　　ପ୍ରଥମ ଦୈବଗ୍ରନ୍ଥ　　ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ସୂଚୀପତ୍ର


| କ୍ର.ସଂ. | | ପୃଷ୍ଠାଙ୍କ |
|---|---|---|
| 1. | ମରଣ ରହସ୍ୟ | – 11 |
| 2. | ମରଣ କ'ଣ ? | – 13 |
| 3. | ତାତ୍କାଳିକମରଣ | – 17 |
| 4. | ତାତ୍କାଳିକମରଣ କ'ଣ ବ୍ରହ୍ମଯୋଗ ? | – 20 |
| 5. | କ'ଣ ସମସ୍ତ ଜୀବରାଶିର ଏଭଳି ତାତ୍କାଳିକ ମରଣ ହୋଇଥାଏ ? | – 24 |
| 6. | ଯୀଶୁଙ୍କ ମରଣ କିଭଳି ମରଣ ଜାଣିଛନ୍ତି ? | – 28 |
| 7. | ତାତ୍କାଳିକ ମରଣ କ'ଣ ଆଉକାହାର ହୋଇଥିଲା ? | – 36 |
| 8. | ଅତୀତରେ କେହି ତାତ୍କାଳିକ ମରଣକୁ ଚିହ୍ନିଥିଲେ ? | – 37 |
| 9. | ଶ୍ରୀକୃଷ୍ଣଙ୍କର କେଉଁ ପ୍ରକାର ମରଣ ହୋଇଥିଲା ? | – 44 |
| 10. | ଯାହାର ତାତ୍କାଳିକ ମରଣ ହୋଇଥାଏ  କ'ଣ ତା'ର ଚିକିତ୍ସା ଆବଶ୍ୟକ ? | – 50 |
| 11. | ତାତ୍କାଳିକ ମରଣରେ କ'ଣ ଶରୀର ନଷ୍ଟ ହୁଏ ନାହିଁ ? | – 57 |
| 12. | ତାତ୍କାଳିକ ମରଣକୁ ଜାଣିଶୁଣି ପାଇହୁଏ ? | – 71 |
| 13. | ତାତ୍କାଳିକ ମରଣ ଦ୍ୱାରା କ'ଣ ଆୟୁଷ ବଢିଥାଏ ? | – 80 |
| 14. | ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ ! ! | – 87 |




# ମରଣ ରହସ୍ୟ

ମରଣ କହିଲେ ମରିଯିବା ବା ମୃତ୍ୟୁବରଣ କରିବା ବୋଲି ସମସ୍ତେ ଜାଣନ୍ତି । ଜନ୍ମ ମରଣ ପ୍ରତି ଜୀବର ରହିଛି । ଜନ୍ମରେ ଜୀବନର ଆରମ୍ଭ ହୋଇ ମରଣରେ ଅନ୍ତ ହୋଇଥାଏ । ଜୀବର ଜନ୍ମ ଓ ମରଣର ମଧ୍ୟକାଳକୁ ଜୀବନ କୁହାଯାଏ । ଜୀବଟିଏ ଜନ୍ମ ହେବାପାଇଁ ଶରୀରଟିଏ ଆବଶ୍ୟକ, ସେହିଭଳି ମରଣପାଇଁ ମଧ୍ୟ ଶରୀରଟିଏ ଆବଶ୍ୟକ । ନୂଆ ଶରୀରଟିଏ ଥିବାବେଳେ ସେହି ଶରୀରରେ ଜୀବର ପ୍ରବେଶକୁ ଜନ୍ମ ବା ଜନନ କୁହାଯାଏ, ଏହା ସମସ୍ତଙ୍କୁ ଜଣାଥିବା ବିଷୟ ବୋଧ ହେଲେହେଁ, ଶରୀର ଗବେଷକମାନଙ୍କୁ ମଧ୍ୟ ଜଣା ନଥିବା ରହସ୍ୟ ଏଥିରେ ଲୁଚି ରହିଛି, ତାହା ହିଁ ଜନନ ରହସ୍ୟ । ଆଜିଯାଏ ଜଣାନଥିବା ରହସ୍ୟକୁ ଆମେ ସିଦ୍ଧାନ୍ତର ସହିତ ଗ୍ରନ୍ଥରୂପରେ ଜଣାଇଛୁ । ଆମେ ଜଣାଇଥିବା **"ଜନନ ମରଣ ସିଦ୍ଧାନ୍ତ"** ବିଜ୍ଞାନର ଏକ ନୂତନ ମୋଡ ଭଳି । ମଣିଷକୁ ଜଣାନଥିବା ଜନନ ମରଣ ବାବଦରେ ସେହି ଗ୍ରନ୍ଥରେ ବିପୁଳ ଭାବରେ ଜଣାଇଛୁ । ଏବେ ଏଥିରେ ଲେଖୁଥିବା ମୁଖ୍ୟ ବିଷୟ ହେଉଛି ମରଣ ବିଷୟ । ଜନନ ଗତି କରିସାରିଛି, ଆଗକୁ ମରଣ ନିଶ୍ଚୟ ଆସିବ । ତେଣୁ ମଣିଷର ମରଣ ବାବଦରେ ଆମେ ନିହାତି ଜାଣିବା ଦରକାର । ମରଣ ବିଷୟରେ ମରଣ ସିଦ୍ଧାନ୍ତରେ ଜଣାଇବା ବ୍ୟତୀତ ଅନ୍ୟ କେତେକ ଗ୍ରନ୍ଥରେ ମଧ୍ୟ ମରଣ ବାବଦରେ ଜଣାଇଛୁ । ମରଣ ଦୁଇ ପ୍ରକାରର, ଗୋଟିଏ କାଳମରଣ ଆଉଗୋଟିଏ ଅକାଳମରଣ ବୋଲି ଜଣାଇଛୁ । ତେଣୁ ମଣିଷର ଜନ୍ମ ଗୋଟିଏ ପ୍ରକାରର ହେବାବେଳେ ମରଣ ଦୁଇ ପ୍ରକାରର ବୋଲି ଜଣାଯାଇଛି । ଆମେ ଯାହା ଜଣାଇଛୁ ତାହା ଶାସ୍ତ୍ରବଦ୍ଧ ସମାଚ଼ର, ତେଣୁ କେହି ମଧ୍ୟ ଏହାକୁ ଅସ୍ୱୀକାର କରିପାରିବେ ନାହିଁ । ଆମେ ଆଗରୁ ମଧ୍ୟ କହିଛୁ ଯେ, ଏସବୁ ଭୌତିକ ଶାସ୍ତ୍ରଜ୍ଞମାନଙ୍କୁ ମଧ୍ୟ ଜଣାନଥିବା ବିଷୟ । କ'ଣ ଏଇକଥା ଆମକୁ ଜଣାନାହିଁ ଭାବି କେହି ଖଣ୍ଡନ କରିବାକୁ ଚ଼ାହିଁଲେ ମଧ୍ୟ ଖଣ୍ଡନ କରିପାରିବେ ନାହିଁ, କାରଣ ଆମ କଥା ହେଉଛି ଶାସ୍ତ୍ରବଦ୍ଧ ସିଦ୍ଧାନ୍ତ ।

ଏବେ ବିଶେଷକରି କହୁଛୁ ଯେ,ମରଣ କାଳ,ଅକାଳ ଭେଦରେ ଦୁଇ ପ୍ରକାରର ହେଲେ ମଧ୍ୟ, ତୃତୀୟ ପ୍ରକାରର ମରଣଟିଏ ରହିଛି । ବାସ୍ତବରେ ତୃତୀୟ ପ୍ରକାରର ମରଣ ଆମ ହିସାବରେ ମରଣ ହୋଇନଥିଲେ ମଧ୍ୟ, ଜନସାଧାରଣଙ୍କ ମତରେ ଏହା ମରଣ । ତେଣୁ ଏହାକୁ ମଧ୍ୟ ଏକ ପ୍ରକାରର ମରଣ କହିବାକୁ ପଡିଛି । ଆଜିଯାଏ ବିଜ୍ଞାନ ଜଣାଥିବା ଲୋକମାନଙ୍କୁ କେବଳ **କାଳମରଣ** ବାବଦରେ ଜଣାଅଛି । ଦ୍ୱିତୀୟ ପ୍ରକାରର ମରଣ **ଅକାଳମରଣ** ବାବଦରେ କିମ୍ବା ତୃତୀୟ ପ୍ରକାରର ମରଣ **ତାତ୍କାଳିକମରଣ** ବାବଦରେ ଆଜି ଶତପ୍ରତିଶତ କାହାକୁ ମଧ୍ୟ ଜଣା ନାହିଁ ବୋଲି କହିପାରିବା । ଆଜି କେହି ତାତ୍କାଳିକମରଣ ବାବଦରେ ଜାଣି ନଥିଲେ ମଧ୍ୟ ଏ ବାବଦରେ ପୂର୍ବକାଳରେ ଅନେକଙ୍କୁ ଜଣାଥିବା ପ୍ରମାଣ ରହିଛି, ସେ ବିଷୟରେ ପରେ ଜାଣିବା । ଏବେ ମରଣ କର୍ମ ସମ୍ବନ୍ଧୀୟ କି କର୍ମାତୀତ ? ବୋଲି କେତେକ ଆଧ୍ୟାତ୍ମିକ ଗବେଷକମାନଙ୍କୁ ପଚାରିଲେ ସେମାନେ କହୁଛନ୍ତି ଯେ ଜନ୍ମ, ମରଣ କର୍ମ ଅନୁସାରେ ହୋଇଥାଏ, ସେମାନଙ୍କୁ ସତ କହିବାରେ ଆମର ସମାଧାନ ହେଉଛି ! ମଣିଷହେଉ, ଜନ୍ତୁହେଉ ବା ଜୀବଥିବା କୌଣସି ପ୍ରାଣୀହେଉ ତା'ର ଜନନ ମରଣ ହେଉଛି ସହଜ ସିଦ୍ଧ (ସାଧାରଣ), କାରଣ ! ଏହା ପ୍ରକୃତି ସିଦ୍ଧ । ବାସ୍ତବରେ ଜନନ ମରଣ କର୍ମାତୀତ । ଯିଏ ଯାହାର କର୍ମ ଅନୁସାରେ ମୃତ୍ୟୁବରଣ କରିବା ସମୟ, ସ୍ଥଳ ଏବଂ ସେ ସମୟର ଜୀବନ ପରିସ୍ଥିତି, ଶରୀର ସୁସ୍ଥତା, ଅସୁସ୍ଥତା ତଥା ଶରୀରର ବଳ, ବୟସ ସବୁ ନିର୍ଣ୍ଣୟ ହୋଇ ରହିଥାଏ, କିନ୍ତୁ ଜନ୍ମମରଣ କର୍ମ ସହିତ ସମ୍ବନ୍ଧ ରଖିନଥିବା ପ୍ରକୃତିସିଦ୍ଧ ପ୍ରକ୍ରିୟା । କେବଳ ମରଣ ବାବଦର କହିଲେ, ମରଣ ହେଉଛି ଜୀବର କୌଣସି ଅନୁଭବ ନଥିବା ସ୍ଥିତି । ତେଣୁ ଯାହା ଅନୁଭବ ହେଉନାହିଁ ତାହାକୁ କର୍ମ କହିପାରିବା ନାହିଁ । ଯାହା ଅନୁଭବରେ ଆସିଥାଏ ତାହା କର୍ମ ସମ୍ବନ୍ଧୀୟ । ମରଣରେ କୌଣସି ଅନୁଭବ ନଥାଏ,ତେଣୁ ତାହା କର୍ମାତୀତ ।

ଜୀବ ଜନ୍ମହେବା ପରେ ତା'ର ପ୍ରାରବ୍ଧ ଆରମ୍ଭ ହୋଇଥାଏ । ସେମିତି ଜୀବର ପ୍ରାରବ୍ଧ ଶେଷ ହୋଇଗଲେ ତା'ର ମରଣ ହୋଇଥାଏ । ତେଣୁ ମରଣ ବାବଦରେ ଜାଣିବା ।

*****

# ମରଣ କ'ଣ ?

ଏକ ଜୀବର ଜୀବନ କାଳ ଶେଷ ହେଲେ ସେ ମରିଗଲା ବା ମୃତ୍ୟୁବରଣ କଲା ବୋଲି କହୁଛେ । ଏବେ ଆମେ କାହାର ମରଣରେ ଅମୂକ ମରିଗଲା ବୋଲି ଯେଉଁ ଶବ୍ଦ ବ୍ୟବହାର କରୁଛେ ତାହା ମାୟା ପ୍ରଭାବ ଦ୍ୱାରା ଭାବରେ, ଭାଷାରେ ଜ୍ଞାନଶୂନ୍ୟ ହୋଇ ବଦଳିଯାଇଛି । ପୂର୍ବ ଜ୍ଞାନୀମାନେ ଏହାକୁ ମରଣ ହୋଇଗଲା କିମ୍ବା **ସତ୍ତା ଚଳିଗଲା** କହୁଥିଲେ, କିନ୍ତୁ ମରଣ ଶବ୍ଦଟି ପୂର୍ବବତ୍ ରହିଛି । ଚଳିତ ସନ୍ଦର୍ଭରେ ବଦଳି ଯାଇଥିବା ଶବ୍ଦଟି ବାବଦରେ କିଛି ଆଲୋଚନା କରିବା । ବଞ୍ଚିଥିବା ମଣିଷର ଶରୀରରେ ଦୁଇଗୋଟି ଆତ୍ମା ରହିଥାଏ । ଏହା କେବଳ ମଣିଷ ଶରୀରେ କାହିଁକି ଜୀବ ରହିଥିବା କୌଣସି ଜାତିର ଶରୀରରେ ଦୁଇଟି ଆତ୍ମା ରହିବା ଶାସ୍ତ୍ରବଦ୍ଧ ସିଦ୍ଧାନ୍ତ ହୋଇ ରହିଛି । ଆଉ ବିବରଣାତ୍ମକ ଭାବରେ କହିବାକୁ ଗଲେ ଯୋଗଶାସ୍ତ୍ର (ବ୍ରହ୍ମବିଦ୍ୟା ଶାସ୍ତ୍ର) ଅନୁସାରେ ସଜୀବ ଶରୀରରେ ତିନିଗୋଟି ଆତ୍ମା ଥାଆନ୍ତି, ସେଗୁଡିକ ଭିତରୁ ଗୋଟିଏ ଆତ୍ମା କିଛି ନକରି କେବଳ ତଟସ୍ଥ (ସ୍ଥିର) ଭାବରେ ରହିଥାଏ । ତେଣୁ ଆମେ ଏବେ କେବଳ ଦ୍ୱିତୀୟ ଆତ୍ମା ବାବଦରେ ଆଲୋଚନା କରିବା । ଜୀବାତ୍ମା, ଆତ୍ମା, ପରମାତ୍ମା ନାମକ ତିନି ଆତ୍ମା ଭିତରୁ ପରମାତ୍ମା ମଧ୍ୟ ଶରୀରରେ ଜୀବ ଭଳି କିଛି କରି ନଥା'ନ୍ତି, କିନ୍ତୁ ଜୀବାତ୍ମାର ଏକ କାର୍ଯ୍ୟ ହୋଇ ନଥିବା କାର୍ଯ୍ୟ ରହିଛି । ତାହା ହେଲା ଶରୀର ଦ୍ୱାରା ହେଉଥିବା କାର୍ଯ୍ୟର ଦୁଃଖସୁଖକୁ ଜୀବାତ୍ମା କେବଳ ଅନୁଭବ କରିଥାଏ,

ଶରୀରରେ ତା'ର ଆଉକିଛି କାର୍ଯ୍ୟ ନଥାଏ । ଆଉ ଶରୀରରେ ବାକି ରହିଗଲା କେବଳ ଦ୍ୱିତୀୟ ଆତ୍ମା, ଏହି ଦ୍ୱିତୀୟଆତ୍ମା ହିଁ ଶରୀରରେ ସମସ୍ତ କାର୍ଯ୍ୟ କରିଥାଏ । ଏଠାରେ ଏକ ମୁଖ୍ୟ ଜ୍ଞାତବ୍ୟ ବିଷୟ ହେଉଛି **ଶରୀରରେ ଜୀବ ବ୍ୟତୀତ ଏକ ଆତ୍ମା (ଦ୍ୱିତୀୟ ଆତ୍ମା) ରହିଛି, ଯିଏ ଲେଖିବା, କରିବା, କଥା କହିବା, ଖେଳିବା, ବୁଲିବା, ଝଗଡା କରିବା, ଦେଖିବା ଇତ୍ୟାଦି ସମସ୍ତ କାର୍ଯ୍ୟ କରିଥାଏ, କିନ୍ତୁ ଏକଥା କାହାକୁ ଜଣା ନଥାଏ** । ଶରୀରରେ ଭଲ, ମନ୍ଦ କାର୍ଯ୍ୟଗୁଡିକୁ ଆତ୍ମା କରି, କରାଉଥିଲେ ମଧ୍ୟ ସମସ୍ତେ ମୁଁ (ଜୀବ) କରୁଛି ବୋଲି ଭାବିଥା'ନ୍ତି ।

କାହାକୁ ଜଣାଥାଉ ବା ନଥାଉ ଶରୀରର ମୁଖ୍ୟ ପାତ୍ରଧାରୀ ହେଉଛି ଆତ୍ମା । ଶରୀରରେ ଜୀବାତ୍ମା ଅଛି,ଅର୍ଥାତ୍ ଆତ୍ମା ମଧ୍ୟ ଅଛି, ତେଣୁ ଜୀବାତ୍ମାର ଜୋଡିଆତ୍ମା ହେଉଛି ଆତ୍ମା, ଆତ୍ମା ସବୁବେଳେ ଜୀବାତ୍ମାର ପାଖରେ ରହିଥାଏ । ଆତ୍ମାକୁ ଜୀବର ପଡୋଶୀ ନାମରେ ମଧ୍ୟ କୁହାଯାଏ । ଶରୀରକୁ ଶକ୍ତି ଦେଉଥିବାରୁ ଆତ୍ମାକୁ ମୁଖ୍ୟ କରି ବଳର ଅନ୍ୟନାମ ସତ୍ତା ନାମରେ କୁହାଯାଏ । ମରଣ ହେବାବେଳେ ସାରା ଶରୀରର ବଳ (ସତ୍ତା) ଚାଲିଯାଇଥାଏ । ତେଣୁ ପୂର୍ବର ଜ୍ଞାନୀମାନେ ଶରୀରରୁ ସତ୍ତା ଚାଲିଗଲା କହୁଥିଲେ, ଶରୀରର ଜୀବକୁ ପ୍ରାଧାନ୍ୟ ନଦେଇ, ଆତ୍ମାକୁ ମୁଖ୍ୟ ଭାବରେ ନେଉଥିବାରୁ, କାହାର ମରଣରେ ତା'ର ଶରୀରରୁ ସତ୍ତା ଚାଲିଗଲା ବୋଲି କହୁଥିଲେ । ଗୋଟିଏ ଗାଈର କିମ୍ବା କୁକୁରର ମରଣ ହୋଇଗଲେ ସେମାନଙ୍କର ସତ୍ତା ଚାଲିଗଲା କହୁଥିଲେ । ହେଲେ ଆଜି ଜନ୍ତୁମାନଙ୍କ କଥା ପଛରେ ଥାଉ କୌଣସି ମହାତ୍ମାଙ୍କର ମୃତ୍ୟୁ ହୋଇଗଲେ ମଧ୍ୟ ଅମୁକ ଲୋକ ମରିଗଲା ବୋଲି କହୁଛନ୍ତି । ଏହିଭଳି ଭାବରେ, ଭାଷାରେ ଅଜ୍ଞାନୀମାନଙ୍କ ଦ୍ୱାରା ଅଜ୍ଞାନତା ଆସି ସମାଜରେ ପ୍ରବେଶ କରିଯାଇଛି ।

ଏଯାବତ୍ ପୂର୍ବ ଭଳି ରହିଥିବା ମରଣ ଶବ୍ଦ ବାବଦରେ ମଧ୍ୟ କିଛି ଆଲୋଚନା କରିବା । (ଏସବୁ ଆଲୋଚିତ ହେବାର ଉଦ୍ଦେଶ୍ୟ ହେଉଛି ! ଏହା ଆତ୍ମା ସମ୍ବନ୍ଧୀୟ ବିଷୟ । ଆମ ଲେଖା ଦ୍ୱାରା ଆଜି ଅଭ୍ୟାସରେ ପରିଣତ ହୋଇଯାଇଥିବା ଶବ୍ଦକୁ କେହି ବଦଳାଇବା କଷ୍ଟ ହେଲେ ମଧ୍ୟ, କେହି ବଦଳାଉ ବା ନବଦଳାଉ ଆତ୍ମାର ବିବରଣ ଦେବାବେଳେ ଆତ୍ମାକୁ ଭଲଭାବରେ ଚିହ୍ନାଇବା ଆମର କର୍ତ୍ତବ୍ୟ) ବାସ୍ତବରେ **ମରଣ ହେଉଛି ଏକ ପଦ । ଏହି ପଦରେ ଦୁଇଟି ଶବ୍ଦ ରହିଛି, ଏଥିରୁ ଗୋଟିଏ ଶବ୍ଦ ହୋଇଥିବା "ମର" ଶବ୍ଦର ଅର୍ଥ ହେଉଛି ବିନାଶ ହେବା । ଅନ୍ୟଟି ହେଉଛି "ରଣ" । ରଣ ର ଅର୍ଥ ହେଉଛି ଯୁଦ୍ଧ,** ତେଣୁ **ମର + ରଣ = ମରଣ** ଏକ ପଦ ବୋଲି କହିପାରିବା । ମରଣ ପଦର ଅର୍ଥକୁ ଏବେ ସଂପୂର୍ଣ୍ଣଭାବରେ କହିଲେ ମରଣ ହେଉଛି ଏକ ବିନାଶକାରୀ ଯୁଦ୍ଧ ବା ରଣ । ତେଣୁ ଶରୀର ବିନାଶ ହେବାପାଇଁ ଘଟୁଥିବା କ୍ରିୟା ଆରମ୍ଭ ହେବାକୁ ମରଣ କହୁଛୁ । ଜୀବାତ୍ମା ଏବଂ ଆତ୍ମା ଶରୀରକୁ ଛାଡିବା ପରେ ପରେ ଶରୀରର ଧାତୁଗୁଡିକରେ ଏକ ଯୁଦ୍ଧ ଭଳି କ୍ରିୟା ଆରମ୍ଭ ହୋଇଥାଏ, ଯାହା କାରଣରୁ ଶରୀର ଖୁବ୍ ଶୀଘ୍ର ବିନାଶ ହେବାକୁ ଲାଗେ । ଶରୀର ଜୀର୍ଣ୍ଣ ହେବା କ୍ରିୟା ଖୁବ୍ ଶୀଘ୍ର ହୋଇଥାଏ ବୋଲି ଜଣାଇବାର ଉଦ୍ଦେଶ୍ୟ ହେଉଛି ମରଣ । ଏହା ଜ୍ଞାନୀମାନେ ତିଆରି କରିଥିବା ପଦ । ମରଣ ଭେଦରେ କାଳ, ଅକାଳ ମୁଖ୍ୟତଃ ଦୁଇ ପ୍ରକାରର ମରଣ ଥାଏ ବୋଲି ଜାଣିଲେ । ଏହି ଦୁଇ ପ୍ରକାରର ମରଣରେ ଶରୀର ବିନାଶ ହୋଇଥାଏ । ମାନବର ଶରୀରକୁ ବିଭାଜନ କରି ଦେଖିଲେ, ସୂତ୍ରବଦ୍ଧ ଭାବରେ ତାହା ୨୪ଭାଗ ହୋଇ ରହିଛି ବୋଲି ଜଣାଯାଏ । ଜୀବକୁ ମିଶାଇଲେ ୨୫ଭାଗ ଏବଂ ଆତ୍ମାକୁ ମିଶାଇଲେ ମୋଟ ୨୬ ଭାଗ । ଜୀବାତ୍ମା ରହିଥିବା ସ୍ଥାନରେ ଆତ୍ମା ମଧ୍ୟ ରହିଥାଏ । ତେଣୁ ଆତ୍ମାକୁ ଛାଡି କେବଳ ଜୀବ ସହିତ ଶରୀର ୨୫ଭାଗର । "ଶରୀରରେ ସ୍ୱତନ୍ତ୍ର କାର୍ଯ୍ୟ କରୁଥିବା ସ୍ୱତନ୍ତ୍ରଭାଗକୁ

ଶରୀରର ଏକ ଭାଗ କୁହାଯାଏ” ସୂତ୍ର ଅନୁସାରେ ହିସାବ ହୋଇ ଜୀବ ସହିତ ଶରୀରକୁ ମୋଟ ପଚିଶ(୨୫)ଭାଗରେ ବିଭାଜନ କରାଯାଇଛି । ୨୫ଗୋଟି ଶରୀର ଭାଗରୁ ଭୌତିକ ଭାବରେ ମାତ୍ର ୧୦ ଗୋଟି ଭାଗ ଏବଂ ଅଭୌତିକ ଭାବରେ ୧୫ଗୋଟି ଭାଗ ରହିଛି । ବାହାରକୁ ଦେଖାଯାଉଥିବା ଶରୀର ଭାଗଗୁଡିକୁ ସ୍ଥୁଳଶରୀର, ଦେଖାଯାଉନଥିବା ଭାଗଗୁଡିକୁ ସୂକ୍ଷ୍ମଶରୀର କହୁଛୁ, ସେଗୁଡିକୁ ତଳେ ଦେଖନ୍ତୁ ।

| **ସ୍ଥୁଳ ଶରୀର** | **ସୂକ୍ଷ୍ମ ଶରୀର** | |
|---|---|---|
| ୧. ଆଖି | ୧. ଜୀବ | ୧୧. ବ୍ୟାନ ବାୟୁ |
| ୨. ନାକ | ୨. ମନ | ୧୨. ସମାନ ବାୟୁ |
| ୩. ଜିଭ | ୩. ବୁଦ୍ଧି | ୧୩. ଉଦାନ ବାୟୁ |
| ୪. କାନ | ୪. ଚିତ୍ତ | ୧୪. ପ୍ରାଣ ବାୟୁ |
| ୫. ଚର୍ମ | ୫. ଅହଂ | ୧୫. ଅପାନ ବାୟୁ |
| ୬. ହାତ | ୬. ଦୃଷ୍ଟି | |
| ୭. ଗୋଡ | ୭. ଶ୍ରବଣ | |
| ୮. ମୁଖ(ପାଟି) | ୮. ସ୍ପର୍ଶ | |
| ୯. ଗୁହ୍ୟ | ୯. ରୁଚି | |
| ୧୦. ଉପସ୍ଥ | ୧୦. ଗନ୍ଧ | |

ଏକ ସଜୀବ ଶରୀର ୨୫ଭାଗର ହୋଇଥାଏ, ସେଗୁଡିକୁ ପରଚାଳିତ କରିଥାଏ ଆତ୍ମା । କାଳ ମରଣରେ ୨୪ଭାଗର ସ୍ଥୁଳ,ସୂକ୍ଷ୍ମ

ଶରୀରକୁ ଛାଡି ଜୀବ ଏବଂ ଆତ୍ମା ଚାଲି ଯାଇଥା'ନ୍ତି । କେବଳ ସ୍ଥୁଳଶରୀରକୁ ଛାଡି ୧୪ଭାଗରେ ଜୀବାତ୍ମା, ଆତ୍ମା ରହିଥିବାବେଳେ ତାହାକୁ ଅକାଳ ମରଣ କହିଥାଉ । ଅକାଳ ମରଣରେ ଜୀବାତ୍ମା, ଆତ୍ମା ବଳକା୧୪ଭାଗର ଶରୀରରେ ରହୁଥିବାରୁ ତାହା ମରଣ ନୁହେଁ । ଆମକୁ ସ୍ଥୁଳଶରୀରଟି ଅଚଳ ପଡିରହିଛି ଦେଖାଯାଉଥିବାରୁ ବାହାରକୁ ମରଣ ଭଳି ଦେଖାଯାଉଥିଲେ ମଧ୍, ତାହା ମରଣ ନୁହେଁ, ଆମେ ତାହାକୁ ଅକାଳମରଣ କହୁଛୁ । କାଳ ମରଣରେ ଜୀବାତ୍ମା,ଆତ୍ମା ଅନ୍ୟଏକ ଶରୀରକୁ ଯାଇଥାନ୍ତି । ଅକାଳ ମରଣରେ ଅନ୍ୟଏକ ଶରୀରକୁ ଯାଇନଥା'ନ୍ତି କାରଣ ! ସେମାନେ ନିବାସ କରିବାପାଇଁ ସୂକ୍ଷ୍ମଶରୀର ବଳକା ରହିଥାଏ, ସେହି ସୂକ୍ଷ୍ମଶରୀରରେ ଜୀବ ଆଉ କିଛିଦିନ ତା'ର କର୍ମ ଅନୁଭବ କରିଥାଏ । ସୂକ୍ଷ୍ମଶରୀରରେ ଶ୍ୱାସ ମଧ୍ ଚାଲିଥାଏ । ସ୍ଥୁଳଶରୀର ଶ୍ୱାସହୀନ ହୋଇ ଅଚଳ ପଡିରହିଥିବା କାରଣରୁ ଏହି ସ୍ଥିତିକୁ ସମସ୍ତେ ମରଣ କହିଲେ ମଧ୍, ତାହା ସଂପୂର୍ଣ୍ଣ ଭାବେ ମରଣ ନୁହେଁ । ମରଣର ଏକ ଶାସ୍ତ୍ରବଦ୍ଧ ସିଦ୍ଧାନ୍ତ ରହିଛି । ଶ୍ୱାସ ଶରୀରରୁ ବାହାରକୁ ଚାଲିଯାଇ ପୁନର୍ବାର ସେହି ଶରୀରରେ ଆଉଥରେ ପ୍ରବେଶ ନ କଲେ ତାହା ମରଣ ହୋଇଥାଏ, ଏହା ହିଁ ସଂପୂର୍ଣ୍ଣ ମରଣ । ଶ୍ୱାସ ସାଧାରଣ ଭାବରେ ଚାଲୁଥିବା ବେଳେ ସ୍ଥୁଳଶରୀରରୁ ଚାଲିଯିବା ସଂପୂର୍ଣ୍ଣ ମରଣ ନୁହେଁ । କାରଣ ! ଜୀବ ଦେଖାଯାଉ ନଥିବା ଶରୀରରେ ବଞ୍ଚି ରହିଥାଏ । ସେଥିଲାଗି ଏହାକୁ ଅକାଳମରଣ କହୁଛୁ । ଯାହାର ଅକାଳମରଣ ହୋଇଛି ସେ ଆମକୁ ଦେଖାନଗଲେ ମଧ୍ ଆମ ସହିତ ଆମକୁ ଦେଖାନଯାଇ ବଞ୍ଚି ରହିଥାଏ ।

*****

# ତାତ୍କାଳିକମରଣ

କାଳମରଣରେ ଜୀବାତ୍ମା, ଆତ୍ମା ଶରୀରକୁ ଛାଡି ଅନ୍ୟ ଏକ ଜନ୍ମକୁ ଯାଇଥା'ନ୍ତି । ଅକାଳମରଣରେ ଜୀବାତ୍ମା ଏବଂ ଆତ୍ମା ଅଧା ଶରୀରକୁ ଛାଡି ଅଧା ଶରୀରରେ ବଞ୍ଚିଥା'ନ୍ତି । ଏବେ ମରଣ ଭାବି ଆମେ ଭୂଲ୍ ବୁଝୁଥିବା

ତାତ୍କାଳିକମରଣ ବାବଦରେ କିଛି ଆଲୋଚନା କରିବା । ତାତ୍କାଳିକମରଣକୁ ତୃତୀୟ ମରଣ ଭାବରେ କହିପାରିବା । ବାସ୍ତବରେ ଏହା ମରଣ ନହେଲେ ମଧ୍ୟ ମରଣ କହିବାକୁ ପଡିଛି । ଏହି ତୃତୀୟ ପ୍ରକାରର ମରଣରେ ଜୀବାତ୍ମା, ଆତ୍ମା ସ୍ଥୁଳ କିମ୍ବା ସୂକ୍ଷ୍ମ ଶରୀରକୁ ଛାଡି ଚାଲିଯାଇ ନଥା'ନ୍ତି, ସେହି ଶରୀରରେ ହିଁ ରହିଥା'ନ୍ତି । କାଳମରଣ ଏବଂ ଅକାଳମରଣରେ ଜୀବ ସ୍ଥୁଳ ଶରୀରକୁ ଛାଡି ଚାଲିଯାଉଥିବାରୁ ଶରୀର ଶିଥିଳ ହୋଇଯାଇଥାଏ, ଶରୀରର ସମସ୍ତ ସ୍ପନ୍ଦନ ସ୍ଥିର ରହିଯାଇଥାଏ । ତେଣୁ ଶରୀରର ସ୍ପନ୍ଦନ, ଶ୍ୱାସ (ନିଶ୍ୱାସ, ପ୍ରଶ୍ୱାସ) ପରଖି ଅମୁକ ଲୋକର ମରଣ ହୋଇଗଲା ବୋଲି କହୁଛେ, ହେଲେ ତାତ୍କାଳିକମରଣରେ ଜୀବ ଶରୀରକୁ ଛାଡିଯାଇ ନଥିଲେ ମଧ୍ୟ ତାକୁ କାହିଁକି ମରଣ କହିବା ? ବୋଲି କେତେକ ପଚାରି ପାରନ୍ତି । ତା'ର ସମାଧାନ ହେଉଛି ! ମରଣ ବିଷୟ ସିଦ୍ଧାନ୍ତଯୁକ୍ତ ହୋଇଥିଲେ ମଧ୍ୟ ଯାହା ଲୋକେ ଆଖିରେ ଦେଖିଥା'ନ୍ତି ତାହାକୁ ହିଁ ବିଶ୍ୱାସ କରିଥା'ନ୍ତି । ଶ୍ୱାସ ଚାଲୁଥିଲେ ବଞ୍ଚିଛି, ଶ୍ୱାସ ଚାଲୁ ନଥିଲେ ମରଣ ହୋଇଯାଇଛି ବୋଲି ସମସ୍ତେ କହିଥାନ୍ତି । ଶେଷଶ୍ୱାସରେ ହିଁ ସଂପୂର୍ଣ୍ଣମରଣ ହୋଇଥାଏ ବୋଲି ଅନେକଙ୍କୁ ଜଣା ନଥାଏ । ଯେତେବେଳେ ଶ୍ୱାସ ବନ୍ଦ ହୋଇଯାଉଛି ସେତେବେଳେ ତାହା ଶେଷଶ୍ୱାସ ନୁହେଁକି ? ବୋଲି ଆପଣମାନେ ପଚାରି ପାରନ୍ତି । କେବଳ କାଳମରଣରେ ଶରୀରପାଇଁ ଶେଷଶ୍ୱାସ ଆସିଥାଏ ବୋଲି କହି ପାରିବା । ଅକାଳ ମରଣରେ ମଣିଷର ଶେଷଶ୍ୱାସ ବାବଦରେ କହିପାରିବା ନାହିଁ । କାରଣ ! ଦେଖାଯାଉଥିବା ଶରୀରରେ ଶ୍ୱାସ ଚାଲୁ ନଥିଲେ ମଧ୍ୟ ସୂକ୍ଷ୍ମ ଶରୀରରେ ଶ୍ୱାସ ଯଥାବିଧ ଚାଲିଥାଏ । ତେଣୁ ତାହା ବାସ୍ତବରେ ମରଣ ନୁହେଁ । ବାକି ତାତ୍କାଳିକ ମରଣ ବା ତୃତୀୟ ପ୍ରକାରର ମରଣରେ, ସିଦ୍ଧାନ୍ତ ଅନୁସାରେ ଶ୍ୱାସ ଶରୀର ଛାଡି ଚାଲିଯାଇ ନଥାଏ, ସେଥିଲାଗି ତା'କୁ ମଧ୍ୟ ମରଣ କହିପାରିବା ନାହିଁ । ଏଠାରେ ବିଶେଷ କଥା ହେଉଛି ! ଶରୀରରେ ଶ୍ୱାସ ଚଳପ୍ରଚଳ ନହୋଇ ସ୍ଥିର ରହିଯାଇଥାଏ । ଏହା ନଜାଣି ଶରୀର ସ୍ଥିର ରହିଯାଇଛି, ଶ୍ୱାସ ଚାଲୁନାହିଁ ବୋଲି ଉପରୁ ପରୀକ୍ଷା କରି ସମସ୍ତେ ଏହି ସ୍ଥିତିକୁ ମରଣ ବୋଲି କହିଥା'ନ୍ତି ।

ମରଣସିଦ୍ଧାନ୍ତ ଅନୁସାରେ ଶେଷଶ୍ୱାସରେ ଜୀବ ଶରୀର ଛାଡି ବାହାରକୁ ଯାଇଥାଏ ବୋଲି କହିଛୁ । ଆହୁରି କହିଛୁ ଯେ, କେବଳ କାଳ ମରଣରେ ହିଁ ଶେଷ ଶ୍ୱାସ ରହିଥାଏ । ଅକାଳ ମରଣରେ ଶେଷଶ୍ୱାସ ନଥାଇ ଶ୍ୱାସ ସୂକ୍ଷ୍ମ ଶରୀରରେ ଯଥାବିଧି ଚାଲୁଥାଏ । ଆଉ ତୃତୀୟ ପ୍ରକାରର ମରଣ ବା ତାତ୍କାଳିକ ମରଣରେ ଶ୍ୱାସ ଶରୀରରେ ସ୍ଥିର ରହିଯାଇ ଶରୀର ମୃତ ଘୋଷିତ ହେଉଥିଲେ ମଧ୍ୟ ଶରୀରରେ ଶେଷଶ୍ୱାସ ବାହାରକୁ ଯାଇନଥାଏ, ଜୀବ ଏବଂ ଆତ୍ମା ମଧ୍ୟ ଶରୀର ଛାଡି ବାହାରକୁ ଯାଇ ନଥା'ନ୍ତି । ତାତ୍କାଳିକ ମରଣରେ ଶରୀର ଭିତରକୁ ଯାଇଥିବା ଶ୍ୱାସ ଫୁସ୍‌ଫୁସ୍‌ରେ ଅଟକିଯାଏ । ଶ୍ୱାସ ନ ଚାଲିବା ଦ୍ୱାରା ହୃତ୍‌ପିଣ୍ଡ କାର୍ଯ୍ୟକରିବା ବନ୍ଦ କରିଦେଇଥାଏ । ହୃତ୍ପିଣ୍ଡ କାର୍ଯ୍ୟକରୁ ନଥିବାରୁ ଶରୀରରେ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଇଥାଏ । ତ'ଦ୍ୱାରା ଶରୀରର ନାଡୀଗୁଡିକ ସ୍ପନ୍ଦିତ ହୋଇନଥା'ନ୍ତି । ନାଡୀର ସ୍ପନ୍ଦନ ନଥିବାରୁ ମସ୍ତିସ୍କରୁ ପ୍ରବାହିତ ଚୈତନ୍ୟପ୍ରସାର ବନ୍ଦ ହୋଇଯାଇଥାଏ  ଯାହା ଦ୍ୱାରା ଶରୀର ଚଳନହୀନ, ଶ୍ୱାସହୀନ ହୋଇ ପଡିଥାଏ । ଏହାକୁ ସମସ୍ତେ ବାହାରୁ ଦେଖି ମରଣ କହିଲେ ମଧ୍ୟ ଆମ ହିସାବର ଏହା ଶାସ୍ତ୍ରବଦ୍ଧ ମରଣ ନୁହେଁ । କାରଣ ! ଶରୀରର ଜୀବ କିମ୍ବା ଆତ୍ମା ବାହାରକୁ ଯାଇନଥା'ନ୍ତି, ଶରୀରର ଶ୍ୱାସ ବାହାରକୁ ନଯାଇ ଭିତରେ ଅଟକି ରହିଥାଏ । ତେଣୁ ସେହି ଶ୍ୱାସ ମଧ୍ୟ ଶେଷଶ୍ୱାସ ନୁହେଁ ଏବଂ ତାହା ମରଣ ନୁହେଁ ବୋଲି କହି ପାରିବା । ଏହି ସମୟରେ ଜୀବର ସ୍ଥିତି କିପରି ଥାଏ ? ଏହି ସ୍ଥିତିକୁ କ'ଣ କହିବା ? ବୋଲି କେତେଜଣ ଏଇଠି ପଚାରି ପାରନ୍ତି । ଏହାର ସମାଧାନ ହେଉଛି ! ସେତେବେଳେ ଜୀବ ନିଦ୍ରାସ୍ଥିତି ପ୍ରାପ୍ତ ହୋଇଥାଏ । ଶ୍ୱାସାଦି ନଥିବାରୁ ତାହା ବାହାରକୁ ମରଣ ଭଳି ଦେଖାଯାଏ । ଏହି ଦୃଶ୍ୟକୁ ଦେଖି ଜନସାଧାରଣ କାହିଁକି ବୈଦ୍ୟମାନଙ୍କ ସମେତ ସମସ୍ତେ ମରଣ ହୋଇଛି ବୋଲି କହିଥାନ୍ତି, କିନ୍ତୁ ଆମେ ତାହାକୁ ତାତ୍କାଳିକମରଣ କହୁଛୁ ।

ତାତ୍କାଳିକମରଣ କେତେକଙ୍କର କର୍ମାନୁସାରେ ହୋଇଥାଏ । ଏହି ମରଣ କିଛି ସମୟ ନିଦରେ ଶୋଇ ଉଠିବା ଭଳି କେତେଘଣ୍ଟା ପରେ,

କେତେଦିନ ପରେ କିମ୍ବା କେତେମାସ ପରେ ଉଠିବା ଭଳି ଲାଗିଥାଏ । ହେଲେ ଏହି ମରଣ କଥା କାହାକୁ ଜଣାନଥାଏ । ତେଣୁ ଯେଉଁମାନଙ୍କର ତାତ୍କାଳିକ ମରଣ ହୋଇଥାଏ ସେମାନଙ୍କର ମରଣ ହୋଇଯାଇଛି ବୋଲି ଭ୍ରମିତ ହୋଇ କେତେକ ସେମାନଙ୍କ ଶବ ଦାହ କରିଦେଇଥାନ୍ତି କିମ୍ବା ପୋତି ଦେଇଥାନ୍ତି, ତେଣୁ ଏହାକୁ ଶବସଂସ୍କାର କହି ସେମାନଙ୍କ ଶରୀର ନକରିଦେବା ଦ୍ୱାରା ସେମାନଙ୍କୁ  ହତ୍ୟା  କରିଦେବା ଭଳି ହୋଇଥାଏ । ଶବ କହି ଶରୀରକୁ ନଷ୍ଟ କରିବା ପୂର୍ବରୁ ତାତ୍କାଳିକମରଣ ହୋଇଥିବା ବ୍ୟକ୍ତିର ଶରୀର ନଷ୍ଟ ହୋଇଯାଇ ନଥାଏ କାରଣ ଶରୀରରେ ଜୀବ ରହିଥାଏ । ଶରୀରର ରଙ୍ଗ ବଦଳୁ, ଶରୀର ଶୀତଳ ହୋଇଯାଉ କି ଶରୀରର କୌଣସି ସ୍ପନ୍ଦନ ନଥାଉ, ତଥାପି ଶରୀର ନଷ୍ଟ ହୋଇନଥାଏ । ସୃଷ୍ଟିରେ ଜୀବରାଶି ଯେବେଠାରୁ ଅଛନ୍ତି ସେବେଠାରୁ ଏହି ତାତ୍କାଳିକମରଣ ମଧ୍ୟ ରହିଛି । ପୂର୍ବର ଅନେକ ଲୋକ ଏହି ମରଣ ବାବଦରେ ଜାଣିଥିଲେ । କେତେକ ତାତ୍କାଳିକମରଣରୁ ପୂନର୍ବାର ଜୀବିତ ହୋଇଥିବା ବିଷୟ ଜଣାଯାଇଛି । ତାତ୍କାଳିକମରଣ କେତେକଙ୍କର  ଅଜାଣତରେ ହେଉଥିବା ବେଳେ, କେତେକ ଏହାକୁ ଜାଣି ପାଇଛନ୍ତି ।

*****

## ତାତ୍କାଳିକମରଣ କ'ଣ ବ୍ରହ୍ମଯୋଗ ?

ତାତ୍କାଳିକମରଣକୁ ଗଭୀରଭାବରେ ଅନୁଧ୍ୟାନ କରି ଦେଖିଲେ, ତାହା ଭଗବଦ୍ଗୀତାରେ କୁହାଯାଇଥିବା ବ୍ରହ୍ମଯୋଗ ଭଳି ରହିଛି ବୋଲି ବୁଝାଯାଏ । ବ୍ରହ୍ମଯୋଗରେ ବାହ୍ୟ ଜ୍ଞାନେନ୍ଦ୍ରିୟଗୁଡିକର ବିଷୟସବୁ ସ୍ଥିର ରହିଯାଇ, ଶ୍ୱାସ ନଚଳି, ହୃତ୍‌ପିଣ୍ଡର ସ୍ପନ୍ଦନ ମଧ୍ୟ ବନ୍ଦ ହୋଇଯାଇଥାଏ । ତାତ୍କାଳିକ  ମରଣରେ ମଧ୍ୟ ଶରୀର ଏହି ସ୍ଥିତିରେ ରହିଥାଏ । ବାହାରେ ବ୍ରହ୍ମଯୋଗ ଏବଂ ତାତ୍କାଳିକମରଣ ଏକ ଭଳି ଦେଖାଗଲେ ମଧ୍ୟ ଭିତରେ ଜୀବ ଅଲଗା ଅଲଗା ସ୍ଥିତିରେ ରହିଥାଏ । ତାତ୍କାଳିକମରଣ  ହୋଇଥିବା

ଜୀବ ସ୍ମୃତିରହିତ ହୋଇ ରହିଥାଏ, କିନ୍ତୁ ବ୍ରହ୍ମଯୋଗରେ ଜୀବ ସ୍ମୃତି ସହିତ ରହିଥାଏ । **ସ୍ମୃତି ରହିତ କହିଲେ ନିଦ୍ରା, ସ୍ମୃତି ସହିତ କହିଲେ ଯୋଗ** । ଯାହାର ତାତ୍କାଳିକମରଣ ହୋଇଛି, ଯିଏ ବ୍ରହ୍ମଯୋଗରେ ଅଛି ସେମାନଙ୍କ ସ୍ଥିତି ବାହାରୁ ଦେଖିବାକୁ ଏକାଭଳି । ତେଣୁ କିଏ ଯୋଗରେ ଅଛି କାହାର ତାତ୍କାଳିକମରଣ ହୋଇଛି କହିହେବ ନାହିଁ । ଉଭୟ ସ୍ଥିତିରୁ ଉଭୟ ଯଥା ସ୍ଥିତିକୁ ଆସିପାରନ୍ତି । ତେଣୁ ଉଭୟ ସ୍ଥିତିକୁ ତାତ୍କାଳିକମରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ବ୍ରହ୍ମଯୋଗକୁ ଏକ ପ୍ରକାର ତାତ୍କାଳିକମରଣ ବୋଲି କହିପାରିବା । ବ୍ରହ୍ମଯୋଗ କୁହାଯାଉଥିବା ତାତ୍କାଳିକମରଣକୁ ଯୋଗୀମାନେ ଜ୍ଞାତାବସ୍ଥାରେ ପାଇବାକୁ ଇଚ୍ଛା କରିଥାନ୍ତି । ଯୋଗୀ ହୋଇନଥିବା ସାଧାରଣ ମଣିଷ ନିଜର ଅଜାଣତରେ ତାତ୍କାଳିକମରଣ ପାଇଥାଏ । ତାତ୍କାଳିକମରଣ ଭଳି ଥିବା ବ୍ରହ୍ମଯୋଗର ସମୟ ନିର୍ଣ୍ଣୟକରି ଯୋଗୀ ବ୍ରହ୍ମଯୋଗରେ ବସିଥାଏ । ଏଭଳି ଗୋଟିଏ ଉଦ୍ଦେଶ୍ୟ ନେଇ ଯୋଗ ଆରମ୍ଭ କରିଥିବା ଯୋଗୀର ବାହ୍ୟସ୍ମୃତି କିଛିସମୟ ବ୍ୟବଧାନରେ ପୁଣି ଫେରିଥାଏ । ଯେଉଁମାନଙ୍କର ଅଜାଣତରେ ତାତ୍କାଳିକମରଣ ହୋଇଥାଏ ସେମାନଙ୍କର କୌଣସି ନିର୍ଣ୍ଣୟ ନଥାଏ, ତେଣୁ ସେମାନଙ୍କର ବାହ୍ୟ ସ୍ମୃତି କେବେ ଫେରିବ କହିହୁଏ ନାହିଁ । ବ୍ରହ୍ମଯୋଗୀ ଯୋଗରେ ବସିଥାଏ, ସେ ଯୋଗ ଆଚରଣ କରୁଥାଏ ବୋଲି ବାହାର ଲୋକମାନଙ୍କୁ ଜଣାଥିବାରୁ ଯୋଗୀ ଯେତେସମୟ ଯୋଗରେ ବସିଲେ ମଧ୍ୟ କିଛି ଅସୁବିଧା ନାହିଁ । କାରଣ ! ବାହାରର ଲୋକମାନେ ତା'କୁ ଯୋଗୀ ଭଳି ଦେଖିଥା'ନ୍ତି । ଯିଏ ବ୍ରହ୍ମଯୋଗୀ ନୁହେଁ ସେ ତାତ୍କାଳିକମରଣରେ ଥିବାବେଳେ ତା'ର ଶ୍ୱାସ ଅଟକି ଯାଇଥାଏ, ଶରୀର ସ୍ଥିର ହୋଇଯାଇଥାଏ, ତାହା ଦେଖି ତା'ର ମରଣ ହୋଇଯାଇଛି ଭାବି ଶବସଂସ୍କାର କରିଦେଇଥା'ନ୍ତି ।

ତାତ୍କାଳିକମରଣ ହୋଇଥିବା ଲୋକର ଆତ୍ମଶକ୍ତି ସାରାଶରୀରକୁ ଛାଡି କେବଳ ଶରୀରର ମସ୍ତିଷ୍କରେ କେନ୍ଦ୍ରିକୃତ ହୋଇ ରହିଯାଇଥାଏ ।

ବଞ୍ଚିଥିବା ସାଧାରଣ ବ୍ୟକ୍ତିର ଆତ୍ମଶକ୍ତି ସାରାଶରୀରରେ ବ୍ୟାପିରହିଥାଏ । ତାତ୍କାଳିକ ମରଣ ହୋଇଥିବା ମଣିଷର ଆତ୍ମଶକ୍ତି ମୁଣ୍ଡରେ ଥିବା ମସ୍ତିଷ୍କର ମଧ୍ୟ ଭାଗରେ ସ୍ଥିର ହୋଇଯାଇଥାଏ । ସୂତ୍ର ଅନୁସାରେ କହିହୁଏ ଯେ, **ଆତ୍ମା ଶରୀରରେ ଥିବା ପର୍ଯ୍ୟନ୍ତ ଜୀବାତ୍ମା ମଧ୍ୟ ଶରୀରରେ ରହିଥାଏ । ଆତ୍ମା, ଜୀବାତ୍ମା** ଦୁହେଁ ଜୁଗଳ ଆତ୍ମା ବା ଜୋଡି ଆତ୍ମା ବୋଲି ଅନେକ ଥର ଆମ ଗ୍ରନ୍ଥଗୁଡିକରେ, ପ୍ରବଚନଗୁଡିକରେ କହିଛୁ । ବଞ୍ଚିଥିବା ଶରୀରରେ ଯଦି ଏକ ଆତ୍ମା ଥାଏ ତେବେ ଦ୍ୱିତୀୟ ଆତ୍ମାଟି ମଧ୍ୟ ନିଶ୍ଚୟ ରହିଥାଏ । ସେଥିଲାଗି ମସ୍ତିଷ୍କର ମଧ୍ୟ ଭାଗରେ ଆତ୍ମାଶକ୍ତି ରହିଥିବା ବେଳେ ଜୀବାତ୍ମା ମଧ୍ୟ ଯଥାସ୍ଥାନରେ ରହିଥାଏ । ସାରାଶରୀରକୁ ଶକ୍ତି ଦେଉଥିବା ଆତ୍ମା ନିଜେ ସାରାଶରୀରରେ ରହି ନିଜ ଶକ୍ତିକୁ ମସ୍ତିଷ୍କର ମଧ୍ୟଭାଗରେ ରଖି ଦେଉଥିବାରୁ ଶରୀର ଶକ୍ତିହୀନ ହୋଇଯାଉଥିବା ବେଳେ ଶରୀରର ମନ ମଧ୍ୟ କାର୍ଯ୍ୟ କରିନଥାଏ । ମନ କିଛି କରୁନଥିବାରୁ ଜୀବାତ୍ମା କିଛି ଜାଣିନପାରି ନିଦ୍ରା ସ୍ଥିତିରେ ରହିଯାଏ । ତାତ୍କାଳିକମରଣ ହୋଇଥିବା ଜୀବର ବାହ୍ୟସ୍ମୃତି ଫେରିବା ପର୍ଯ୍ୟନ୍ତ ସେ ନିଦ୍ରା ସ୍ଥିତିରେ ରହିଯାଏ । ବଞ୍ଚିଥିବା ମଣିଷର ନିଦ୍ରା ମାତ୍ର କେତେଘଣ୍ଟା ପର୍ଯ୍ୟନ୍ତ ହୋଇଥାଏ, କିନ୍ତୁ ତାତ୍କାଳିକମରଣର ନିଦ୍ରା କେତେଦିନ ପର୍ଯ୍ୟନ୍ତ କିମ୍ବା କେତେମାସ ପର୍ଯ୍ୟନ୍ତ ହୋଇପାରେ । ସେ ନିଦ୍ରା କେତେଦିନ ପର୍ଯ୍ୟନ୍ତ ହେବ କିଛି କହିହୁଏ ନାହିଁ । ତାତ୍କାଳିକମରଣ କେତେଦିନ ପର୍ଯ୍ୟନ୍ତ ହେବ ତାହା ଆତ୍ମା ଉପରେ ନିର୍ଭର କରେ, ଆତ୍ମାର ନିର୍ଣ୍ଣୟ ଅନୁସାରେ ତାତ୍କାଳିକମରଣର କାଳ ନିର୍ଣ୍ଣୟ ହୋଇଥାଏ ।

ମସ୍ତିଷ୍କର ମଧ୍ୟଭାଗରେ ଥିବା ଛରିଗୋଟି ଚକ୍ରର କେନ୍ଦ୍ର ଭାବରେ ଆତ୍ମା ରହିଥାଏ । ଏହି ଛରି ଚକ୍ର ଅଗୋଚର, ତା'ର ଆଧାର ଭାବରେ ଥିବା ଆତ୍ମା ମଧ୍ୟ ଅଗୋଚର । ଛରିଚକ୍ର ଭିତରୁ ସଭା ତଳେ ଥିବା ଚକ୍ରରେ ଜୀବ ନିବାସ କରିଥାଏ । ଏହି ଛରିଚକ୍ର ମସ୍ତିଷ୍କରେ ଥିବା ପର୍ଯ୍ୟନ୍ତ

ଜୀବ ଶରୀର ଛାଡି ଯିବା ଅସମ୍ଭବ । ତାତ୍କାଳିକମରଣ ହୋଇଥିବା ମଣିଷର ଆତ୍ମାଶକ୍ତି ଶରୀରରୁ ମୁକୁଳିତ ହୋଇ କେବଳ ଚାରିଗୋଟି ଚକ୍ର ରହିଥିବା ସ୍ଥାନରେ ସ୍ଥିର ହୋଇ ରହିଥାଏ । ଆତ୍ମାଶକ୍ତି ଶରୀରସାରା ନରହି କେବଳ ଚାରିଚକ୍ରରେ ଥିବାବେଳେ ଚାରିଚକ୍ରଗୁଡିକ ଭିତରୁ ତଳେ ଥିବା ଗୁଣଚକ୍ର, କର୍ମଚକ୍ର ମଧ୍ୟ ସ୍ଥିର ହୋଇ ରହିଯାଇଥାଏ । ତେଣୁ ଶରୀରରେ କର୍ମ କିମ୍ବା ଗୁଣ ଆଚରିତ ହୋଇନଥାଏ । ସେଥିଲାଗି ତାତ୍କାଳିକମରଣ ହୋଇଥିବା ମଣିଷ ଗୁଣ ରହିତ ହୋଇ, କୌଣସି କର୍ମକୁ ଅନୁଭବ ନକରି ନିଦ୍ରା ସ୍ଥିତିରେ ରହିଯାଇଥାଏ । ଏହି ସ୍ଥିତି ବ୍ରହ୍ମଯୋଗରେ ମଧ୍ୟ ହୋଇଥାଏ, କିନ୍ତୁ ବ୍ରହ୍ମଯୋଗରେ ମନ ସ୍ମୃତିସହିତ ରହିଥାଏ । ତାତ୍କାଳିକମରଣରେ ମନ ମଧ୍ୟ କାର୍ଯ୍ୟ କରୁନଥିବାରୁ ସେହି ସ୍ଥିତିକୁ ନିଦ୍ରା ସ୍ଥିତି କହି ପାରିବା । ମସ୍ତିଷ୍କରେ ଥିବା ଚରିଚକ୍ର ସମୁଦାୟକୁ ତଳ ଚିତ୍ରରେ ଦେଖନ୍ତୁ ।



କାଳମରଣରେ ଶେଷଶ୍ୱାସ ଚାଲିଯିବା ବେଳେ ଶରୀରରୁ ଏହି ଚରିଚକ୍ର ବାହାରକୁ ଚାଲିଯାଇଥାଏ । ଚରିଚକ୍ରର କେନ୍ଦ୍ର(ଅଖ) ଭାବରେ ଥିବା ଆତ୍ମା, ତଳଚକ୍ରରେ ଥିବା ଜୀବାତ୍ମା, ଗୁଣ ସମୁଦାୟ, ତା'ଉପରେ ଥିବା କର୍ମ ସମୁଦାୟ ମରଣରେ ବାହାରକୁ ଯାଇ, ଅନ୍ୟ ଏକ ନୂଆ ଶରୀରରେ ପ୍ରବେଶ କରି ଜୀବକୁ ଜନ୍ମହେବା ଭଳି କରିଥାଏ । ତାତ୍କାଳିକମରଣ ସାଧାରଣ ମରଣ ଭଳି ଦେଖାଗଲେ ମଧ୍ୟ ତାକୁ ବ୍ରହ୍ମଯୋଗ କହିପାରିବା । ଯୋଗ ଭଳି ହୋଇଥିବା ତାତ୍କାଳିକମରଣରେ ଜୀବର କର୍ମ ଆଗକୁ ଗତି କରି ନଥାଏ, ସେହିଭଳି କୌଣସି ନୂତନ କର୍ମ ମଧ୍ୟ ଆସିନଥାଏ । ତାତ୍କାଳିକମରଣରେ କିମ୍ୱା ବ୍ରହ୍ମଯୋଗରେ ଯେଉଁ କ୍ରିୟା ଘଟିଥାଏ ତାହା ବାହାରକୁ ଦେଖା ଯାଇନଥାଏ ।

*****

# କ'ଣ ସମସ୍ତ ଜୀବରାଶିର ଏଭଳି ତାତ୍କାଳିକ ମରଣ ହୋଇଥାଏ ?

ଆମେ ଏପର୍ଯ୍ୟନ୍ତ କହିଥିବା ତାତ୍କାଳିକମରଣ ଅନେକଙ୍କୁ ନୂଆ ଲାଗୁଥିବ, ଆଶ୍ଚର୍ଯ୍ୟ ମଧ୍ୟ ଲାଗୁଥିବ । ଏହି ମରଣ ଖାଲି ମନୁଷ୍ୟ କାହିଁକି ଅନେକ ଜୀବରାଶୀଙ୍କଠାରେ ଦେଖାଯାଇଛି । କେତେକ ଅଞ୍ଚଳରେ କେତେକ ଛୋଟ ଛୋଟ ଜୀବରାଶି ଥରେ ଲେଖାଏ ତାତ୍କାଳିକମରଣ ପାଇଥିବା ବେଳେ, ଆଉକେତେକ ଜୀବରାଶି ଏକାଧିକ ବାର ତାତ୍କାଳିକମରଣ ପଇଥା'ନ୍ତି । ସେହି ଜୀବରାଶିଙ୍କ ଭିତରୁ ବେଙ୍ଗ ଅନ୍ୟତମ । କେତେକ ବେଙ୍ଗ ମାଟି ଭିତରେ ସମାଧିରେ ରହିଥିବା ଭଳି ଅନେକ ସ୍ଥାନରୁ ମାଟି ଖୋଳିବା ବେଳେ ବାହାରକୁ ଆସିଥା'ନ୍ତି । ଏହା ହୁଏତ ଆପଣମାନେ ଦେଖିଥାଇ ପାରନ୍ତି । ୧୦/୧୫ କିମ୍ୱା ୨୦ ଫୁଟ ମାଟି ତଳେ ମଧ୍ୟ ବେଙ୍ଗ ଏକ ବସା କରି ରହିଥିବା ଭଳି ଦେଖିବାକୁ ମିଳିଛି । ମାଟି ଖୋଳିବା

ବେଳେ ଦେଖିବାକୁ ମିଳୁଥିବା ବେଙ୍ଗ ଏତେ ଗଭୀର ମାଟି ଭିତରେ କିପରି ବଞ୍ଚିଥିଲା ? ସେ ସେଠାରେ କେତେ ଦିନ ଧରି ରହିଥିଲା ? ସେଠାରେ ସେ ଖାଉଥିଲା କଣ ? ବୋଲି ପ୍ରଶ୍ନକଲେ ବିଜ୍ଞାନରେ ପ୍ରାବୀଣ୍ୟତା ଅର୍ଜନ କରିଥିବା ବଡ ବଡ ଶାସ୍ତ୍ରଜ୍ଞମାନେ ମଧ୍ୟ ଏହାର ସମାଧାନ କରି ନପାରି ଏହା ଏକ ବିବରଣହୀନ ରହସ୍ୟ (un explained mysteries) ବୋଲି କହି ଛାଡି ଦେଇଛନ୍ତି । ଏ ବାବଦରେ ଆମେ କହିବାକୁ ଗଲେ, ମାଟି ଭିତରୁ ବାହାରିଥିବା ବେଙ୍ଗ ସେତେବେଳଯାଏ ତାତ୍କାଳିକମରଣରେ ରହିଥିଲା ବୋଲି କହିବୁ । ବେଙ୍ଗଟି କୌଣସି ଏକ ସମୟରେ, କୌଣସି ଏକ ଭୂଖୋଦନ ସନ୍ଦର୍ଭରେ ମାଟିରେ ପୋତିହୋଇ ରହିଥିଲା । ବାହାରକୁ ଆସିବା ପରେ ପୁଣି ଥରେ ଯଥାସ୍ଥିତିକୁ ଆସି ଚଳପ୍ରଚଳ ହେଉଛି । ଏଭଳି କେତେହଜାର, କେତେଲକ୍ଷ ବର୍ଷ ପୂର୍ବରୁ ସେ ସେଠାରେ ଥାଇପାରେ । ଏମିତି ରହି ପାରିବା କ'ଣ ସମ୍ଭବ ? ବୋଲି କେତେକ ପଚ୍ଚରି ପାରନ୍ତି । ସେଥିପାଇଁ ଆମର ସମାଧାନ ହେଉଛି–

ତାତ୍କାଳିକମରଣ ପାଇଥିବା କୌଣସି ଜୀବ ହେଉ, ମଣିଷ ହେଉ କେତେକାଳ ତାତ୍କାଳିକମରଣରେ ରହିବ ତା'ର କୌଣସି କାଳ ନିର୍ଣ୍ଣୟ ହୋଇ ନଥାଏ । ଏକଥା ଆଗରୁ କହିଛୁ । ବେଙ୍ଗ ବିଷୟକୁ ଗଲେ ବେଙ୍ଗ ମୁଣ୍ଡରେ ଥିବା ଚ୍ଚରିଚକ୍ରର ଚ୍ଚଳକ ଆତ୍ମା, ବେଙ୍ଗ ମାଟିରେ ପୋତି ହୋଇଯିବା ବେଳେ ତା'କୁ ତାତ୍କାଳିକମରଣରେ ରହିବା ଭଳି କରିଛି । ତାତ୍କାଳିକମରଣ ହେବା ପୂର୍ବରୁ ବେଙ୍ଗ ତା'ଚ୍ଚରିକଡରେ ଥିବା ମାଟିକୁ ଜିଭରେ ଚ୍ଚଟିଖାଇ, ନିଜେ ରହିପାରିବା ଭଳି ଏକ ଖାଲି ସ୍ଥାନ ତିଆରି କରିଛି । ସେ ସେଠାରେ କିଛିକାଳ ସାଧାରଣ ସ୍ଥିତିରେ ରହିବା ପରେ ତା'ର ତାତ୍କାଳିକମରଣ ହୋଇଛି  ତା'ପରେ ସେ ନିଦ୍ରା ସ୍ଥିତିରେ ରହିଯାଇଛି । ଏହା ତା'ର ଜୀବନ ବଞ୍ଚିବା ସ୍ଥିତି ନୁହେଁ । କୌଣସି ସ୍ପନ୍ଦନ ନଥିବା ବେଙ୍ଗ

ଶରୀରର ଆତ୍ମା, ତା'ଶରୀରର କକାର୍ଯ୍ୟଗୁଡିକୁ ଅଟକାଇଦେବା ଦ୍ୱାରା, ତା'ର ଶରୀର ନବଢି ଯଥାସ୍ଥିତିରେ ରହିଯାଇଛି । ମାଟିରେ ପୋତିହୋଇ-ଯାଇଥିବା ଦିନ ତା'ର ଶରୀରର ପରିମାଣ ଯେତିକି ଥିଲା, କେତେହଜାର ବର୍ଷ ପରେ ବାହାରକୁ ଆସିବା ଦିନ ମଧ୍ୟ ସେହି ପରିମାଣର ରହିଛି । ସେଦିନ ତା'ର ବୟସ ଯେତିକି ଥିଲା ବାହାରକୁ ଆସିବା ଦିନ ମଧ୍ୟ ସେହି ବୟସ ହୋଇଛି । ସେଦିନ ସେ ଯେଉଁ ଜାତିର ଥିଲା ଏବେ ମଧ୍ୟ ସେହି ଜାତିର । ଏଭଳି କେତେକ ସ୍ଥାନରେ ପୂର୍ବରୁ ଥାଇ ଆଜି ନଥିବା ଜାତିର ବେଙ୍ଗ ମାଟି ଭିତରୁ ବାହାରକୁ ଆସିଛନ୍ତି । ଏହାର କାରଣ ସେ ଜାତିର ବେଙ୍ଗ ଆଜି ନଥିଲେ ମଧ୍ୟ ପୂର୍ବରୁ ଥିଲେ ବୋଲି ଜଣାଯାଉଛି । ଏଭଳି ରଙ୍ଗରେ, ପରିମାଣରେ ଭିନ୍ନ ଥିବା ବେଙ୍ଗ ମାଟି ଭିତରୁ ବାହାରିବା ଆମେ ଦେଖିଛୁ । ଏହା ଦ୍ୱାରା ଜଣା ଯାଉଛି ଯେ, ଆଜିର କାଳରେ ନଥିବା ଜାତିର ବେଙ୍ଗ ପୂର୍ବେ ଥିଲେ, ସେତେବେଳରୁ ତାତ୍କାଳିକ ମରଣରେ ଥିବା ସେହି ବେଙ୍ଗ ଏବେ ବାହାରକୁ ଆସିଛନ୍ତି ।

ଶ୍ୱାସକୋଷ କାର୍ଯ୍ୟ ନ କରି, ହୃତ୍‌ପିଣ୍ଡର ସ୍ପନ୍ଦନ ନଥାଇ ମଧ୍ୟ, ଏକ ଜୀବ କଣ ଶରୀରରେ ଏତେଦିନ ରହିପାରିବ ? ବୋଲି ପ୍ରଶ୍ନ ସମସ୍ତଙ୍କଠାରେ ଉଦ୍ଭବ ହୋଇପାରେ । ତା'ର ସମାଧାନ ହେଉଛି, ଏହି ବିଷୟ ଭୌତିକଶାସ୍ତ୍ର ଦ୍ୱାରା ସମାଧାନ ହୋଇପାରିବା ଅସମ୍ଭବ । ଭୌତିକଶାସ୍ତ୍ର କେବଳ ଭୌତିକ ଶରୀର ସମ୍ବନ୍ଧୀୟ । ତେଣୁ ଭୌତିକ ଶାସ୍ତ୍ରଜ୍ଞମାନେ ଏହାର ସମାଧାନ କରି ପାରିବେ ନାହିଁ । ତାତ୍କାଳିକମରଣ ଭୌତିକଶାସ୍ତ୍ର ଦ୍ୱାରା ବୁଝାଯାଇ ପାରେନାହିଁ । ସେଥିଲାଗି ସେମାନେ ଏହାକୁ ବିବରଣହୀନ ରହସ୍ୟ ବୋଲି (un explained mysteries) କହିଛନ୍ତି । ପ୍ରତି ବିଷୟର ଶାସ୍ତ୍ରବଦ୍ଧତା ରହିବା ଦରକାର । ଶାସ୍ତ୍ରବଦ୍ଧତା ଥିଲେ ଯାଇ ତା'ର ସମାଧାନ ହୋଇ ପାରିବ, ତା'ର ବାସ୍ତବତା ବାହାରକୁ ଆସି ପାରିବ । ବାହାରକୁ ମରଣ ହୋଇ,

ଅନେକ କାଳରୁ ଏକ ଜୀବ ବଞ୍ଚି ରହିଥିବା ବାସ୍ତବିକତାକୁ ଜାଣିବାକୁ ହେଲେ ବ୍ରହ୍ମବିଦ୍ୟାଶାସ୍ତ୍ରକୁ ଦେଖିବାକୁ ହେବ । ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ଶରୀରର ଆତ୍ମା ହିଁ ଶରୀରର ଅଧିକାରୀ । ଜୀବର ଶରୀରରେ କୌଣସି ହକ୍ ନାହିଁ । କେବଳ ଆତ୍ମା ଶରୀରକୁ ଏବଂ ଜୀବକୁ ଶାସନ କରିପାରେ । ବେଙ୍ଗ ଶରୀରରେ ଆତ୍ମା ଅଛି । ବେଙ୍ଗ ଶରୀରର ଅଧିକାରୀ ବେଙ୍ଗର ଆତ୍ମା, ତାର ଋରିଚକ୍ରକୁ ଅଟକାଇ ଦେଇ ଜୀବନ ବ୍ୟବସ୍ଥାକୁ ସ୍ଥିର କରିଦେଇଛି । ବେଙ୍ଗ ଶରୀରର ଜୀବକୁ ସଭାତଳେ ଥିବା ଗୁଣଚକ୍ରରେ ନିଦ୍ରା ସ୍ଥିତିରେ ରଖିଛି । ବେଙ୍ଗ ଶରୀରର ଉଷ୍ମତା, ଚଳନ କ୍ଷମତାକୁ ନିଜଠାରେ ମିଶାଇ ରଖିଛି, ଦରକାର ବେଳେ ପୁନର୍ବାର ଫେରାଇଦେଇ ପାରେ । ଆତ୍ମା ଏଭଳି କେତେକାଳ ପର୍ଯ୍ୟନ୍ତ ମଧ୍ୟ କରିପାରେ । ଯେତେବେଳେ ଆତ୍ମା ଇଚ୍ଛା କରିବ ସେତେବେଳେ ମେରୁଦଣ୍ଡ (ବ୍ରହ୍ମନାଡୀ) ଦ୍ୱାରା ଚୈତନ୍ୟ ଫେରାଇଦେଇ ପୂର୍ବ ଭଳି କରିପାରିବ । ସେତେବେଳେ ଶରୀରର ଉଷ୍ମତା ଫେରି ଶରୀରରେ ରକ୍ତସଞ୍ଚାଳନ, ହୃତ୍‌ପିଣ୍ଡ ସ୍ପନ୍ଦନ ଇତ୍ୟାଦି ପୂର୍ବବତ୍ ହୋଇ ଶରୀର ଚଳନ କ୍ଷମତା ଫେରିପାରିବ ଏବଂ ଜୀବ ନିଦ୍ରାରୁ ଉଠିବା ଭଳି ଜାଗ୍ରତାବସ୍ଥାକୁ ଆସିପାରିବ, କିନ୍ତୁ ସେତେବେଳେ ଜୀବ ଜାଣିପାରିବ ନାହିଁ ଯେ, ଏତେ ସମୟ ଧରି ତା'ର ସ୍ଥିତି କିଭଳି ଥିଲା । ଜୀବର କିମ୍ବା ତା'ର ମନ, ବୁଦ୍ଧିରେ ଏସବୁ ବିଷୟ ଆସିପାରିବ ନାହିଁ । ତା'କୁ କେବଳ ବୋଧହେବ ଯେ, ମୁଁ ଶୋଇଥିଲି ଏବେ ଉଠିଲି, କିନ୍ତୁ ସେ ଜାଣି ପାରିବ ନାହିଁ ଯେ, ଏତେ ସମୟ ମୋର ତାତ୍କାଳିକମରଣ ହୋଇଥିଲା । ତାତ୍କାଳିକ ମରଣରେ ରହି ଫେରି ଆସିଥିବାର କୌଣସି ଅନୁଭୂତି ମଧ୍ୟ ତା' ପାଖରେ (ସ୍ମୃତିରେ) ନଥିବ । ଏହିଭଳି ବ୍ରହ୍ମବିଦ୍ୟା ଶାସ୍ତ୍ରର ପ୍ରମାଣ ଅନୁସାରେ ଜୀବର ତାତ୍କାଳିକମରଣ ବାବଦରେ ଆମକୁ ଜଣାପଡିଛି । ଏହି ବିଷୟର ଶାସ୍ତ୍ରବଦ୍ଧତା ନାହିଁ ବୋଲି କେହି ହିସାବ କରନ୍ତୁ ନାହିଁ ।

*****

# ଯୀଶୁଙ୍କ ମରଣ କିଭଳି ମରଣ ଜାଣିଛନ୍ତି ?

ଖ୍ରୀଷ୍ଟମତ (ଖ୍ରୀଷ୍ଟଧର୍ମ)ର ମହାନ ଆରାଧ୍ୟ ପ୍ରଭୂ ଯୀଶୁଙ୍କର କୃଶ ଉପରେ ମରଣ ହୋଇଥିଲା ବୋଲି ସମସ୍ତେ କହିବାର ଶୁଣିଛୁ । ତାଙ୍କ ମରଣ ବାବଦରେ ଆମେ ପଚ଼ାରୁଛୁ ଯେ! ତାଙ୍କର କାଳମରଣ ହୋଇଥିଲା? ଅକାଳମରଣ ହୋଇଥିଲା? କି ତାତ୍କାଳିକମରଣ ହୋଇଥିଲା? ଯୀଶୁଙ୍କ ମରଣକୁ ନେଇ ଏଭଳି ତିନିଗୋଟି ପ୍ରଶ୍ନ ଅଛି ବୋଲି ବହୁଶା କେହି ଭାବିନଥିବେ । ସେମାନଙ୍କ ମତର କୌଣସି ବୋଧକ ହୁଏତ ଯୀଶୁଙ୍କ ମରଣ ବାବଦରେ ବିଚ଼ାର କରିନଥିବେ । ହେଲେ ଏଠାରେ ଆମେ କହୁଛୁ ଯେ; ଯୀଶୁପ୍ରଭୂଙ୍କର କାଳମରଣ ହୋଇନଥିଲା କି ଅକାଳମରଣ ହୋଇନଥିଲା, ତାଙ୍କର ତାତ୍କାଳିକମରଣ ହୋଇଥିଲା । ଯୀଶୁ ସେଠାରେ ଥିବା ସମସ୍ତଙ୍କୁ ଜଣାପଡିବା ଭଳି ମୃତ୍ୟୁବରଣ କରିଥିଲେ । ଲେଖା ଅଛି ଯେ, ଯୀଶୁଙ୍କର ମରଣ ହୋଇଯାଇଛି ବୋଲି ନିର୍ଦ୍ଧାରିତ ହେବାପାଇଁ, ଜଣେ ସୈନିକ କୃଶ ଉପରେ ତଳକୁ ମୁଣ୍ଡନୁଆଇଁ ରହିଥିବା ଯୀଶୁଙ୍କ କକ୍ଷଦେଶକୁ ବର୍ଚ୍ଛା ଦ୍ୱାରା ବିଦ୍ଧ କଲା । ସେତେବେଳେ ଯୀଶୁଙ୍କ ଶରୀରରେ କୌଣସି ସ୍ପନ୍ଦନ ନଥିଲା, ତେଣୁ ତାଙ୍କର ମରଣ ହୋଇଯାଇଥିବା ନିର୍ଦ୍ଧାରଣ ହୋଇଥିଲା । ଏହିଭଳି ତାଙ୍କର ମରଣ ହୋଇଯାଇଛି ବୋଲି ନିର୍ଦ୍ଧାରଣ ହେବା ପରେ ତାଙ୍କର ଶରୀରକୁ ଶବ କହି ଅନ୍ୟମାନଙ୍କୁ ହସ୍ତାନ୍ତର କରାଗଲା । ସେଠାରେ ଘଟିଥିବା ଅଦ୍ଭୁତ ଘଟଣା ହେଉଛି ! ସେ ମୃତୁବରଣ କରିଛନ୍ତି ବୋଲି କହିବାପାଇଁ ପ୍ରମାଣ ମିଳିଥିଲା ଏବଂ ଆମ କଥା ଅନୁସାରେ ତାଙ୍କର ମରଣ ସମସ୍ତଙ୍କ ଭଳି ସାଧାରଣ ମରଣ ହୋଇନଥିଲା । ଏ ବାବଦରେ କହିବା ପାଇଁ ମଧ୍ୟ ପ୍ରମାଣ ମିଳିଥିଲା । ଯୀଶୁଙ୍କର ମରଣ ହୋଇଯାଇଥିଲା କହିବା ପାଇଁ ତାଙ୍କୁ ବର୍ଚ୍ଛାରେ ବିଦ୍ଧ କରିବାବେଳେ ତାଙ୍କ ଶରୀରରେ କୌଣସି ସ୍ପନ୍ଦନ ନଥିଲା, ଯଦି ସେ ବଞ୍ଚିଥା'ନ୍ତେ ନିଶ୍ଚୟ ଟିକିଏ ହଲ୍‌ଚଲ୍ ହୋଇଥା'ନ୍ତେ, କିନ୍ତୁ ଏସବୁ ଦେଖାଯାଇ ନଥିବାରୁ ଜନସାଧାରଣଙ୍କ ମତରେ ସେ ମୃତ୍ୟୁବରଣ

କରିଥିବା ଭଳି ହୋଇ, ଆଉ କେତେକଙ୍କ ମତରେ ଯୀଶୁଙ୍କର ମରଣ ହୋଇ ନଥିଲା ବୋଲି କହିବା ପାଇଁ ମଧ୍ୟ ପ୍ରମାଣ ରହିଗଲା । ମରଣ ହୋଇଥିବା ବ୍ୟକ୍ତିର ରକ୍ତ ଶୀତଳ ହୋଇ ବସିଯାଇଥାଏ, କିନ୍ତୁ ସେଠାରେ ଜଣେ ସୈନିକ ବର୍ଛାବିଦ୍ଧ କଲାବେଳେ ରକ୍ତ ଝରି ଆସିଥିଲା । ଏଭଳି ଜଳ ଭଳି ରକ୍ତ ଝରି ଆସିଥିବାରୁ ଯୀଶୁଙ୍କ ମରଣ ଅନ୍ୟ କେତେକଙ୍କ ପାଇଁ ସନ୍ଦେହସ୍ପଦ ହୋଇଥିଲା । ଏହିଭଳି ଯୀଶୁଙ୍କ ମରଣ ଜନସାଧାରଣଙ୍କ ପାଇଁ ଦୁଇ ପ୍ରକାରର ସନ୍ଦେହ ହୋଇ ରହିବା ଭଳି ହୋଇଥିଲା ।

ଯୀଶୁଙ୍କର ମରଣ ହେବାବେଳେ (ଯୋହନଙ୍କ ଲିଖିତ ସୁ ସମାଚାରର ୧୯ ତମ ଅଧ୍ୟାୟର ୩୦ତମ ବାକ୍ୟରେ) "ସମାପ୍ତ ହେଲା ବୋଲି କହି ସେ ମୁଣ୍ଡ ନୁଆଇଁ ପ୍ରାଣ ତ୍ୟାଗ କଲେ ।" ବୋଲି ଲେଖାଅଛି । (ଲୂକ ଲିଖିତ ସୁସମାଚାରର ୨୩ତମ ଅଧ୍ୟାୟ, ୪୬ତମ ବାକ୍ୟରେ)– "ଯୀଶୁ ପାଟିକରି କହିଲେ ହେ ପରମପିତା ମୁଁ ମୋର ଆତ୍ମା ତୁମକୁ ଦେଉଛି" ଏହା କହିବା ପରେ ଯୀଶୁ ପ୍ରାଣତ୍ୟାଗ କଲେ, ବୋଲି ଲେଖାଅଛି । ଯୀଶୁ ଶେଷରେ କହିଥିବା ଏହି ଦୁଇଟି ବାକ୍ୟକୁ ବିଚାର କଲେ ବୁଝାଯାଏ ଯେ, ଯୀଶୁଙ୍କ ଶରୀରରେ ତାଙ୍କ ବ୍ୟତୀତ ତାଙ୍କର ଆଉଜଣେ କେହି ଅଧିପତି ରହିଥିଲା । ଆମ ଶରୀରରେ ଆମ ଛଡା ଆଉ କେହି ନଥା'ନ୍ତି ବୋଲି ମଣିଷ ଭାବିଥାଏ; କିନ୍ତୁ ସଂପୂର୍ଣ୍ଣ ଦୈବଜ୍ଞାନ ଜାଣିଥିବା ଯୀଶୁ ତାଙ୍କ ଶରୀରରେ କେହି ତାଙ୍କଠାରୁ ବଡ, ତାଙ୍କର ଦୈବ, ତାଙ୍କର ପଡୋଶୀ ଯିଏ କି ତାଙ୍କର ଅଧିକାରୀ ଭାବରେ ରହି ତାଙ୍କୁ ପରିଚାଳିତ କରୁଛି ସେ ଅଛି ବୋଲି ଜାଣି, ଶେଷରେ କୃଶଉପରେ ମୋ' ଆତ୍ମା ତୁମକୁ ଦେଉଛି ବୋଲି କହିଥିଲେ । ଯୀଶୁଙ୍କର ଆତ୍ମା ଏଠାରେ ପ୍ରଥମଆତ୍ମା ଜୀବାତ୍ମା ହୋଇଥିବା ବେଳେ, ତାର ଅଧିପତି ହେଉଛି ଦ୍ୱିତୀୟ ଆତ୍ମା ହୋଇଥିବା ଆତ୍ମା । ଯୀଶୁଙ୍କ ଶରୀରକୁ ଏହି ଦ୍ୱିତୀୟ ଆତ୍ମା ହିଁ ପରିଚାଳିତ କରୁଥିଲା ବୋଲି

ସେ ଜାଣିଥିଲେ । ଖାଲି ତାଙ୍କ ଶରୀରର ଆତ୍ମା କାହିଁକି ! ଆମମାନଙ୍କର ଶରୀରକୁ, ଆମକୁ (ଜୀବାତ୍ମାକୁ) ଏହି ଦ୍ୱିତୀୟଆତ୍ମା ହିଁ ପରିଚାଳିତ କରୁଛି । ଶରୀରରେ ଆମେ ପ୍ରଥମଆତ୍ମା ହୋଇଥିବବେଳେ, ଆମକୁ ଦ୍ୱିତୀୟ ଆତ୍ମା ହୋଇଥିବା ଆତ୍ମା ପରିଚାଳିତ କରୁଛି । ଏହି ସୂତ୍ର ସର୍ବଜୀବରାଶିପାଇଁ ଏକ ସିଦ୍ଧାନ୍ତଭାବରେ ରହିଛି । ଯିଏ ଜ୍ଞାନୀ ସେ ନିଜକୁ କୌଣସି କାର୍ଯ୍ୟର କାରକ ନଭାବି ସବୁ ଆତ୍ମା ହିଁ କରୁଛି ବୋଲି ଭାବିଥାଏ । ଯୀଶୁ ମହାନ ଜ୍ଞାନୀ ହୋଇଥିବାରୁ ଶେଷରେ ତାଙ୍କର ମରଣ ଆସନ୍ନ ହୋଇଥିବାବେଳେ ମଧ୍ୟ, ମୋ' ଆତ୍ମା ତୁମକୁ ସମର୍ପଣ କରୁଛି, ତୁମେ ତୁମ ଇଚ୍ଛାରେ ଯାହା ବି କର୍ ବୋଲି କହି ସଂପୂର୍ଣ୍ଣ ଦାସୋହଂ ଭାବ ବ୍ୟକ୍ତ କରିଥିଲେ । **ପ୍ରତ୍ୟେକ ମଣିଷ ପ୍ରତ୍ୟେକ ବିଷୟରେ ଏଭଳି ରହିବା ଉଚିତ୍, ନିଜେ ନିଜକୁ କାରକ ଭାବିବା ଉଚିତ୍ ନୁହେଁ, ଏହି ମହାନ ଜ୍ଞାନ ସନ୍ଦେଶ ଯୀଶୁ ଶେଷ ସମୟରେ ମଧ୍ୟ ପ୍ରଜାମାନଙ୍କୁ ଜଣାଇ ଦେଇଥିଲେ ।**

ଯୀଶୁ ଏହିଭଳି କହିବା ପରେ ତାଙ୍କ ଶରୀରରେ ବ୍ୟାପିରହିଥିବା ଆତ୍ମାଶକ୍ତି ମେରୁଦଣ୍ଡ (ବ୍ରହ୍ମନାଡୀ) ରେ ପହଞ୍ଚି, ସେଠାରୁ ମୁଣ୍ଡର ମଧ୍ୟ ଭାଗରେ ପହଞ୍ଚିଥିଲା ଏବଂ ସେ ସମୟରେ ଶରୀରାନ୍ତର୍ଗତ କାର୍ଯ୍ୟସମୂହ ସ୍ଥିର ରହିଯାଇ, ବାହାରକୁ ମୃତଶରୀର ଭଳି ହୋଇଯାଇଥିଲା । ଭିତରର ଆତ୍ମା ଯେଉଁଭଳି ଇଚ୍ଛାକରେ ସେହିଭଳି କରିପାରେ, କାରଣ ଶରୀରର ଅଧିପତି, ଅଧିକାରୀ ହେଉଛି ଆତ୍ମା । ଶବ ଭଳି ହୋଇଯାଇଥିବା ଯୀଶୁଙ୍କ ଶରୀରରେ ରକ୍ତକୁ ଶୀତଳ ହେବାକୁ ନଦେଇ ଯଥାବିଧ ରଖିବା ଥିଲା ତାଙ୍କ ଶରୀରରେ ଥିବା ଆତ୍ମାର କାର୍ଯ୍ୟ । ତେଣୁ ସୈନିକ ଜଣକ ବର୍ଚ୍ଛାରେ ବିଦ୍ଧ କରିବାବେଳେ ତାଙ୍କଠାରୁ ରକ୍ତ ଝରିଥିଲା । ଏଭଳି କରିବା ଦ୍ୱାରା ପ୍ରଜାମାନଙ୍କ ମନରେ ସନ୍ଦେହ ଆସୁ ବୋଲି ଆତ୍ମାର ଉଦ୍ଦେଶ୍ୟ ଥିଲା ବୋଲି କହିପାରିବା । ସେହିଭଳି ଯୀଶୁଙ୍କ ଶରୀର ଅଚଳହୋଇ, ଶ୍ୱାସ ବନ୍ଦ

ହୋଇଯିବା ବେଳେ ଯୀଶୁଙ୍କର ମରଣ ହୋଇଗଲା ବୋଲି ପ୍ରଜାମାନସରେ ବିଶ୍ୱାସ ଅଣାଇବା ମଧ୍ୟ ଆତ୍ମାର କାର୍ଯ୍ୟ ଥିଲା ବୋଲି କହିପାରିବା । ଏହିଭଳି ଦୁଇଟି ସନ୍ଦେହଜନକ ସ୍ଥିତିରୁ, ପ୍ରକୃତ ସତ୍ୟକୁ ବିଚାର ଦ୍ୱାରା ପ୍ରଜାମାନେ ଜାଣି ପାରିବେ ବୋଲି ଆତ୍ମା ଏହିଭଳି କରିଥିଲା, ହେଲେ ପ୍ରଜାମାନେ ଏହାର ଅନ୍ତରାର୍ଥକୁ ବୁଝିବାକୁ ଚେଷ୍ଟା ନକରି, କେତେକ ଅଣ ଖ୍ରୀଷ୍ଟିଆନ୍ "ଯୀଶୁଙ୍କର କୃଶ ଉପରେ ମରଣ ହୋଇ ନଥିଲା, ସେ ମୃତ୍ୟୁବରଣ କରିଛନ୍ତି ବୋଲି ଅଭିନୟ କରିଥିଲେ, ସେତେବେଳେ ତାଙ୍କର ମରଣ ହୋଇଯାଇଛି ବୋଲି ସେଠିକାର ସମସ୍ତେ ଭାବିଥିଲେ ଏବଂ ତାଙ୍କୁ ସମାଧିରେ ରଖିଥିଲେ ସିନା, ସେ ମୃତ୍ୟୁକୁ ଜୟକରି ପୁନର୍ଜିବୀତ ହୋଇନଥିଲେ, ଖ୍ରୀଷ୍ଟିଆନ୍‌ମାନେ ଯାହା କହୁଛନ୍ତି ତାହା ମିଥ୍ୟା, ସେମାନେ ଯୀଶୁଙ୍କୁ ମୃତ୍ୟୁକୁ ଜୟ କରିଥିବା ଈଶ୍ୱର ବୋଲି କହିବା କେବଳ ମତ(ଧର୍ମ) ପ୍ରଚାର ଉଦ୍ଦେଶ୍ୟ ହୋଇପାରେ ସିନା, ଯୀଶୁଙ୍କର ମରଣ ହୋଇ ନଥିଲା କି ସେ ଆଉଥରେ ଜୀବିତ ହୋଇନଥିଲେ" ବୋଲି କହୁଛନ୍ତି ।

ସତରେ କ'ଣ ଯୀଶୁଙ୍କର ମରଣ ହୋଇନାହିଁ ? ବୋଲି ଆମକୁ ପଚାରିଲେ ଆମେ କହିବୁ ଯେ, ତାଙ୍କ ଶରୀର ଶୀଥିଳ ହୋଇ, ଶ୍ୱାସ ନ ଚାଲି ହୃତ୍ପିଣ୍ଡ ବନ୍ଦ ହୋଇଯିବା ବେଳେ, ଭୌତିକଶାସ୍ତ୍ର ଅନୁସାରେ ଯୀଶୁଙ୍କର ମରଣ ହୋଇଥିଲା । ବାସ୍ତବରେ ଯୀଶୁ ସେ ସମୟରେ ମୃତ୍ୟୁ-ବରଣ କରିଥିବା କଥାରେ କୌଣସି ସତ୍ୟତା ନାହିଁ ବୋଲି ଏବେ ଆମେ କହୁଛୁ । ଆମେ ଅନ୍ଧଭାବରେ କହୁନାହୁଁ, କହିବାକୁ ଇଚ୍ଛା କରୁନାହୁଁ । ଯାହା କହୁଛୁ ତାହା ସତ୍ୟ, ତେଣୁ ଆମ କଥାର ଶାସ୍ତ୍ରବଦ୍ଧତା ରହୁ ବୋଲି ଇଚ୍ଛା କହୁଛୁ । ନିଷ୍ପକ୍ଷପାତ ଭାବରେ ଶାସ୍ତ୍ରସମ୍ମତ ସତ୍ୟ କହିବାକୁ ଯାଇ, ଏକ ପଦ୍ଧତି ଅନୁସାରେ ଦେଖିଲେ ଭୌତିକଶାସ୍ତ୍ରର ସୂତ୍ର ଅନୁସାରେ ମରଣ ହୋଇଯାଇଥିବା ବ୍ୟକ୍ତିର ରକ୍ତ ଶୀତଳ ହୋଇଯାଇ ସାଧାରଣ ସ୍ଥିତିରେ

ନଥାଏ । ତେଣୁ ଏହି ସ୍ଥିତିରେ ଥିବା ପାତ୍ର ମୃତ୍ୟୁବରଣ କରିନାହିଁ ବୋଲି କହି ପାରିବା । ଆଉଏକ ପଦ୍ଧତିରେ ଦେଖିଲେ ସେହି ଭୌତିକଶାସ୍ତ୍ର ଅନୁସାରେ ଶରୀରର ହୃତ୍ପିଣ୍ଡ ବନ୍ଦ ହୋଇ, ଶ୍ୱାସ ବନ୍ଦ ହୋଇଯାଇଥିବା ଲୋକର ମରଣ ହୋଇଯାଇଛି ବୋଲି କହି ପାରିବା । ଏହି କଥା ଅନୁସାରେ କ୍ରୈସ୍ତବମାନେ (ଖ୍ରୀଷ୍ଟିଆନ୍‌ମାନେ) ଯୀଶୁଙ୍କର ମରଣ ହୋଇଥିଲା ବୋଲି କହିବା କଥାଟି ସତ ! ସେହିଭଳି ଅନ୍ୟମାନେ ଯୀଶୁଙ୍କର ମରଣ ହୋଇନଥିଲା ବୋଲି କହିବା କଥାଟି ମଧ୍ୟ ସତ୍ୟ !! ଏଠାରେ ପରସ୍ପର ବିରୋଧ ଘଟଣା କିପରି ଶାସ୍ତ୍ରବଦ୍ଧତା ହାସଲକରିବ ବୋଲି କେହିମଧ୍ୟ ପ୍ରଶ୍ନ କରିପାରନ୍ତି । ଶାସ୍ତ୍ରରେ ପରସ୍ପର ବିରୋଧ କଥା ରହି ନଥାଏ । ତେଣୁ ଯୀଶୁପ୍ରଭୂଙ୍କର ମରଣ ରହସ୍ୟ ଜାଣିବାକୁ ହେଲେ ତାଙ୍କ ମରଣକୁ ଷଟ୍ (ଷଡ)ଶାସ୍ତ୍ର ଭିତରୁ କେଉଁ ଶାସ୍ତ୍ରକୁ ଅନୁସରଣ କରି ଆଲୋଚନା କରିବାକୁ ହେବ ତାହା ପ୍ରଥମେ ଜାଣିବାକୁ ହେବ । ଏଭଳି ଜାଣୁ ଜାଣୁ ତାଙ୍କ ମରଣ ବିଷୟରେ କେଉଁ ଭୌତିକଶାସ୍ତ୍ରକୁ ଆଧାର କରି ଜାଣିପାରିବା ନାହିଁ ବୋଲି ଜଣାଯାଉଛି । କେବଳ ଦେଖାଯାଉଥିବା ଶରୀର ବାବଦରେ ହେଲେ ଭୌତିକଶାସ୍ତ୍ର କାମରେ ଆସିବ; କିନ୍ତୁ ଏଠାରେ ଦେଖାଯାଉ ନଥିବା ଜୀବାତ୍ମା, ଆତ୍ମାର ବିଷୟ ମଧ୍ୟ ରହିଛି । ତେଣୁ ତାଙ୍କ ମରଣକୁ ଷଷ୍ଠତମ ଶାସ୍ତ୍ର ହୋଇଥିବା ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ଦେଖିବାକୁ ହେବ । ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ମରଣ ବିଷୟ ନିଶ୍ଚୟ ବୁଝାପଡିବ ।

ବ୍ରହ୍ମବିଦ୍ୟାର ଅର୍ଥ ହେଉଛି ବଡବିଦ୍ୟା । ବ୍ରହ୍ମର ଅର୍ଥ ବଡ, ତେଣୁ ବ୍ରହ୍ମବିଦ୍ୟାଶାସ୍ତ୍ରର ଅର୍ଥ ହେଉଛି ବଡବିଦ୍ୟାଶାସ୍ତ୍ର । ଭୂପୃଷ୍ଠରେ ଆମ ପାଇଁ କେବଳ ଛଅଗୋଟି ଶାସ୍ତ୍ର ରହିଛି, ଏହା ମନେରଖନ୍ତୁ । ସେଗୁଡିକ ହେଉଛନ୍ତି ୧) ଗଣିତଶାସ୍ତ୍ର, ୨)ଖ-ଗୋଳଶାସ୍ତ୍ର, ୩) ରସାୟନଶାସ୍ତ୍ର, ୪) ଭୌତିକଶାସ୍ତ୍ର, ୫) ଜ୍ୟୋତିଷ୍ୟଶାସ୍ତ୍ର ଏବଂ ୬) ବ୍ରହ୍ମବିଦ୍ୟାଶାସ୍ତ୍ର । ଏହି

ଶାସ୍ତ୍ରଗୁଡିକ ବ୍ୟତୀତ ଆଉ କୌଣସି ଶାସ୍ତ୍ର ନାହିଁ । ଏହି ଛଅଗୋଟି ଶାସ୍ତ୍ରର ଅନୁସନ୍ଧିତ ଶାସ୍ତ୍ର ଥାଇପାରେ, କିନ୍ତୁ ଷଡଶାସ୍ତ୍ର ବ୍ୟତୀତ ଆଉ କୌଣସି ଶାସ୍ତ୍ର ଭୂପୃଷ୍ଠରେ ନାହିଁ । ଯଦି କେହି ଅଛି ବୋଲି କହେ ତାହା ଶାସ୍ତ୍ର ନୁହେଁ । ଉଦାହରଣ ଭାବରେ ବୃକ୍ଷଶାସ୍ତ୍ର ଅଛି ବୋଲି କେହି ଯଦି କହେ ତାହା ଭୌତିକ ଶାସ୍ତ୍ରର ବୋଲି  କୁହନ୍ତୁ, ଭୂଗୋଳଶାସ୍ତ୍ର ଅଛି ବୋଲି କହିଲେ ତାହା ଖଗୋଳଶାସ୍ତ୍ରର ବୋଲି କହନ୍ତୁ । ଏବେ ଆମେ ଅସଲ ବିଷୟକୁ ଫେରିବା । ଭଗବଦ୍ଗୀତା ଶାସ୍ତ୍ରର ପୁରୁଷୋତ୍ତମପ୍ରାପ୍ତି ଯୋଗର ଅଷ୍ଟମ ଶ୍ଳୋକରେ-

**ଶରୀରଂ ଯ ଦବାପ୍ନୋତି ଯଚ୍ଚା  ପ୍ୟୁତ୍କ୍ରମତିଶ୍ୱରଃ ।**
**ଗୃହୀ ତୈତାନି ସଂଯାତି ବାର୍ଯୁଗନ୍ଧାନି  ବାସୟାତ୍ ।।**

ବୋଲି କୁହାଯାଇଛି । ଏହି ଶ୍ଳୋକର ଭାବାର୍ଥ ହେଉଛି ଏକ ଜୀବ ଶରୀର ଛାଡିବାକୁ ଇଚ୍ଛା କଲାବେଳେ, ତା'ସହିତ ତା'ର ଅଧିପତି ବା ଈଶ୍ୱର ଭାବରେ ଥିବା ଆତ୍ମା ଚରିଚକ୍ର ଭିତରେ ଥିବା ଜୀବକୁ, ଗୁଣଗୁଡିକୁ, ଜୀବର କର୍ମକୁ ନେଇ ପବନରେ ସୁବାସନା ଆଖିକୁ ଦେଖାନଯାଇ ଯିବା ଭଳି, କେହି ନଜାଣିବା ସ୍ଥିତିରେ ଅନ୍ୟଏକ ଶରୀରକୁ ଚାଲିଯାଏ ।

ଉପର ଶ୍ଳୋକର ପ୍ରମାଣ ଅନୁସାରେ ଶରୀରର ଅଧିପତି ଭାବରେ ଥିବା ଆତ୍ମା ନିଜ ସହିତ ଜୀବକୁ, ଗୁଣଗୁଡିକୁ, କର୍ମଗୁଡିକୁ ନେଇ ଚାଲିଯିବାକୁ ମରଣ ବୋଲି ଆମେ କହୁଛୁ । ଥରେ ଆତ୍ମା ଶରୀରକୁ ଛାଡି ଚାଲିଗଲେ ତାହା ମରଣ ହୋଇଥାଏ । ଶରୀରର ଥରେ ମରଣ ହୋଇଗଲେ ସେହି ଶରୀରରେ ଆଉଥରେ ଆତ୍ମା କେବେହେଲେ ପ୍ରବେଶ କରିନଥାଏ । ଏହା ଶାସ୍ତ୍ରବଦ୍ଧ ସୂତ୍ର । ଶରୀରରୁ ଆତ୍ମା ଚାଲିଗଲେ ଆଉଏକ ନୂଆଶରୀର ଧାରଣ କରିଥାଏ ସିନା, ପୁରୁଣା ଶରୀରରେ ପ୍ରବେଶ କରିନଥାଏ, ଏହା ଶାସ୍ତ୍ରବଦ୍ଧ ସିଦ୍ଧାନ୍ତ, ଯାହା ବଡଶାସ୍ତ୍ରର ସୂତ୍ର, ତେଣୁ କେବେ ମଧ୍ୟ ବଦଳି ନଥାଏ । ଯୀଶୁଙ୍କ ଶରୀରର ଆତ୍ମା ଶରୀରକୁ ଛାଡି ଯାଇନଥିଲା । ତେଣୁ ତାହାକୁ

କାଳମରଣ କହି ପାରିବା ନାହିଁ । ଯୀଶୁଙ୍କ ଶରୀରର ସମସ୍ତ ସ୍ପନ୍ଦନ ମସ୍ତିସ୍କର ବ୍ରହ୍ମନାଡୀରେ ରହିଥିଲା, ତେଣୁ ସେ ତାତ୍କାଳିକ ମରଣରେ ରହିଥିଲେ ସିନା ତାଙ୍କର ମରଣ ହୋଇନଥିଲା । ତାତ୍କାଳିକ ମରଣ ବାହାରକୁ ସାଧାରଣ ମରଣ ଭଳି ହୋଇଥାଏ । ସେଥିଲାଗି ଯୀଶୁଙ୍କର ମରଣ ହୋଇଯାଇଥିଲା ବୋଲି ସମସ୍ତେ ଭାବିଥିଲେ । ଭୌତିକଶାସ୍ତ୍ର ଅନୁସାରେ କିଛିଲୋକ ତାଙ୍କର ରକ୍ତ ଶୀତଳ ହୋଇନଥିଲା ତେଣୁ ସେ ମୃତ୍ୟୁବରଣ କରିନଥିଲେ, ବଞ୍ଚିଥିଲେ ବୋଲି କହୁଛନ୍ତି । ଏଠାରେ ଭୌତିକଶାସ୍ତ୍ର ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଏହା ଆତ୍ମା ସମ୍ବନ୍ଧୀୟ ମରଣ, ଜୀବନର ବିଷୟ, ସେଥିଲାଗି ବ୍ରହ୍ମବିଦ୍ୟାଶାସ୍ତ୍ର ଦ୍ୱାରା ସମାଧାନ କରିବାକୁ ହେବ । **ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ଯୀଶୁ ନିଦ୍ରାବସ୍ଥାରେ ପହଞ୍ଚି, ତାତ୍କାଳିକ ମରଣ ପ୍ରାପ୍ତହେବା ଦ୍ୱାରା ତାହା ବାହାରକୁ ମୃତ ଭଳି, ଭିତରେ ଜୀବିତ ଥିବା ଭଳି ହିସାବକୁ ନିଆଯିବ ।**

ମସ୍ତିସ୍କରେ ସମାହୀତ ହୋଇଥିବା ଆତ୍ମା ମଧ୍ୟ ରକ୍ତକୁ ଶୀତଳ ହେବାଭଳି କରିଦେଇ ପାରେ, କିନ୍ତୁ ଯୀଶୁଙ୍କ ମରଣରେ ମରଣ ବିଷୟ ପ୍ରଜାମାନଙ୍କର ଆଖି ଖୋଲିଦେବ, ତାତ୍କାଳିକମରଣକୁ ସମସ୍ତେ ବୁଝି ପାରିବେ ବୋଲି ଯୀଶୁଙ୍କର ଆତ୍ମା ଏଭଳି କରିଥିଲା, କିନ୍ତୁ ଏହି ଘଟଣାଟି ପ୍ରଜାମାନଙ୍କୁ ଏକ ସନ୍ଦିଗ୍ଧ ସ୍ଥିତିରେ ରଖିଦେଇଥିଲା; ତଥାପି ତା'ବାବଦରେ କେହି ବଚରକରି ଶାସ୍ତ୍ରବଦ୍ଧ ଜବାବ ଦେଇପାରିଲେ ନାହିଁ ।

ଯୀଶୁ ମୃତ ଘୋଷିତ ହେବାପରେ, ତାଙ୍କୁ କୃଶ ଉପରୁ ତଳକୁ ଓହ୍ଲାଇ ଦିଆଗଲା ଏବଂ ସମାଧିରେ ରଖାଗଲା । ସମାଧି କହିଲେ ମାଟିରେ ପୋତି ଦିଆଯାଉଥିବା ସମାଧି ନୁହେଁ, ପଥରଗୁମ୍ଫାକୁ ସେତେବେଳେ ସମାଧି କହୁଥିଲେ । ଯୀଶୁଙ୍କ ଶରୀର ପଥରଗୁମ୍ଫାରେ ରଖି, ସେ ଗୁମ୍ଫାର ଦ୍ୱାରକୁ ଆଉଏକ ପଥର ଦ୍ୱାରା ବନ୍ଦ କରିଦେଇଥିଲେ । ଯୀଶୁଙ୍କୁ ଶୁକ୍ରବାର ସକାଳ ନଅଟାବେଳେ କୃଶବିଦ୍ଧ କରିଥିଲେ, ସେ ମଧ୍ୟାହ୍ନ ତିନିଟାବେଳକୁ

ମୃତ୍ୟୁବରଣ କରିଥିଲେ ଏବଂ ସେହିଦିନ ସଂଧ୍ୟାରେ ତାଙ୍କୁ ପଥର ଗୁମ୍ଫାରେ ରଖି ଗୁମ୍ଫାର ଦ୍ୱାରକୁ ବନ୍ଦ କରି ଦିଆଯାଇଥିଲା । ଶନିବାରର ଦିନତମାମ ଯୀଶୁ ନିଦ୍ରା ଅବସ୍ଥାରେ ରହିଗଲେ । ରବିବାର ସକାଳହେବା ପୂର୍ବରୁ ଆତ୍ମା ତାଙ୍କ ଶରୀରରେ ଶକ୍ତି ପ୍ରସାର ହେବା ଭଳି କରିଥିଲା । ସେତେବେଳେ ତାଙ୍କ ଶରୀରରେ ହୃତ୍ପିଣ୍ଡର ସ୍ପନ୍ଦନ ଆରମ୍ଭ ହୋଇ, ରକ୍ତ ସଞ୍ଚାଳନ ହୋଇ, ଶ୍ୱାସ ଚଳିବାକୁ ଆରମ୍ଭ କଲା । ସେ ସମୟରେ ଯୀଶୁଙ୍କୁ ନିଦ୍ରାରୁ ଉଠିବା ଭଳି ଆତ୍ମା କରାଇବାରୁ ସେ ଉଠିବସିଲେ । ତାଙ୍କୁ କୃଶବିଦ୍ଧ କରାଯିବା ପରେ ସେ ଶୋଇପଡିଥିଲେ ବୋଲି ଜାଣି ପାରିଲେ । ଯୀଶୁ ସମ୍ପୂର୍ଣ୍ଣ ଶନିବାର ଦିନଟି ସମାଧି ଭିତରେ ନିଦ୍ରାବସ୍ଥାରେ ରହିଥିଲେ । ତେଣୁ ସେହି ଦିନକୁ ବିଶ୍ରାନ୍ତି ଦିନ ବୋଲି କହିଥିଲେ । ଯୀଶୁ ବଞ୍ଚିଛନ୍ତି ବୋଲି ତାଙ୍କ ଶିଷ୍ୟମାନଙ୍କୁ ଜଣାଇବା ପାଇଁ ଯୀଶୁ ପ୍ରଥମେ ତାଙ୍କ ଶିଷ୍ୟମାନଙ୍କ ପାଖକୁ ଯିବା ପୂର୍ବରୁ ମଗ୍ଦଲେନ୍ ମାରିୟାଙ୍କ ସହିତ କଥା ହୋଇଥିଲେ ଏବଂ ଶିଷ୍ୟମାନଙ୍କୁ ସାକ୍ଷାତ୍ କରିଥିଲେ । ଶିଷ୍ୟମାନେ ପ୍ରଥମେ ଯେତେବେଳେ ଯୀଶୁଙ୍କୁ ଦେଖିଲେ ସେମାନେ ତାଙ୍କୁ ଭୂତ କି ପ୍ରେତ ବୋଲି ଭାବିଥିଲେ, କିନ୍ତୁ ସେତେବେଳେ ଯୀଶୁ ତୁମେମାନେ କାହିଁକି ଏଭଳି ଭାବୁଛ **ମୁଁ ଆଗରୁ ଥିବା ତୁମରି ଯୀଶୁ** ବୋଲି କହି, ପ୍ରମାଣ ଭାବରେ ନିଜ ଶରୀରରେ ଥିବା କ୍ଷତଚିହ୍ନଗୁଡିକୁ ଦେଖାଇଥିଲେ, ପ୍ରମାଣଗୁଡିକୁ ଦେଖି ସେତେବେଳେ ତାଙ୍କୁ ଶିଷ୍ୟମାନେ ଚିହ୍ନିପାରିଥିଲେ । ତାଙ୍କ ଶରୀର ଉପରେ ଥିବା କ୍ଷତଗୁଡିକ କୃଶ ଉପରେ ଚଢିଥିବା ଯୀଶୁ ବୋଲି ଆଧାର ହୋଇଥିଲା । **ଏହା ଦ୍ୱାରା ଯୀଶୁ କୃଶ ଉପରେ ମୃତ୍ୟୁବରଣ କରିଥିଲେ ମଧ୍ୟ, ତାହା ସମସ୍ତଙ୍କୁ ଜଣାଥିବା କାଳମରଣ ନୁହେଁ, କାହାକୁ ଜଣା ନଥିବା ଅକାଳମରଣ ନୁହେଁ, ଆଜି ପର୍ଯ୍ୟନ୍ତ କାହାର ଭାବନାକୁ ମଧ୍ୟ ଆସିନଥିବା, ରହସ୍ୟ ଭାବରେ ରହିଥିବା ମରଣ ଏହି ତାତ୍କାଳିକମରଣ ବୋଲି ଜଣାପଡିଗଲା ।**

*****

# ତାତ୍କାଳିକ ମରଣ କ'ଣ ଆଉକାହାର ହୋଇଥିଲା ?

ନିଜ ନିଜର କର୍ମାନୁସାରେ ସର୍ବଜୀବରାଶି ତାତ୍କାଳିକମରଣ ପାଇଥା'ନ୍ତି । ଜନ୍ମିତ ସମସ୍ତ ଜୀବରାଶିର ଦିନେନା ଦିନେ ନିଶ୍ଚୟ ମରଣ ହେବ । ଅକାଳମରଣ ହୋଇ ପାରେ, ନହୋଇ ପାରେ । ସେହିଭଳି ତାତ୍କାଳିକ ମରଣ ନିଶ୍ଚୟ ହେବ ବୋଲି ମଧ୍ୟ କହିପାରିବା ନାହିଁ । କର୍ମାନୁସାରେ ହୋଇପାରେ । ସେହିଭଳି କହିପାରିବା ଯେ, କର୍ମଥିଲେ ନିଶ୍ଚୟ ହେବ । ଏହି ବିଷୟ କେତେ କହିଲେ ମଧ୍ୟ କେତେକ ବିଶ୍ୱାସ କରି ନପାରନ୍ତି । ସେମାନେ ଏହା ସତ ବୋଲି ଜାଣିବା ପାଇଁ, କେତେକ କୀଟର ନିଶ୍ଚୟ ତାତ୍କାଳିକ ମରଣ ହେବାଭଳି କର୍ମ ରହିଥାଏ । (Cryogenic Bugsicles) ନାମକ ଏକପ୍ରକାର କୀଟ ବରଫ ଅଞ୍ଚଳରେ ଜୀବନ ନିର୍ବାହ କରୁକରୁ, ସେ ଅଞ୍ଚଳରେ ବରଫ ନଥିବା ସମୟରେ ସୁଖରେ ଜୀବନ କାଟୁଥିଲେ ମଧ୍ୟ ବରଫ ଥିବା ସମୟରେ ସେହି ବରଫ ଦେହରେ ତାର ମରଣ ହୋଇଥାଏ । ଏଭଳି ବରଫରେ ମୃତ୍ୟୁବରଣ କରିଥିବା କୀଟ ବରଫର ମାତ୍ରା ବଢିବା କ୍ରମେ ବରଫ ଭିତରେ ସମାଧି ହୋଇଯାଏ । ଏଭଳି ପ୍ରାୟ ଛଅମାସ କାଳ ବରଫ ସମାଧି ଭିତରେ ରହିଯାଏ । ତା'ପରେ ପାଣିପାଗ ବଦଳି ବରଫ ତରଳିଯିବା ବେଳେ ସେ କୀଟ ବାହାରକୁ ଦେଖାଯାଏ ଏବଂ ପୁନର୍ବାର ଜୀବନ ପାଇ ଉଡିଥାଏ, ପୂର୍ବଭଳି ଜୀବନ ନିର୍ବାହ କରିଥାଏ । ଏହା ସେ ଅଞ୍ଚଳରେ ପ୍ରତିବର୍ଷ ହୋଇଥାଏ । ଏହାକୁ ଥରେ N.G Tv ଚ୍ୟାନେଲ୍ ପ୍ରସାର କରିଥିଲା । ଯୀଶୁ ତିନିଦିନ ପରେ ଉଠିଥିବା କଥା ବିଶ୍ୱାସ କରୁନଥିବା ଲୋକମାନେ ଏହି କୀଟ ବିଷୟରେ ଜାଣିବା ପରେ ନିଶ୍ଚୟ ବିଶ୍ୱାସ କରିପାରିବେ । ଏଭଳି ତାତ୍କାଳିକ ମରଣ ଅନେକ ଜୀବରାଶିଙ୍କର ହେଉଥିଲେ ମଧ୍ୟ ସେଗୁଡିକୁ ଚିହ୍ନିବା କାଠିକର ପାଠ । ବୋଧହୁଏ ତାତ୍କାଳିକ

ମରଣ ହୋଇଥିବା ଅନେକ ଜୀବରାଶିଙ୍କୁ ଦେଖି ଆମେ ସେମାନଙ୍କର ସାଧାରଣ ମରଣ ହୋଇଛି ଭାବିଥିବା । ହେଲେ ତାତ୍କାଳିକ ମରଣ ନାମକ ଏକ ମରଣ ଅଛି ବୋଲି ଜାଣିବା ପାଇଁ ପ୍ରକୃତିରେ ଏକ ଜୀବ ଛଅମାସ ତାତ୍କାଳିକ ମରଣରେ ରହି, ଛଅମାସ ସାଧାରଣ ଜୀବନ ବିତାଇଥାଏ । ଏହି ଦୃଷ୍ଟାନ୍ତକୁ ଦେଖିଲେ କେହି ମଧ୍ୟ ତାତ୍କାଳିକ ମରଣ ନାମକ ଏକ ପ୍ରକାରର ମରଣ ମରଣ ଭିତରେ ଅଛି ବୋଲି ମାନିବାକୁ ବାଦ୍ଧ୍ୟ ହେବ । ତାତ୍କାଳିକ ମରଣ କେତେଦିନ ହେବ ନିର୍ଦ୍ଧାରଣ କରି କହିପାରିବା ନାହିଁ । କାରଣ ! ତାହା କର୍ମାନୁସାରେ ନିର୍ଣ୍ଣୀତ ହୋଇ ରହିଥାଏ । ଏହି ମରଣ ଯୀଶୁଙ୍କର ତିନିଦିନ ହୋଇଥିଲା, ଅନ୍ୟମାନେ ମଧ୍ୟ କର୍ମ ଅନୁସାରେ ତିରିଶିଦିନ ରହି ପାରନ୍ତି, ତିନିଘଣ୍ଟା ମଧ୍ୟ ରହି ପାରନ୍ତି ।

*****

## ଅତୀତରେ କେହି ତାତ୍କାଳିକ ମରଣକୁ ଚିହ୍ନିଥିଲେ ?

ଏହି ସୃଷ୍ଟି ତିଆରିହେବା ଦିନୁ ତାତ୍କାଳିକ ମରଣ ଭୂପୃଷ୍ଠରେ ରହି ଆସିଛି । କେତେକ ଆଧ୍ୟାତ୍ମିକ ଜାଣିଥିବା ଲୋକମାନେ ଏହି ତାତ୍କାଳିକମରଣ ବାବଦରେ ଜାଣିଥିଲେ । ଏହି ଗ୍ରନ୍ଥ ରଚନା ହେବାର ୧୦୦ ବର୍ଷତଳେ ତାମିଲନାଡୁ ରାଜ୍ୟର କୁମ୍ଭକୋଣରେ ମାଷ୍ଟର୍ C.V.V Raman ନାମକ ଜଣେ ନାମି ଆଧ୍ୟାତ୍ମିକବେତ୍ତା ରହିଥିଲେ, ସେ କାଳରେ ସେ ଅଞ୍ଚଳରେ ସେ ଜଣେ ବଡ ଗୁରୁଭାବେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ଶିଷ୍ୟ କୋଟରାମ କୋଟେୟା, ସଙ୍ଗମେଶ୍ୱର ରାଓ ୧୯୧୧ ମସିହାରେ ଉଭୟଙ୍କ ଲିଖିତ "ଭୃକ୍ତରହିତ ତାରକ ରାଜଯୋଗ"

ନାମକ ଗ୍ରନ୍ଥର ୧୩ତମ ଫର୍ଦ୍ଦରେ ଏକ ଘଟଣା ବାବଦରେ ଲେଖିଥିଲେ । ଦିନେ ରମଣ ମହାଶୟ କୌଣସି ଅତ୍ୟାବଶ୍ୟକ କାର୍ଯ୍ୟରେ ବାହାରକୁ ଯାଇଥିବା ସମୟରେ, ତାଙ୍କ ପାଳିତ ମାଆ କଞ୍ଚୁପଟିସୁବମ୍ମା କାବେରୀନଦୀରୁ ଗାଧୋଇସାରି ଫେରିବା ସମୟରେ ହଠାତ୍ ତଳେପଡି ମୃତ୍ୟୁବରଣ କରିଥିଲେ । ଏ ଖବର ପାଇ ରମଣ ମହାଶୟ ଖବର କଲେ ଯେ, ସେ ନ ଫେରିବା ପର୍ଯ୍ୟନ୍ତ ଶବସଂସ୍କାର ନକରି ଘର ଭିତରେ ସୁରକ୍ଷାରେ ରଖିଥାଅ । ଏକଥା ଶୁଣି ଘରର ଲୋକମାନେ ଅତି ସତର୍କତାର ସହିତ ସୁବମ୍ମାଙ୍କ ଶରୀରକୁ ସୁରକ୍ଷିତ ରଖିଥିଲେ । ଦୀର୍ଘ ୧୬ ଦିନ ପରେ ରମଣ ମହାଶୟ ଘରକୁ ଫେରି ତାଙ୍କ ପାଳିତ ମାଆଙ୍କୁ ବଞ୍ଚାଇଥିଲେ । ସେତେବେଳେ ସୁବମ୍ମାଙ୍କ ବୟସ ୮୦ବର୍ଷ ହୋଇଥିବା ବେଳେ ସେ ପୁନର୍ଜିବୀତ ହୋଇ ଆହୁରି ତିନିବର୍ଷ ବଞ୍ଚିଥିଲେ । ୮୦ ବର୍ଷିୟା ମାଆଙ୍କୁ ବଞ୍ଚାଇଥିବା ରମଣ ମହାଶୟ ଦିନେ ହଠାତ୍ ମୃତ୍ୟୁବରଣ କରିଥିବା ତାଙ୍କ ଜୋଇଁଙ୍କୁ ବଞ୍ଚାଇ ପାରିନଥିଲେ । ଏହି କଥା ଅନୁସାରେ ତାଙ୍କ ମାଆଙ୍କର ସମ୍ପୂର୍ଣ୍ଣ ମରଣ ହୋଇନଥିଲା, ତାଙ୍କର ତାତ୍କାଳିକମରଣ ହୋଇଥିଲା ବୋଲି ଜାଣିଥିବା ସି.ଭି.ଭି ରମଣ ମହାଶୟ ତାଙ୍କୁ ବଞ୍ଚାଇପାରିଥିଲେ ବୋଲି ଜଣା ପଡୁଛି । ତେଣୁ ସେ କାଳରେ ରମଣମ ହାଶୟ କାଳ ମରଣ, ତାତ୍କାଳିକମରଣକୁ ଜାଣିଥିଲେ ବୋଲି ଜଣାପଡୁଛି ।

ଉପର ବିଷୟ ମାତ୍ର ୧୦୦ବର୍ଷ ତଳର ହୋଇଥିବା ବେଳେ, ୫୨୦୦ବର୍ଷ ତଳେ ଶ୍ରୀକୃଷ୍ଣଙ୍କ ସମୀପରେ ଘଟିଥିବା ଏକ ଘଟଣାର ବିବରଣୀ ଜଣାଉଛୁ ଦେଖନ୍ତୁ । ଶ୍ରୀକୃଷ୍ଣଙ୍କୁ ବାଲ୍ୟକାଳରେ ଭୌତିକବିଦ୍ୟା ଶିଖାଉଥିଲେ ସାନ୍ଦୀପ । ସାନ୍ଦୀପଙ୍କ ପୁତ୍ର ଛୋଟ ବୟସରେ ମୃତ୍ୟୁବରଣ କରିବା ବେଳେ ସାନ୍ଦୀପ ଅତୀଶୟ ଦୁଃଖରେ ବିଳାପ କରିଥିଲେ । ଛୋଟ ପିଲା ହେଲେ ମଧ୍ୟ ଗୁରୁଙ୍କୁ ଟିକିଏ ସାନ୍ତ୍ୱନା ଦେବା ପାଇଁ ସେଠାକୁ ଯାଇଥିବା

ଶ୍ରୀକୃଷ୍ଣ ଗୁରୁଙ୍କ ପୁତ୍ରକୁ ବଞ୍ଚାଇଥିଲେ ବୋଲି ଇତିହାସରେ ଲେଖାଅଛି । ୧୦୦ ବର୍ଷ ତଳେ ମାଷ୍ଟର ସି.ଭି.ଭି. ରମଣ ମହାଶୟ ତାଙ୍କ ପାଳିତ ମାତାଙ୍କୁ ବଞ୍ଚାଇଥିଲେ ମଧ୍ୟ ସେତେବେଳେ ସେମାନଙ୍କର କାଳ ମରଣ ନୁହେଁ, ତାତ୍କାଳିକ ମରଣ ହୋଇଥିଲା ବୋଲି ବୁଝାଯାଉଛି । ଯେଉଁମାନଙ୍କର କାଳ ମରଣ ହୋଇଛି ସେମାନେ ପୁନର୍ଜୀବିତ ହେବା ପ୍ରଶ୍ନ ନାହିଁ ବୋଲି ଆଗରୁ କହିଛୁ । ଜଣେ ମୃତ୍ୟୁବରଣ କରି ଆପଣାଛାଏଁ ଉଠୁ ବା କେହି ତା'କୁ ଉଠାଉ, ତାହା କାଳମରଣ ନୁହେଁ ତାତ୍କାଳିକମରଣ ବୋଲି ଜାଣିହେଉଛି । ତାତ୍କାଳିକମରଣରୁ କେହି କାହାକୁ ଉଠାଇଛି (ବଞ୍ଚାଇଛି) ଅର୍ଥାତ୍ ତା'କୁ ତାତ୍କାଳିକ ମରଣ ବାବଦରେ ଆଗରୁ ନିଶ୍ଚୟ ଜଣାଅଛି । ଏହି ତାତ୍କାଳିକ ମରଣରୁ ବଞ୍ଚାଇଥିବା ଲୋକମାନେ କିପରି ବଞ୍ଚାନ୍ତି ତାହା ସବିବରଣ କହିବାପାଇଁ ମୋତେ ମଧ୍ୟ ସେ ବାବଦରେ ଜଣା ନାହିଁ, ମୋ' ପାଖରେ କୌଣସି ଆଧାର ନାହିଁ । ସେମାନେ ତାତ୍କାଳିକମରଣ ବାବଦରେ କିପରି ଜାଣିଲେ ଏଠାରେ ତାହା ପ୍ରଶ୍ନ ନୁହେଁ, କିନ୍ତୁ ସେମାନଙ୍କୁ ତାତ୍କାଳିକ ମରଣ ବାବଦରେ ଜଣାଥିଲା ବୋଲି କହିପାରିବା ।

ଅତୀତରେ ତାତ୍କାଳିକ ମରଣ ବାବଦରେ ଜାଣିଥିବା ମହାନ ଆଧ୍ୟାତ୍ମିକଙ୍କମାନେ ଥିଲେ, ଏହା ସତ୍ୟ । ସେହି ମହାତ୍ମାମାନେ ତାତ୍କାଳିକ ମରଣରୁ କେତେକଙ୍କୁ ବଞ୍ଚାଇଥିବା ବେଳେ, ତାହାକୁ ଆମେ ମହାନ ମାହାତ୍ମ୍ୟ ବୋଲି କହିଛେ ସିନା, ସେହି ମରଣ ବାବଦରେ କେବେ ଜାଣି ନାହେଁ କି ଜାଣିବାକୁ ଚେଷ୍ଟା ମଧ୍ୟ କରିନାହେଁ । ଆଜିଯାଏ ଆମେ କାହିଁକି ତାତ୍କାଳିକମରଣ ବାବଦରେ ଜାଣି ପାରିନାହେଁ ତାହା ବୁଝିବା ପାଇଁ ଏକ ଉଦାହରଣ ଲେଖୁଛି ଦେଖନ୍ତୁ । ଏହା ବାଇବେଲ୍‌ର ଏକ ଉଦାହରଣ । ହେଲେ ତା' ପୂର୍ବରୁ ଗୋଟିଏ ଛୋଟ କଥା କହୁଛି । ମୁଁ ହେଉଛି ସଂପୂର୍ଣ୍ଣ ଇନ୍ଦୁ (ହିନ୍ଦୁ), ଯାହା କହୁଛି ତାହା ସଂପୂର୍ଣ୍ଣ ଇନ୍ଦୁଧର୍ମ । ଇନ୍ଦୁଧର୍ମକୁ

ବଳ ଯୋଗାଉଥିବା ଉଦାହରଣ ଯେଉଁଠି ଥିଲେ ମଧ୍ୟ ତା'କୁ ବାହାର କରି ଜଣାଇବା ମୋର କର୍ତ୍ତବ୍ୟ । ଅତୀତରେ ଇନ୍ଦୁଧର୍ମର ମହାନତାକୁ ଭୂଲ୍ ବୁଝିଥିବା କ୍ରୈସ୍ତବମାନଙ୍କୁ ନିନ୍ଦାକରି, ବାଇବେଲ୍‌ରେ ଯୀଶୁପ୍ରଭୂ କହିଥିବା ବାଣୀ ତୁମେମାନେ ଠିକ୍‌ରେ ବୁଝିପାରି ନାହଁ କହି ଯୀଶୁବାଣୀକୁ ସଠିକ୍ ଢଙ୍ଗରେ ଦେଖାଇଥିଲୁ । ତା'ଛଡା ଯୀଶୁବାଣୀର ବ୍ୟତିରେକ ବାଣୀ ବାଇବେଲରେ ଲେଖା ଅଛି ବୋଲି ଧୈର୍ଯ୍ୟର ସହିତ ମଧ୍ୟ କହିଥିଲୁ । **"ସୃଷ୍ଟିକର୍ତ୍ତା କୋର୍ଡ-୯୬୩"** (ଈଶ୍ୱରଙ୍କ ସଂକେତ-୯୬୩) ନାମକ ଛୋଟ ଗ୍ରନ୍ଥରେ ବାଇବେଲର ଆଦିକାଣ୍ଡ ମିଛ ବୋଲି ଲେଖିଛୁ । ଖାଲି ମିଛ ବୋଲି ନୁହେଁ,ବାଇବେଲର ଆଦିକାଣ୍ଡ ମିଛର ଖଣି ବୋଲି ମଧ୍ୟ ଲେଖିଛୁ । ହେଲେ ଆମ ଉଦ୍ଦେଶ୍ୟକୁ ଜାଣି ପାରୁନଥିବା କେତେକ ହିନ୍ଦୁ, ଆମକୁ ପରଧର୍ମ ପ୍ରଚାରକ ବୋଲି କହୁଛନ୍ତି । ଯେଉଁମାନଙ୍କୁ ହିନ୍ଦୁଧର୍ମ କ'ଣ ଜଣା ନାହିଁ, ସେମାନେ ହିନ୍ଦୁଧର୍ମ ସଂସ୍ଥା ନାମରେ ହିନ୍ଦୁମତର ସର୍ବନାଶ କରୁଥାଇ, ଆମ ଭଳି ଲୋକମାନଙ୍କୁ ପରମତ ବୋଧକ କହିବା, ନିଜ ଆଙ୍ଗୁଳିରେ ନିଜ ଆଖିକୁ ଫୁଟାଇବା ଭଳି ହେଉଛି କି ନାହିଁ ଆପଣମାନେ କହନ୍ତୁ ! ଆମେ କେଉଁଠି କେମିତି ବାଇବେଲ ବିଷୟ ଉଦାହରଣ ଭାବରେ କହିଲେ ଆମକୁ ପରମତ ବୋଧକ କହୁଛନ୍ତି, ଆମକୁ ଖ୍ରୀଷ୍ଟିଆନ୍ କହୁଛନ୍ତି ! ହିନ୍ଦୁମାନେ ମହାନ କହୁଥିବା ସ୍ୱାମୀ ବିବେକାନନ୍ଦ ତାଙ୍କ ଜୀବନ ଚରିତ ନାମକ ପୁସ୍ତକର (ତେଲୁଗୁ), ୧୭ତମ ଫର୍ଦ୍ଦରେ ଯୀଶୁଙ୍କ ସମୟରେ **"ଯଦି ମୁଁ ଥାଆନ୍ତି, ସେଦିନ ତାଙ୍କ ପାଦକୁ ମୋ' ଆଖିର ଲୁହ ନୁହେଁ ହୃଦୟର ରକ୍ତରେ ଧୋଇ ଦେଇଥାନ୍ତି" ବୋଲି କହିଥିଲେ,** ଏଭଳି କହିଥିବା ବିବେକାନନ୍ଦ କ'ଣ ସେଦିନ ଖ୍ରୀଷ୍ଟମତ ପ୍ରଚାର, ପ୍ରସାର କରୁଥିଲେ ? ମୁଁ କ୍ରୈସ୍ତବମାନଙ୍କୁ ଅନେକ ପ୍ରଶ୍ନ କରିଛି, ଅନେକ ସଂଦର୍ଭରେ ସେମାନଙ୍କ ଭୂଲ୍‌କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ମୁଁ ଲେଖିଥିବା ଗ୍ରନ୍ଥଗୁଡିକ ପଢିବା ପୂର୍ବରୁ, ମୋର ଉଦ୍ଦେଶ୍ୟ କ'ଣ ନଜାଣି,

ଅନାଲୋଚିତ ଭାବରେ ସମାଲୋଚନା କରିବା କେତେଦୂର ଠିକ୍ ଆପଣମାନେ ହିଁ ଥରେ ବିଚାର କରନ୍ତୁ । ହେ ହିନ୍ଦୁଧର୍ମ ସଂସ୍ଥାମାନେ ! ମୁଁ ଆପଣମାନଙ୍କୁ ହିଁ କହୁଛି ! ଅଯଥା ସମାଲୋଚନା କରିବା ଠିକ୍ ନୁହେଁ ।

ସନାତନ ହିନ୍ଦୁଧର୍ମ ଆଧ୍ୟାତ୍ମିକତା ଉପରେ ଆଧାରିତ । ଆଧ୍ୟାତ୍ମିକ-ବେତ୍ତାମାନେ କେବଳ ହିନ୍ଦୁ (ଇନ୍ଦୁ)ମତ ଛଡା ଆଉ କେଉଁଠି ନାହାନ୍ତି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ସେହିଭଳି ଆଧ୍ୟାତ୍ମିକ ରହସ୍ୟ ହୋଇଥିବା ତାତ୍କାଳିକ ମରଣ ବାବଦରେ ଆଧ୍ୟାତ୍ମିକ ଗୁରୁ ମାଷ୍ଟର୍ ସି.ଭି.ଭି ରମଣ ମହାଶୟଙ୍କ ଉଦାହରଣକୁ, ବ୍ରହ୍ମବିଦ୍ୟାଶାସ୍ତ୍ର ଜଣାଇ ଦେଇଥିବା ଶ୍ରୀକୃଷ୍ଣଙ୍କ ଉଦାହରଣକୁ ଜଣାଇଛୁ । ସେହିଭଳି ବାଇବେଲ୍‌ର ଉଦାହରଣ ମଧ୍ୟ ଜଣାଉଛୁ ଦେଖନ୍ତୁ । ମାଥିଉ ଲିଖିତ ସୁସମାଚାରର ନବମ ଅଧ୍ୟାୟରେ ଥିବା ୨୩,୨୪,ଏବଂ ୨୫ତମ ଇତ୍ୟାଦି ବାକ୍ୟଗୁଡିକରେ "ତା'ପରେ ଯୀଶୁ ଯିହୁଦୀ ପ୍ରାର୍ଥନା- ଗୃହର ଅଧ୍ୟକ୍ଷଙ୍କ ଘରେ ପହଞ୍ଚିଲେ । ସେଠାରେ ବଂଶୀବାଦକମାନେ ସମାଧି ଜନିତ ବଂଶୀ ବଜାଉଥିଲେ । ଝିଅଟି ମୃତ୍ୟୁ ବରଣ କରିଥିବାରୁ ଲୋକେ କାନ୍ଦୁଥିଲେ । (୨୩) ଯୀଶୁ ସମସ୍ତଙ୍କୁ କହିଲେ ବାହାରିଯାଅ ଝିଅଟି ମରିଯାଇ ନାହିଁ, ସେ କେବଳ ଶୋଇପଡିଛି । ଏହାଶୁଣି ଲୋକମାନେ ଯୀଶୁଙ୍କୁ ଉପହାସ କଲେ (୨୪) ଲୋକଙ୍କୁ ଘରଭିତରୁ ବାହାର କରି ଦିଆଯିବା ପରେ ଯୀଶୁ ଭିତରକୁ ଗଲେ । ଝିଅଟିର ହାତ ଧରିଲେ । ଝିଅଟି ଉଠି ଠିଆହେଲା" ।-(୨୫) ବୋଲି ଲେଖାଯାଇଛି ।

ଯେଉଁମାନଙ୍କର ତାତ୍କାଳିକମରଣ ହୋଇଛି ସେମାନେ ନିଦ୍ରା ଅବସ୍ଥାରେ ରହିଥା'ନ୍ତି ବୋଲି ଆମେ ଆଗରୁ କହିଥିବା ଭଳି, ଯୀଶୁ ମଧ୍ୟ "ଝିଅଟି ମରିଯାଇ ନାହିଁ, ସେ କେବଳ ଶୋଇପଡିଛି" କହିଥିଲେ । ସେଠିକାର ପ୍ରଜାମାନେ ମରିଯାଇଛି ବୋଲି କହୁଥିବା ଝିଅଟିକୁ ଦେଖି,

ଝିଅଟି ମରିଯାଇ ନାହିଁ, କେବଳ ଶୋଇପଡିଛି କହିବା ଦ୍ୱାରା, ସେ ଝିଅର ତାତ୍କାଳିକ ମରଣ ହୋଇଥିଲା ବୋଲି ସ୍ପଷ୍ଟ ଜାଣିହେଉଛି । ତା'ଛଡା ଯୀଶୁ ସ୍ପଷ୍ଟଭାବରେ କହିଥିଲେ ଯେ, ଝିଅଟି ମରିଯାଇ ନାହିଁ; ତଥାପି କ୍ରୈସ୍ତବମାନେ ଆଜିଯାଏଁ ବୁଝି ନାହାନ୍ତି ଯେ, ତାତ୍କାଳିକ ମରଣ ବୋଲି ଏକ ମରଣ ଅଛି, ସେ ମରିନାହିଁ ବୋଲି କହିଥିବା ଯୀଶୁଙ୍କ କଥାକୁ ଭୁଲି, ଯୀଶୁ ମରିଯାଇଥିବା ମଣିଷକୁ ବଞ୍ଚାଇଲେ କହିବା ଭୁଲ୍ କି ଠିକ୍ ଆପଣମାନେ ବିଚାର କରନ୍ତୁ । ଏଠାରେ ଯୀଶୁଙ୍କ କଥାକୁ ସେମାନେ ବେଖାତିର୍ କରିଛନ୍ତି । ସ୍ୱୟଂ ଯୀଶୁଙ୍କର ତାତ୍କାଳିକ ମରଣ ହୋଇଥିବା ବେଳେ ଯୀଶୁ ମୃତ୍ୟୁବରଣ କରିଥିଲେ କହିବା କ'ଣ ଠିକ୍? ଯୀଶୁ ଶୁକ୍ରବାର ମଧ୍ୟାହ୍ନ ତିନିଟା ବେଳକୁ ତାତ୍କାଳିକ ଭାବରେ ମୃତ୍ୟୁବରଣ କରି, ସାରା ଶନିବାର ନିଦ୍ରାରେ ବିଶ୍ରାମ ନେଇ, ସକାଳ ଛଅଟା ବେଳକୁ ଉଠିଥିବା ବେଳେ, ସେ ମୃତ୍ୟୁକୁ ଜିତିଛନ୍ତି ବୋଲି କେତେକ କହିଥିବା କଥାରେ ବାସ୍ତବତାକୁ ଲୁଚାଇ ଯୀଶୁଙ୍କୁ ଭୁଲ୍ ଚିତ୍ରିତ କରିବା ଭଳି, ତାଙ୍କୁ ଭର୍ତ୍ସନା କରିବା ଭଳି ହୋଇଛି କି ନାହିଁ? ବୋଲି ମୁଁ ପଚାରୁଛି ।

ପୂର୍ବେ ଇନ୍ଦୁଧର୍ମର ଆଧ୍ୟାତ୍ମିକ ଜଣାଥିବା ଲୋକମାନେ, ସବୁପ୍ରକାର ମରଣ ସାଧାରଣ ମରଣ ନୁହେଁ, ମରଣ ତିନି ପ୍ରକାରର, ତାହା କାଳ, ଅକାଳ, ତତ୍କାଳମରଣ ବୋଲି ଜାଣିଥିଲେ । ଜାଣିବା ଛଡା ତାତ୍କାଳିକ ଭାବରେ ମୃତ୍ୟୁବରଣ କରିଥିବା କେତେକଙ୍କୁ ଚିହ୍ନି, ସେମାନଙ୍କୁ ଜଣାଥିବା ପଦ୍ଧତିରେ ବଞ୍ଚାଇ ପାରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମେ ୫୨୦୦ ବର୍ଷ ପୂର୍ବେ, ମୃତ୍ୟୁ ହୋଇଛି ବୋଲି ଭାବିଥିବା ସାନ୍ଦୀପଙ୍କ ପୁତ୍ରକୁ ଶ୍ରୀକୃଷ୍ଣ ପୁଣି ଥରେ ନିଦ୍ରାରୁ ଉଠାଇବା ଭଳି ତାତ୍କାଳିକ ମରଣରୁ ଉଠାଇଥିଲେ । ଏହି ଅନୁସାରେ ଦ୍ୱାପରଯୁଗରେ ତାତ୍କାଳିକମରଣ ପାଇଥିବା ଲୋକେ ଥିଲେ,

ସେତେବେଳେ ଶ୍ରୀକୃଷ୍ଣ ଏହି ତୃତୀୟ ପ୍ରକାରର ମରଣରୁ ଉଠାଇଥିଲେ ବୋଲି ଜଣାପଡୁଛି । ମାନବକୁ ଆଧ୍ୟାତ୍ମିକ ବିଦ୍ୟା ଶାସ୍ତ୍ରବଦ୍ଧ ଭାବରେ ଶ୍ରୀକୃଷ୍ଣ ଜଣାଇଥିଲେ । ସେଥିଲାଗି ସେ ହିଁ ଆଧ୍ୟାତ୍ମିକ ରହସ୍ୟ ହୋଇଥିବା ତାତ୍କାଳିକ ମରଣ ବାବଦରେ ଆମକୁ ଜଣାଇବା ଭଳି କରି ଦେଖାଇଥିଲେ ମଧ୍ୟ ଆମେ କେହି ସେ ବାବଦରେ ବୁଝିପାରି ନାହେଁ । ଏହାକୁ ଏକ ଆଧ୍ୟାତ୍ମିକ ରହସ୍ୟ ବୋଲି ବୁଝି ନ ପାରିବା ବ୍ୟତୀତ ଏହାକୁ ତାଙ୍କର ଏକ ମାହାତ୍ମ୍ୟ ବୋଲି ହିସାବ କରିଛେ । ସେଦିନରୁ ଆଜିଯାଏ କେହି କାହାକୁ ଏହି ତାତ୍କାଳିକ ମରଣରୁ ଉଠାଇବା ବେଳେ ସେମାନେ ମହାନ, ସେମାନେ ଏମିତି କରିପାରିଥିଲେ ବୋଲି କହୁଛେ ସିନା, ଏହା ଏକ ଆଧ୍ୟାତ୍ମିକ ଧର୍ମ, ଶରୀରରେ ଏହା ଆତ୍ମା କରୁଥିବା ଏକ କାର୍ଯ୍ୟ ବୋଲି କେହି ବୁଝିପାରି ନାହେଁ । ତାତ୍କାଳିକମରଣ ହୋଇଥିବା ଝିଅକୁ ଦେଖି ଝିଅଟି ମରିଯାଇ ନାହିଁ, ସେ କେବଳ ଶୋଇପଡିଛି, ଏକଥା ୨୦୦୦ ବର୍ଷ ପୂର୍ବେ ଯୀଶୁ କହିଥିଲେ, ସମସ୍ତେ ମରିଯାଇଛି ଭାବିଥିବା ଝିଅକୁ ଡାକି, ତାର ହାତ ଧରି ଉଠାଇବା ବେଳେ, ଝିଅଟି ଉଠିଥିଲା । ସେତେବେଳେ ଯୀଶୁ ମୁଁ ମରିଯାଇଥିବା ଲୋକକୁ ବଞ୍ଚାଉଛି ବୋଲି କହିନାହାନ୍ତି । ଅନ୍ୟମାନେ ମଧ୍ୟ କହିନାହାନ୍ତି, ବରଂ ସମସ୍ତେ ବଞ୍ଚାଇବା ଆଗରୁ କହିଛନ୍ତି ଯେ, ମୁଁ ଶୋଇଥିବା ଲୋକକୁ ଉଠାଉଛି । ବାଇବେଲ୍‌ରେ ଦୁଇଟି ସନ୍ଦର୍ଭରେ ଯୀଶୁ କହିଛନ୍ତି ଯେ, ସେ ଶୋଇଥିବା ଲୋକଙ୍କୁ ଉଠାଉଛନ୍ତି । ଥରେ ଝିଅଟି ବିଷୟରେ, ଆଉଥରେ ଲାଜର୍ ବିଷୟରେ ଶୋଇପଡିଛି ବୋଲି କହି ଉଠାଇଛନ୍ତି । ଏଭଳି କେତେକ ବଡ ବଡ କଥାକୁ କ୍ରୈସ୍ତବମାନେ ହିସାବରେ ରଖି ନାହାନ୍ତି, ଉପରନ୍ତୁ ଯୀଶୁ ମୃତ୍ୟୁବରଣ କରିଥିବା ଲୋକଙ୍କୁ ବଞ୍ଚାଇଥିଲେ କହିବା ସହିତ ଯୀଶୁବାଣୀକୁ ଅସତ୍ୟ ପ୍ରମାଣ କରିଦେବାରେ ଲାଗିପଡିଛନ୍ତି । ତା'ଛଡା ସ୍ୱୟଂ ଯୀଶୁ ତାତ୍କାଳିକ ମରଣ ନେଇ, ଗୋଟିଏ ଦିନ ସଂପୂର୍ଣ୍ଣ ବିଶ୍ରାମରେ ରହି, ତୃତୀୟ ଦିନ ଉଠିଥିବା

ବେଳେ ଯୀଶୁ ମରଣକୁ ଜୟ କରିଥିଲେ ବୋଲି କ୍ରୈସ୍ତବମାନେ ପଚାର କରିଛନ୍ତି । ଏକଥା ଯୀଶୁ କିପରି ସହିବେ ! ସେଥିଲାଗି ଏଭଳି ଆଧ୍ୟାତ୍ମିକ ରହସ୍ୟକୁ କୈସ୍ତବମାନେ ବୁଝି ନପାରିବା ଭଳି କରିଛନ୍ତି । ତା'ଛଡା ସ୍ୱୟଂ ଯୀଶୁ "ସତ୍ୟ ସ୍ୱରୂପୀ ବା ସାହାଯ୍ୟକାରୀ ଆସି ନ କହିବା ପର୍ଯ୍ୟନ୍ତ ଏକଥା କେହି ବୁଝିପାରିବେ ନାହିଁ" ବୋଲି କହିଛନ୍ତି । ଯୀଶୁ କ୍ରୈସ୍ତବମାନଙ୍କ ପ୍ରବକ୍ତା ବୋଲି କହୁଥିବା କ୍ରୈସ୍ତବମାନେ ଯୀଶୁଙ୍କର କାଳମରଣ କେଉଁଠି ହୋଇଥିଲା, କେବେ ହୋଇଥିଲା ଜାଣି ନାହାନ୍ତି । ତାଙ୍କ ଜୀବନର ଏକମାତ୍ର ତାତ୍କାଳିକ ମରଣ ବାବଦରେ କାହିଁକି, ଯୀଶୁଙ୍କ ବାବଦରେ ଆମେ ଯାହାସବୁ ଜାଣିଛୁ ତାହା ଖ୍ରୀଷ୍ଟିଆନ୍‌ମାନଙ୍କୁ ମଧ୍ୟ ଜଣା ନାହିଁ ।

*****

## ଶ୍ରୀକୃଷ୍ଣଙ୍କର କେଉଁ ପ୍ରକାର ମରଣ ହୋଇଥିଲା ?

ଇନ୍ଦୁମାନଙ୍କୁ (ହିନ୍ଦୁମାନଙ୍କୁ) ଧର୍ମ ଜଣାଇଦେଇଥିବା ମୁଖ୍ୟ ପ୍ରବକ୍ତା ହେଉଛନ୍ତି ଶ୍ରୀକୃଷ୍ଣ । ମାନବର ଆବଶ୍ୟକ ହେଉଥିବା ଦୈବଧର୍ମ ବୋଧ କରିଥିବା ଭଗବାନ ହେଉଛନ୍ତି ଶ୍ରୀକୃଷ୍ଣ, ସେ ତାଙ୍କ ଜୀବନରେ ଥରେ ତାତ୍କାଳିକମରଣ ପାଇଥିଲେ । ଏହା ଦ୍ୱାରା ତାତ୍କାଳିକମରଣ କ'ଣ ମଣିଷକୁ ଜଣାଇବା ତାଙ୍କର ଉଦ୍ଦେଶ୍ୟ ଥିଲା । ତାତ୍କାଳିକମରଣରେ ପଡିବା ତାଙ୍କର ଆବଶ୍ୟକ ନଥିଲେ ମଧ୍ୟ ତାହା ଏକ ଉଦାହରଣ ହୋଇ ରହିବାପାଇଁ ବାଲ୍ୟକାଳରେ ସେ ନିଜର ତାତ୍କାଳିକମରଣ ହେବା ଭଳି କରିଥିଲେ । ସେହି ତାତ୍କାଳିକମରଣ ବାବଦରେ ସେ ଜାଣିନଥିଲେ ବୋଲି ଆମେ କହି ପାରିବା ନାହିଁ । ଯେଉଁ ପର୍ଯ୍ୟନ୍ତ ମୁଁ ଜାଣେ କି ଶ୍ରୀକୃଷ୍ଣଙ୍କର ତାତ୍କାଳିକ

ମରଣ ୫୨୦୦ବର୍ଷ ପୁର୍ବେ ହୋଇଥିଲା । ସେହିଭଳି ତାତ୍କାଳିକମରଣରୁ ସେ ତାଙ୍କର ଗୁରୁ ସାନ୍ଦୀପଙ୍କ ପୁତ୍ରକୁ ଉଠାଇଥିଲେ । ଶ୍ରୀକୃଷ୍ଣ ୧୨୦ବର୍ଷ ଜୀବିତ ରହି ଶେଷରେ କାଳମରଣ ପାଇଥିଲେ, ତା'ପୂର୍ବରୁ ତାଙ୍କର ବାଲ୍ୟ ବୟଷରେ, ନନ୍ଦଗ୍ରାମ ନିକଟରେ ଥିବା କାଳନ୍ଦୀ ହ୍ରଦରେ ତାଙ୍କୁ ସାପ କାମୁଡିଥିଲା (ସର୍ପଦଂଶନ) । ସାପର ବିଷଦାନ୍ତ ରକ୍ତ ପ୍ରବାହିତ ହେଉଥିବା ନାଡୀରେ ପ୍ରବେଶ କରିଯିବା ଯୋଗୁଁ ମାତ୍ର ଦୁଇ ମିନିଟ୍ ଭିତରେ ତାଙ୍କର ମୁଣ୍ଡକୁ ବିଷ ଚଢିଯିବା ଦ୍ୱାରା ସେ ତାତ୍କାଳିକମରଣ ପାଇଥିଲେ । ତାଙ୍କର ସେହି ତାତ୍କାଳିକମରଣ ମାତ୍ର ଦଶମିନିଟ୍ ପାଇଁ ହୋଇଥିଲା । ଦଶମିନିଟ୍ ପରେ ସେ ଉଠିଥିଲେ ଅର୍ଥାତ୍ ତାତ୍କାଳିକମରଣ ହୋଇଥିବା ଶ୍ରୀକୃଷ୍ଣ ୧୦ମିନିଟ୍ କାଳ ତାତ୍କାଳିକମରଣ ନାମକ ନିଦ୍ରା ସ୍ଥିତିରେ ରହିଥିଲେ ।

ଶ୍ରୀକୃଷ୍ଣଙ୍କୁ ସାପ କାମୁଡିବା, ତାଙ୍କର ତାତ୍କାଳିକମରଣ ହେବା କଥା ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ । ଏକଥା ମହାଭାରତ କି ଭାଗବତରେ ଲେଖା ନାହିଁ ବୋଲି କେତେକ ଭାବି, ଯିଏ ଲେଖିଛି ବୋଧହୁଏ ତା'ର ମୁଣ୍ଡ ଖରାପ ହୋଇଯାଇଛି ବୋଲି କହି ପାରନ୍ତି । ଏକଥା କେହି ବିଶ୍ୱାସ କରିପାରିବେ ନାହିଁ ବୋଲି ମୋତେ ମଧ୍ୟ ଭଲ ଭାବରେ ଜଣାଅଛି; ତଥାପି ଏହି ଘଟଣାଟି ଏକ ନିରାଟ ସତ୍ୟଘଟଣା ବୋଲି ଜଣାଇ ଲେଖୁଛୁ । ସମସ୍ତଙ୍କ ପ୍ରଶ୍ନ ପାଇଁ ମୁଁ ଏକ ସମାଧାନ କରିପାରେ ଯେ, ମୁଁ ସେଦିନ ଦେଖିଥିଲି, ଆଜି କହୁଛି । ମୁଁ ସେଦିନ ଦେଖିନଥିଲି ବୋଲି ଆପଣମାନଙ୍କ ପାଖରେ କିଛି ଆଧାର ଅଛି କି ? ବୋଲି ଯଦି ମୁଁ ପଚାରେ ତେବେ ଆପଣମାନେ ମଧ୍ୟ କୌଣସି ଆଧାର ଦେଖାଇ ପାରିବେ ନାହିଁ ।

ଆପଣମାନଙ୍କୁ ଆହୁରି ଏକ ଆଶ୍ଚର୍ଯ୍ୟକର କଥା କହୁଛି । ତାହା ହେଉଛି ! ଆପଣମାନେ ବିଶ୍ୱାସ କରନ୍ତୁ ବା ନକରନ୍ତୁ ଏହା ଶତପ୍ରତିଶତ ସତ୍ୟ । ଏହା ସତ୍ୟ ହେଲେ ମଧ୍ୟ ସମସ୍ତେ ଏହାକୁ ବିଶ୍ୱାସ କରନ୍ତୁ ବୋଲି

ମୁଁ କହୁନାହିଁ । ଆପଣଙ୍କ ବିଶ୍ୱାସ ଅବିଶ୍ୱାସ ସହିତ ମୋର ଲାଭ, କ୍ଷତିର କୌଣସି ସଂପର୍କ ନାହିଁ, କିନ୍ତୁ ସତ୍ୟକୁ ଜଣାଇବା ମୋତେ ଉଚିତ ବୋଧ ହେଉଥିବା କାର୍ଯ୍ୟ, ସେଥିଲାଗି କହୁଛି । ବାଲ୍ୟ କାଳରେ କାଳିନ୍ଦୀ ହ୍ରଦରେ ଶ୍ରୀକୃଷ୍ଣଙ୍କୁ ସାପ କାମୁଡିଥିଲା, ସେ ୧୦ମିନିଟ୍ ପର୍ଯ୍ୟନ୍ତ ତାତ୍କାଳିକ ମରଣରେ ରହିଥିଲେ । ତା'ଛଡା ଶ୍ରୀକୃଷ୍ଣଙ୍କୁ ଯେଉଁ ସାପଟି କାମୁଡିଥିଲା ତା'ର ମାତ୍ର ଗୋଟିଏ ମୁଣ୍ଡ ଥିଲା, ଆଜି ଫଟୋରେ, ସିନେମାରେ ଦେଖୁଥିବା ଭଳି ଦଶଗୋଟି ମୁଣ୍ଡ ନଥିଲା ବୋଲି ଜଣାଉଛୁ । ଆହୁରି ମଧ୍ୟ ଜଣାଉଛୁ ଯେ, ସାପ ତାଙ୍କ ବାମଗୋଡର ପୁଟିଆକୁ କାମୁଡିଥିଲା । ସାଧାରଣତଃ ନାଗସାପ ୧କିମ୍ବା ୧/୨ଫୁଟ ଉଚ୍ଚକୁ ଉଠିଥାଏ, ସେଦିନ ଶ୍ରୀକୃଷ୍ଣଙ୍କୁ କାମୁଡିଥିବା ନାଗ ୧ଫୁଟ ଉପରକୁ ଉଠି ତାଙ୍କ ବାମଗୋଡର ପୁଟିଆକୁ କାମୁଡିଥିଲା । ସାପର ବିଷଦାନ୍ତ ଦୁଇଟି ରକ୍ତ ପ୍ରବାହିତ ହେଉଥିବା ମୁଖ୍ୟ ନାଡୀରେ ପ୍ରବେଶ କରିଥିବା କାରଣରୁ ବିଷ ମାତ୍ର ଦୁଇ ମିନିଟ୍ ଭିତରେ ସାରା ଶରୀରରେ ବ୍ୟାପିଯାଇ ମୁଣ୍ଡକୁ ଉଠିଯାଇଥିଲା, ଯେଉଁ କାରଣରୁ କି ସେ ସମୟରେ ତାଙ୍କର ତାତ୍କାଳିକମରଣ ହୋଇଯାଇଥିଲା । ସେଠାରେ ଥିବା ଶ୍ରୀକୃଷ୍ଣଙ୍କ ସାଥୀମାନେ ଏହି ଦୃଶ୍ୟକୁ ଦେଖିଥିଲେ । ସାପଟି କାମୁଡିଦେବା ପରେ ସମସ୍ତେ ଦେଖୁଥିବା ଅବସ୍ଥାରେ ସାପଟି ଭୟରେ ପାଣି ଭିତରକୁ ପଳାଇଥିଲା, କିନ୍ତୁ ନାଗସାପ ପାଣି ଭିତରେ ଅଧିକ ସମୟ ରହିପାରେ ନାହିଁ, ତେଣୁ ୧୦/୧୫ମିନିଟ୍ ବ୍ୟବଧାନରେ ପୁଣି ବାହାରକୁ ଆସିଥିଲା । ସେତେବେଳକୁ ଶ୍ରୀକୃଷ୍ଣ ନିଦ୍ରାସ୍ଥିତିରୁ (ତାତ୍କାଳିକ ମରଣରୁ) ଉଠିସାରିଥିଲେ, ତାଙ୍କୁ କାମୁଡି ଦେଇଥିବା ସାପକୁ ଦେଖି ଶ୍ରୀକୃଷ୍ଣ କ୍ରୋଧିତ ହୋଇଥିଲେ । ସେହି କ୍ରୋଧରେ ସାପଟିକୁ ଦେଖି ଶ୍ରୀକୃଷ୍ଣଙ୍କ ସମେତ ତାଙ୍କ ସାଙ୍ଗମାନେ ମିଶି ପିଟି ମାରି ଦେଇଥିଲେ । ଏହା ନିରାଟ ସତକଥା ହୋଇଥିବା ବେଳେ, କାଳିନ୍ଦୀହ୍ରଦର ନାଗରାଜ, ତାଙ୍କର ଦୁଇ ରାଣୀ, ନାଗରାଜଙ୍କର ଦଶମୁଣ୍ଡ ଇତ୍ୟାଦି ସବୁ ପୁରାଣ କଳ୍ପନା, ସତ୍ୟ ନୁହେଁ ।

ସାପ କାମୁଡାରେ ଶ୍ରୀକୃଷ୍ଣଙ୍କର ମୃତ୍ୟୁହେବା,ସେ ବଞ୍ଚିବା କଥା ଶୁଣି ମୃତବ୍ୟକ୍ତି କଣ ପୁଣିଥରେ ବଞ୍ଚିପାରେ ? ବୋଲି ସନ୍ଦେହ ଆସିପାରେ । ସେଥିଲାଗି ସମାଧାନରେ ଆମେ କହୁଛୁ ଯେ ! ନାଗସାପ କାମୁଡିଦେବା ପରେ ଯଦି କାହାର ମୃତ୍ୟୁ ହୋଇଛି ବୋଲି କହୁଛେ ବାସ୍ତବରେ ତାହା କାଳ ମୃତ୍ୟୁ ନୁହେଁ । ଏଭଳି ମରଣକୁ ଅକାଳ ମରଣ ମଧ୍ୟ କହି ପାରିବା ନାହିଁ । ନାଗସାପ କାମୁଡିଥିବା ଲୋକର ଶ୍ୱାସ ବନ୍ଦ ହୋଇଯାଇଥିଲେ ମଧ୍ୟ ତାହା ସଂପୂର୍ଣ୍ଣମରଣ ନୁହେଁ । ଏଭଳି ସ୍ଥିତିରେ ଶରୀର ଭିତରେ ପ୍ରବେଶ କରିଥିବା ଶ୍ୱାସ ଶରୀର ଭିତରେ ହିଁ ସ୍ଥିର ରହିଯାଇଥାଏ । ସେହି ଶ୍ୱାସ ଯଦି ବାହାରକୁ ଚାଲିଯାଏ ତେବେ ତାହା କାଳମରଣ ହେବ ବୋଲି ମରଣ ସିଦ୍ଧାନ୍ତରେ କହିଛୁ । ୧୯୮୦ ମସିହାରେ ଆମେ ରଚନା କରିଥିବା **"ଜନନ ମରଣ ସିଦ୍ଧାନ୍ତ"** ନାମକ ଗ୍ରନ୍ଥର କାଳମରଣ ସଂଦର୍ଭରେ ଲେଖିଛୁ । ଅକାଳମରଣ ବାବଦରେ **"ପ୍ରେତ, ଭୂତଙ୍କର ଯଥାର୍ଥ ସଂଘଟନା"** ନାମକ ଗ୍ରନ୍ଥରେ ଲେଖିଛୁ । ଏବେ ତାତ୍କାଳିକ ମରଣ ବାବଦରେ ଏହି **"ମରଣ ରହସ୍ୟ"** ନାମକ ଗ୍ରନ୍ଥରେ ଲେଖୁଛୁ । ନାଗସାପ କାମୁଡାରେ କେବଳ ବାହାରକୁ ଜଣାପଡିଥାଏ ଯେ, ଲୋକଟି ମୃତ୍ୟୁବରଣ କରିଛି, କିନ୍ତୁ ସେ ମୃତ୍ୟୁବରଣ କରିନଥାଏ । ଏହା ଶାସ୍ତ୍ରବଦ୍ଧ ସତ୍ୟ ତେଣୁ ଏହାକୁ ମନେ ରଖନ୍ତୁ । ଏଭଳି ସ୍ଥିତିରେ ରହିଥିବା ଲୋକ ଅନିର୍ଦ୍ଧିଷ୍ଟ କାଳପର୍ଯ୍ୟନ୍ତ ନିଦ୍ରାସ୍ଥିତିରେ ରହିଥାଏ । ଏହି ସମୟରେ କେହି ବିଷ ଝାଡି ଜାଣିଥିବା ଲୋକ ସେହି ଶରୀରକୁ ଚିକିତ୍ସାକରି ବିଷଝାଡି ବଞ୍ଚାଇଦେଇ ପାରେ । ମୁଖ୍ୟ ବିଷୟ ଜାଣନ୍ତୁ ଯେ, ନାଗସାପ କାମୁଡିଲେ କାହାର ମୃତ୍ୟୁ ହୋଇନଥାଏ, ତେଣୁ ନାଗସାପ କାମୁଡିଥିବା ଲୋକକୁ ମରିଯାଇଛି ବୋଲି ଭାବି ଯଥାଶୀଘ୍ର ଶବସଂସ୍କାର କରିଦିଅନ୍ତୁ ନାହିଁ ।

ଦ୍ୱାପର ଯୁଗରେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ନାଗସାପ କାମୁଡିଥିଲା, ତାଙ୍କର ତାତ୍କାଳିକମରଣ ହୋଇଥିଲା ଏବଂ ସେ ଆପଣାଛାଏଁ ଉଠିଥିଲେ

ବୋଲି କହିଛୁ । ସେଦିନ ଶ୍ରୀକୃଷ୍ଣଙ୍କ ଗୋଡରେ ସାପକାମୁଡାର କ୍ଷତଚିହ୍ନ ରହିଯାଇଥିଲା । ଏହା ମଧ୍ୟ କାହାକୁ ଜଣାନଥିବା ଏକ ରହସ୍ୟ ବିଷୟ । ଏହାକୁ ବିଶ୍ୱାସକରିବା ଆଗରୁ ଆଉଏକ ରହସ୍ୟ ମଧ୍ୟ ଜାଣିବା ଦରକାର । ଶ୍ରୀକୃଷ୍ଣ ଯେ ଭଗବାନ, ସେ ହିଁ ଦୈବାଂଶ, ସାକାର ଦୈବ (ପରମାତ୍ମା) ବୋଲି **"ଶ୍ରୀକୃଷ୍ଣ ଈଶ୍ୱର କି ଭଗବାନ ?"** ନାମକ ଗ୍ରନ୍ଥରେ ଲେଖିଛୁ, ସେହି ଗ୍ରନ୍ଥରେ ଶ୍ରୀକୃଷ୍ଣ ଏକ ଯୋଜନାବଦ୍ଧ ଭାବରେ ଭୂପୃଷ୍ଠରେ ତିନିଥର ଜନ୍ମ ନିଅନ୍ତି, ତାଙ୍କର ପ୍ରଥମଜନ୍ମ ପରେ ସେ ଆଉ ଦୁଇଥର ଜନ୍ମ ନେବେ, ତିନି ଥରରୁ ଦୁଇଥର ଜନ୍ମହୋଇ ଆସି ସାରିଲେଣି, ଏବେ ସେ ତୃତୀୟ ଥର ଆସୁଛନ୍ତି (ଜନ୍ମନେବେ) ବୋଲି କହିଛୁ । ଶ୍ରୀକୃଷ୍ଣ ଦ୍ୱିତୀୟ ଥର ଜନ୍ମନେବା ବେଳେ ତାଙ୍କର ପ୍ରଥମଜନ୍ମ ଶ୍ରୀକୃଷ୍ଣ ଅବତାରରେ ବାମ ଗୋଡ ପୁଟିଆରେ ଥିବା ସାପକାମୁଡା ଚିହ୍ନ, ଦ୍ୱିତୀୟ ଅବତାରରେ ମଧ୍ୟ ରହିଥିଲା, ସେ ଦ୍ୱିତୀୟ ଥର ଧାରଣ କରିଥିବା ଶରୀରରେ ମଧ୍ୟ ସେହି ବାମ ଗୋଡର ପୁଟିଆରେ, ସମାନ ଉଚ୍ଚତାରେ, ଅବିକଳ ସେହିଭଳି ସାପକାମୁଡା ଚିହ୍ନ ରହିଥିଲା । ଏଭଳି ଏହି ଚିହ୍ନ ରହିବାର କାରଣ ଶ୍ରୀକୃଷ୍ଣ ଆଜି ମଧ୍ୟ ଏକ ରୂପ ନେଇ ଜନ୍ମ ହୋଇଛନ୍ତି ବୋଲି ମଣିଷ ଜାଣିବା ପାଇଁ ବୋଧହୁଏ ରହି ଆସିଥିଲା ବୋଲି ଭାବୁଛୁ । ପ୍ରଥମ ଜନ୍ମ ଏବଂ ଦ୍ୱିତୀୟ ଜନ୍ମର ବ୍ୟବଧାନ ୩୦୦୦ ବର୍ଷ ଥିବାବେଳେ, ଦ୍ୱିତୀୟ ଜନ୍ମରେ ସାପକାମୁଡା ଚିହ୍ନ ଏକ ବିଶେଷତା ପ୍ରଦାନ କରୁଥିଲେ ମଧ୍ୟ ତାହା ଶ୍ରୀକୃଷ୍ଣ ଅବତାରରେ ହେଉ କି ଦ୍ୱିତୀୟ ଜନ୍ମରେ ହେଉ କେହି ସେ ବାବଦରେ ଜାଣି ପାରି ନାହାନ୍ତି ।

ଦ୍ୱିତୀୟ ଜନ୍ମରେ ଜଣେ ଭକ୍ତ ତାଙ୍କର ଗୋଡ ଘଷିଦେଉଥିବା (ଗୋଡକୁ ହାତରେ ଚିପି ମାଂସପେଶୀର ଆଳସ୍ୟ ଦୂର କରିବା – ଶରୀର ସେବା) ବେଳେ ଗୋଡରେ ଥିବା ସେହି ଚିହ୍ନକୁ ଦେଖି, ଏହା କ'ଣ ବୋଲି ସେହି ଚିହ୍ନ ବାବଦରେ ପଚାରିଥିଲା । ସେତେବେଳେ ସେ ଏହା ମୋର ପ୍ରଥମ ଜନ୍ମର ଚିହ୍ନ ବୋଲି କହିବା ସହିତ ଆଉ କେତୋଟି କଥା

କହିବାକୁ ଯାଇ, "ମୁଁ ଯେତେବେଳେ ମୃତ୍ୟୁବରଣ କରିବି ସେତେବେଳେ ମୋର ପ୍ରଥମ ଜନ୍ମର ମରଣ ଯେଉଁଠାରେ ହୋଇଥିଲା ସେହିଠାରେ ଥିବି, ଆଉ କିଛିଦିନ ପରେ ମୁଁ କୁଆଡେ ଯିବି ତାହା କେହି ଜାଣି ପାରିବେ ନାହିଁ, ଆଉ ମାତ୍ର କିଛିକାଳ ମୁଁ ତୁମମାନଙ୍କ ପାଖରେ ରହିବି" ବୋଲି କହିଥିଲେ । ଏକଥା ଶୁଣିବା ପରେ ସେହି ଭକ୍ତ କ'ଣ ହୃଦୟଙ୍ଗମ କଲେ କେଜାଣି ଚିହ୍ନଟିକୁ ବାରମ୍ବାର ଲକ୍ଷ୍ୟ କରୁଥିଲେ ମଧ୍ୟ ଆଉକିଛି ପଚାରି ନଥିଲେ । ଶ୍ରୀକୃଷ୍ଣ ମୃତ୍ୟୁବରଣ କରିବା ପରେ ତାଙ୍କୁ ଭାରତର ଗୁଜୁରାଟ ରାଷ୍ଟ୍ରରେ ସମାଧି ଦିଆଇଥିଲା, ତାହା ଆଜି ସମୁଦ୍ରରେ ମିଶିଯାଇଛି । ତା'ପରେ ତାଙ୍କର ଜନ୍ମ ବିଦେଶରେ ହୋଇଥିଲେ ହେଁ, ସେ ଦ୍ୱିତୀୟ ଜନ୍ମରେ ଭାରତକୁ ଆସି ସେହି ଗୁଜୁରାଟରେ ମୃତ୍ୟୁବରଣ କରିଥିଲେ । ଆଉ ଆମେ ଭାବୁଛୁ ଯେ, ଯଦି ଶ୍ରୀକୃଷ୍ଣ ତୃତୀୟ ଥର ଜନ୍ମ ନିଅନ୍ତି ତେବେ ତାଙ୍କ ଶରୀରରେ ସେହି ସାପ କାମୁଡା ଚିହ୍ନ କେଉଁଠି ରହିବ ତାହା ଆମର ଅନୁମାନର ବହିର୍ଗତ ବିଷୟ । ଶ୍ରୀକୃଷ୍ଣ ଦିତୀୟ ଜନ୍ମରେ କିଏ ଥିଲେ ତାହା ତ କାହିଁ ଜଣାଇଲେ ନାହିଁ ? ବୋଲି ଯଦି କାହାର ସଂଦେହ ଆସେ ତା'ହେଲେ, **ତାଙ୍କର ଦ୍ୱିତୀୟ ଜନ୍ମ ବାବଦରେ "ଶ୍ରୀକୃଷ୍ଣ ଈଶ୍ୱର କି ଭଗବାନ ?" ନାମକ ଗ୍ରନ୍ଥରେ ଥିବା 'ଶ୍ରୀକୃଷ୍ଣଙ୍କ ମରଣ ଲୋକର ଆଦର୍ଶ' ନାମକ ବିଷୟରେ ବିପୁଳ ଭାବରେ ଜଣାଇଛୁ,** ପଢିପାରନ୍ତି । ପ୍ରଥମ ଜନ୍ମରେ ମଧ୍ୟ ତାତ୍କାଳିକମରଣ ନେଇଥିବା ଶ୍ରୀକୃଷ୍ଣ, ଦ୍ୱିତୀୟ ଜନ୍ମରେ ତାତ୍କାଳିକ ମରଣରୁ ଆପଣାଛାଏଁ ଉଠି,ପ୍ରାୟ ୪୦ଦିନ ସେହି ଅଞ୍ଚଳରେ ରହି, ସେଠାରୁ ଇନ୍ଦୁଦେଶ ଆସି, ଇନ୍ଦୁଦେଶରେ ହିଁ ମୃତ୍ୟୁବରଣ କରିଥିଲେ ।

ଭୂପୃଷ୍ଠରେ ଜନ୍ମଗ୍ରହଣ କରିଥିବା କୌଣସି ମନୁଷ୍ୟ ହେଉ, କୌଣସି ଜୀବରାଶି ହେଉ ନିଶ୍ଚୟ ଦିନେନା ଦିନେ କାଳମରଣ ପାଇଥା'ନ୍ତି, ହେଲେ ଅକାଳ କିମ୍ବା ତତ୍କାଳମରଣ ପାଇବେ ସେଥିପାଇଁ କିଛି ନିର୍ଦ୍ଦିଷ୍ଟ ନିୟମ

ନାହିଁ । ତାତ୍କାଳିକମରଣ ଜୀବର କର୍ମାନୁସାରେ ନିର୍ଣ୍ଣୀତହୋଇ ରହିଥାଏ । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ତାଙ୍କର କର୍ମାନୁସାରେ ତାତ୍କାଳିକ ମରଣ ପାଇଥିଲେ । ସେହିଭଳି ତାଙ୍କର ଦ୍ୱିତୀୟ ଜନ୍ମରେ ମଧ୍ୟ ତାତ୍କାଳିକ ମରଣ ପାଇଥିଲେ । ଆଉ ବାକିଥିବା ତୃତୀୟ ଜନ୍ମରେ କ'ଣ ହେବ ତାହା ମଧ୍ୟ ତାଙ୍କର କର୍ମ ସମ୍ବନ୍ଧୀୟ ବିଷୟ, ତେଣୁ ଭବିଷ୍ୟତକୁ କହି ପାରିବା ନାହିଁ । ଆଜି ଆମେ ଏହି ତୃତୀୟ ପ୍ରକାରର ତାତ୍କାଳିକମରଣ ବାବଦରେ କହିବାପାଇଁ ଆଧାର ଭାବରେ ଶ୍ରୀକୃଷ୍ଣଙ୍କର ସେହି ତାତ୍କାଳିକମରଣ ରହିଛି । ଶ୍ରୀକୃଷ୍ଣ ସ୍ୱୟଂ ତାତ୍କାଳିକମରଣରେ ରହି ତାତ୍କାଳିକମରଣ ନାମକ ଏକ ପ୍ରକାରର ମରଣ ରହିଛି ବୋଲି ଜଣାଇ ଦେଇଥିଲେ । ତା'ଛଡା ଯାହାର ତାତ୍କାଳିକମରଣ ହୋଇଥାଏ ସେ ଆପଣାଛାଏଁ ବଞ୍ଚିପାରେ ବୋଲି ନିର୍ଦ୍ଧାରଣ କରି ମଧ୍ୟ ଶ୍ରୀକୃଷ୍ଣ ଦେଖାଇ ଦେଇଥିଲେ ।

*****

## ଯାହାର ତାତ୍କାଳିକ ମରଣ ହୋଇଥାଏ କ'ଣ ତା'ର ଚିକିତ୍ସା ଆବଶ୍ୟକ ?

ସାପ କାମୁଡିଥିବା ଲୋକକୁ ଚିକିତ୍ସା ଦ୍ୱାରା ବଂଚ଼ାଯାଇ ପାରେ, ଶ୍ରୀକୃଷ୍ଣ ସାପ କାମୁଡାରେ ତାତ୍କାଳିକମରଣ ପାଇ ଆପଣାଛାଏଁ ଉଠିଥିଲେ, ଏହି ଦୁଇଟି କଥାରେ ଦୁଇଟି ପଦ୍ଧତି ଦେଖାଯାଉଛି, ଏହି ଦୁଇଟି ପଦ୍ଧତିରୁ କେଉଁଟି ଠିକ୍ ? ସାପ କାମୁଡାରେ ମୃତ୍ୟୁବରଣ କରିଥିବା ସାଧାରଣ ଲୋକ କ'ଣ ବିନା ଚିକିତ୍ସାରେ ଆପଣାଛାଏଁ ବଞ୍ଚି ପାରେ ? ବୋଲି କେତେକ ପଚ଼ରି ପାରନ୍ତି । ସେଥିପାଇଁ ମୋତେ ଜଣାଥିବା ସମାଧାନ ହେଉଛି ! ମାନବର ଜାଗ୍ରତ, ସ୍ୱପ୍ନ, ନିଦ୍ରା ନାମକ ତିନିଗୋଟି ଅବସ୍ଥା ରହିଥାଏ । ଏହି

ସ୍ଥିତି ବାବଦରେ ସମସ୍ତଙ୍କୁ ଜଣାଥାଏ । ମଣିଷର ସ୍ୱପ୍ନ ଆସିବା ସାଧାରଣ ବିଷୟ ବୋଲି ସମସ୍ତେ ଜାଣନ୍ତି । ହେଲେମଣିଷ ଜାଗ୍ରତାବସ୍ଥାରୁ କିପରି ନିଦ୍ରାବସ୍ଥାରେ ପହଞ୍ଚେ ? ନିଦ୍ରାସ୍ଥିତିରୁ କିପରି ସ୍ୱପ୍ନ ସ୍ଥିତିରେ ପହଞ୍ଚେ ? ତାହା ଅନେକଙ୍କୁ ଜଣା ନଥିବା ରହସ୍ୟ । ମଣିଷର ନିଦ୍ରା, ଜାଗ୍ରତାବସ୍ଥା ଭଳି ମରଣ ଏବଂ ତାତ୍କାଳିକମରଣ ରହିଥାଏ । ଯାହାର ତାତ୍କାଳିକମରଣ ହୋଇଥାଏ ସେ ତାତ୍କାଳିକମରଣରୁ କାଳମରଣକୁ ଯାଇପାରେ । ସେହିଭଳି ଯାହାର କାଳମରଣ ହୋଇଥାଏ ସେ ଅନ୍ୟ ଜନ୍ମକୁ କିମ୍ବା ଜାଗ୍ରତାବସ୍ଥାକୁ ଯାଇପାରେ । ଏହି ଅନୁସାରେ ଜୀବ ସବୁବେଳେ ନିଦ୍ରା, ଜାଗ୍ରତ ଏବଂ ସ୍ୱାପ୍ନାବସ୍ଥାରେ ରହିଥାଏ ଅର୍ଥାତ୍ ଜୀବନ, ମରଣ, କିମ୍ବା ତାତ୍କାଳିକ ମରଣରେ ରହିଥାଏ ବୋଲି ଜଣା ଯାଉଛି । ଅନେକ ଲୋକଙ୍କୁ ଶୋଉ ଶୋଉ ନିଦ ଆସିଯାଇଥାଏ, ନିଦ୍ରାଯିବା ପରେ ପରେ ସ୍ୱପ୍ନ ଆସିଥାଏ । ବେଳେବେଳେ ଶୋଇବାକୁ ଯିବାବେଳେ ପ୍ରଥମେ ସ୍ୱପ୍ନ ଆସି ସ୍ୱପ୍ନରୁ ନିଦ୍ରାବସ୍ଥା ଆସି, ନିଦ୍ରାବସ୍ଥାରୁ ଯାଗ୍ରତାବସ୍ଥା ଆସିଥାଏ କିମ୍ବା ସ୍ୱପ୍ନରୁ ସିଧା ଜାଗ୍ରତାବସ୍ଥା ଆସିଥାଏ । ଏହି ଅନୁସାରେ ଯିଏ ଜାଗ୍ରତ ଅବସ୍ଥାରେ ଥାଏ ସେ ସିଧା ନିଦ୍ରା ଅବସ୍ଥାକୁ ନଯିବ ବୋଲି କହି ପାରିବା ନାହିଁ । ସେହିଭଳି ସ୍ୱପ୍ନରେ ଥିବା ଲୋକ ସିଧା ଜାଗ୍ରତାବସ୍ଥାକୁ ନଯିବ ବୋଲି କହି ପାରିବା ନାହିଁ । ତେଣୁ ଜଣାଯାଉଛି ଯେ କୌଣସି ସ୍ଥିତିରୁ କୌଣସି ସ୍ଥିତିକୁ ଯାଇହେବ । ସେହିଭଳି ମଣିଷ (ଜୀବ)ସିଧା ମରଣ ପାଇପାରେ, ଯିଏ ତାତ୍କାଳିକ ମରଣରେ ଥାଏ ସେ ପୁଣି ଜୀବିତ ହୋଇପାରେ । ତେଣୁ ଜୀବନ, ମରଣ, ତାତ୍କାଳିକମରଣ ଜୀବର ଜାଗ୍ରତ, ନିଦ୍ରା, ସ୍ୱପ୍ନାବସ୍ଥା ଭଳି ବୋଲି ନିସନ୍ଦେହ କହିପାରିବା ।

ମଣିଷ ଜାଗ୍ରତାବସ୍ଥାରେ ଥିବାବେଳେ ଶରୀରର ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ କାର୍ଯ୍ୟ କରିଥାଏ । ଆଖି ଦେଖାଉଥାଏ, କାନ ଶୁଣାଉଥାଏ, ନାକ ଶୁଂଘାଉଥାଏ ଏଭଳି ଜୀବ ବାହାରର ସମାଚର ସବୁ ଜାଣିଥାଏ ।

ଜାଗ୍ରତ ଅବସ୍ଥାରେ ଯଦି କିଏ ପଛରୁ ଡାକେ ତେବେ ସାଙ୍ଗେ ସାଙ୍ଗେ ପଛକୁ ବୁଲି ଅମୂକ ଡାକୁଛି ବୋଲି ଜାଣି ତା'ସହିତ କଥା ହୋଇଥାଏ । କାରଣ ! ଜାଗ୍ରତାବସ୍ଥାରେ କାନ ଦ୍ୱାରା ଶବ୍ଦ ଜଣାପଡିଥାଏ । ଏଇକଥା ନିଦ୍ରାବସ୍ଥାରେ ହେଲେ ଇନ୍ଦ୍ରିୟ କାର୍ଯ୍ୟ କରୁନଥିବାରୁ ଜଣାପଡି ନଥାଏ, ଜୀବ ପାଖରେ ବାହାରର ସମାଚାର ପହଞ୍ଚିନଥାଏ । ଏସବୁର ମୁଖ୍ୟ କାରଣ ହେଉଛି ବାହାରର ସମାଚାର ଜୀବ ପାଖରେ ପହଞ୍ଚାଉଥିବା ମନ ଶରୀରରେ ବିଛାଇ ହୋଇ ନଥାଏ । ତେଣୁ କେହି ଡାକିଲେ ସେ ଶବ୍ଦ କାନ ପର୍ଯ୍ୟନ୍ତ ଯାଇଥାଏ ସିନା, କାନଠାରୁ ନିଦ୍ରାବସ୍ଥାରେ ଥିବା ଜୀବ ପାଖରେ ପହଞ୍ଚିପାରେ ନାହିଁ । ଏଠାରେ କେହି ସାଙ୍ଗେ ସାଙ୍ଗେ ପଚାରି ପାରନ୍ତି ଯେ, ଶୋଇଥିବା ବେଳେ କେହି ଡାକିଲେ ଆମେ କିପରି ତୁରନ୍ତ ଉଠି ପାରୁଛେ ? ନିଦ୍ରାବସ୍ଥାରେ ଥିବା ଜୀବକୁ ସେ ଶବ୍ଦ କିପରି ଶୁଭିଲା ? ମୋତେ କିଏ ଡାକୁଛି ବୋଲି ଜୀବ କିପରି ଜାଣିଲା ? ଆଉ ସେ କିପରି ଉଠିଲା ? ଏହି ପ୍ରଶ୍ନଗୁଡିକର ସମାଧାନ ଖୋଜିବାକୁ ଗଲେ ପ୍ରଥମେ ଆମକୁ ନିଦ୍ରା, ଜାଗ୍ରତ, ସ୍ୱପ୍ନର ରହସ୍ୟଗୁଡିକୁ ଜାଣିବାକୁ ହେବ । ତା'ଛଡା ତଦନୁଯାୟୀ ଜୀବନ, ମରଣ, ତାତ୍କାଳିକମରଣ ବିଷୟରେ ଜାଣିବା ସହଜ ହୋଇଯିବ । ଜାଗ୍ରତାବସ୍ଥା ହେଉଛି ଜୀବନକାଳ (ଜନ୍ମରୁ ମୃତ୍ୟୁ ପାର୍ଯ୍ୟନ୍ତ ବଞ୍ଚିଥିବା ସମୟ) ଭଳି, ନିଦ୍ରା ହେଉଛି ମରଣ ଭଳି ଆଉ ତାତ୍କାଳିକମରଣ ସ୍ୱପ୍ନ ଭଳି । ମଣିଷ ବାହ୍ୟତଃ କୌଣସି ଉପାଧିଧାରୀ ହେଉପଛେ ଶରୀରରେ ତା'ର ନିଜର ସ୍ଥିତି କଅଣ ? ସେ କିଏ ? ତା'କୁ ଜଣାନଥାଏ । ଜାଗ୍ରତ ଅବସ୍ଥା ଭଳି ଥିବା ଜୀବନରେ ମଣିଷର ଶରୀରରେ ଜୀବକୁ ମିଶାଇ ମୋଟ ପଚିଶିଭାଗ ଥାଆନ୍ତି ବୋଲି ଆମେ ଆଗରୁ ଜାଣିସାରିଛେ, ଆଉ ଜାଣିସାରିଛେ ଯେ, ଏହି ପଚିଶିଭାଗକୁ ଶରୀରର ଅଧିପତି ଆତ୍ମା ହିଁ ପରିଚାଳିତ କରିଥାଏ । **ସବୁ ମୁଁ କରୁଛି, ସବୁର କର୍ତ୍ତା ମୁଁ ବୋଲି ଭାବୁଥିବା ଜୀବ ଏକ ପଙ୍ଗୁ ଭଳି,** ତା'ର କୌଣସି କାର୍ଯ୍ୟ

କରିବା କ୍ଷମତା ନଥାଏ, ସେ ଏକ କ୍ଷୁଦ୍ରାତିକ୍ଷୁଦ୍ର ଅନୁଭବକାରୀ ଏବଂ ନିଜକୁ ମହାନ ଭାବୁଥିବା ଅତି ନୀଚ । ନିଜକୁ ବଡ ଭାବୁଥିବା ଜୀବ, ନିଜେ ଅତିଛୋଟ ବୋଲି ନଜାଣି ଭ୍ରମିତ ହୋଇଥାଏ । ଶରୀରରେ ଜୀବ କେବଳ ତାର କର୍ମରେ ଥିବା ସୁଖଦୁଃଖକୁ ଅନୁଭବ କରିଥାଏ । ସେହି ଶରୀରରେ ଥିବା ମନ, ଜୀବଠାରୁ ଉନ୍ନତ ଏବଂ ଦୁଇପ୍ରକାରର କାର୍ଯ୍ୟ କରିଥାଏ । ସେହିଭଳି ବୁଦ୍ଧି ମଧ୍ୟ ଦୁଇ ପ୍ରକାରର କାର୍ଯ୍ୟ କରିଥାଏ । ସେଥିଲାଗି ଦୁଇ ଦୁଇଟି କାର୍ଯ୍ୟ କରୁଥିବା ମନ ଏବଂ ବୁଦ୍ଧି ଜୀବଠାରୁ ନିଶ୍ଚୟ ଉନ୍ନତ କହିଲେ ଅତ୍ୟୁକ୍ତି ହୁଏନାହିଁ ।

ନିଦ୍ରାରେ ଶରୀରର ଜୀବକୁ ବାହାରର କୌଣସି ବିଷୟ ଜଣାପଡି ନଥାଏ । ତେଣୁ ସେ ସମୟରେ ସେ ସବୁଦିଗରୁ ଅନ୍ଧ ବୋଲି କହିପାରିବା । ଜାଗ୍ରତାବସ୍ଥାରେ ଶରୀରସାରା ବ୍ୟାପିରହିଥିବା ମନ, ନିଦ୍ରାରେ ସାରା ଶରୀରକୁ ଛାଡିଦେଇ ମୁଣ୍ଡରେ ଥିବା ବ୍ରହ୍ମନାଡୀକୁ ଚାଲିଯାଇଥାଏ । ଜାଗ୍ରତାବସ୍ଥାରେ ବାହାରର ବିଷୟଗୁଡିକୁ ଜଣାଇଦେଉଥିବା ମନ ନିଦ୍ରାରେ ଶରୀରସାରା ନରହିବା କାରଣରୁ, ଶରୀରର ବାହାରେ ଥିବା ଜ୍ଞାନେନ୍ଦ୍ରିୟଗୁଡିକର ବିଷୟସବୁ ଜୀବକୁ ଅଜଣା ରହିଯାଇଥାଏ । ସେତେବେଳେ ଶୋଇଥିବା ଜୀବ ପାଖରେ ବାହାରର ଶବ୍ଦ ପହଞ୍ଚିପାରି ନଥାଏ । ଜୀବ ପାଖରେ ଜ୍ଞାନେନ୍ଦ୍ରିୟଗୁଡିକର ସମାଚାର ପହଞ୍ଚିପାରୁ ନଥିବାବେଳେ, ବାହାରୁ କିଏ ଡାକୁଛି ବୋଲି ଜୀବ କିପରି ଜାଣିବ ? ବୋଲି ଯେଉଁ ପ୍ରଶ୍ନ ଆସେ ତା'ର ସମାଧାନରେ କୁହାଯାଇ ପାରେ ଯେ, ବାହାରର ଶବ୍ଦ ମନ ଦ୍ୱାରା ଜୀବ ପାଖରେ  ପହଞ୍ଚୁ ନାହିଁ । ସେହି ସମୟରେ ଶରୀରସାରା ବ୍ୟାପିରହିଥିବା ଆତ୍ମା ବାହାରର ବିଷୟକୁ ନେଇ ଭିତରେ ବ୍ରହ୍ମନାଡୀରେ ଥିବା ମନ ପାଖରେ ପହଞ୍ଚାଉଛି । ସେତେବେଳେ ମନ ନିଜର ମୌନତା ଭଙ୍ଗ କରି ପୁନର୍ବାର ସାରା ଶରୀରରେ ଖେଳିଯାଉଛି । ମନ ସାରାଶରୀରରେ ବ୍ୟାପିରହିବା ଦ୍ୱାରା ଇନ୍ଦ୍ରିୟଗୁଡିକର ବିଷୟଗୁଡିକୁ ସେହି କ୍ଷଣଠାରୁ ଜଣାଇବାକୁ ପ୍ରସ୍ତୁତ

ହୋଇଯାଉଛି । ଆତ୍ମାହିଁ ମନକୁ ଜାଗ୍ରତ କରି ଜୀବକୁ ସ୍ମୃତି ଫେରାଇ ନିଦ୍ରାରୁ ଉଠାଇଥାଏ ବୋଲି ଜଣାପଡୁଛି । ମଣିଷ ଶୋଇବା, ଶୋଇବାବେଳେ କିଛି ଜାଣିନପାରିବା ସର୍ବସାଧାରଣ କଥା । ଏବେ ଆମେ ଜାଣିଲେ ଯେ, ଜଣେ କିପରି ନିଦରୁ ଉଠିପାରେ, ଆଉ ମୁଖ୍ୟଭାବରେ ଜାଣିଲେ ଯେ, **କେତେକ ସ୍ୱତନ୍ତ୍ର ବିଷୟକୁ ଆତ୍ମା ନେଇ ମନ ପାଖରେ ପହଞ୍ଚାଇଥାଏ ।**

ନିଦ୍ରାକୁ ମରଣସମ କହିଛୁ ଏବଂ ତାତ୍କାଳିକମରଣକୁ ସ୍ୱପ୍ନ ସହିତ ତୁଳନା କରିଛୁ । ନିଦ୍ରାରେ କିମ୍ବା ସ୍ୱପ୍ନରେ ଜୀବର ବାହ୍ୟ ବିଷୟ ସହିତ ସଂପର୍କ ନଥାଏ, ତେଣୁ ସ୍ୱପ୍ନ ଦେଖୁଥିବା ମଣିଷକୁ ଆମେ ବାହାରୁ ଦେଖି ଶୋଇଛି ବୋଲି କହୁଛେ । ଶରୀର ଭିତରେ ଜୀବ ସ୍ୱପ୍ନାବସ୍ଥାରେ ଥିଲେ ମଧ୍ୟ ତାହା ସ୍ୱପ୍ନବସ୍ଥା ବୋଲି ଆମକୁ ଜଣା ନଥାଏ, ହେଲେ ସେ ଶୋଇଛି ବୋଲି ଜଣାପଡେ । ସେହିଭଳି ଯାହାର ମୃତ୍ୟୁ ହୋଇଯାଇଛି କିମ୍ବା ଯାହାର ତାତ୍କାଳିକ ଭାବେ ମୃତ୍ୟୁ ହୋଇଛି ତା'କୁ ମୃତକ ବୋଲି ହିସାବ କରୁଛେ । ସ୍ୱପ୍ନରେ ଥିବା ମଣିଷ ବାହାରୁ ଶୋଇଥିବାର ଦେଖାଯିବା ଭଳି, ତାତ୍କାଳିକ ଭାବରେ ମୃତ୍ୟୁବରଣ କରିଥିବା ମଣିଷକୁ ଆମେ ମତ୍ୟୁବରଣ କରିଛି ବୋଲି ହିସାବ କରୁଛେ । ନିଦ୍ରା ଏବଂ ସ୍ୱପ୍ନ ବାହାରକୁ ଏକ ପ୍ରକାରର ଦେଖାଯାଉଥିଲେ ମଧ୍ୟ କେତେକ ଅନୁଭବଜ୍ଞମାନେ ନିଦ୍ରା ଏବଂ ସ୍ୱପ୍ନକୁ ଅଲଗା ଅଲଗା ଭାବରେ ଚିହ୍ନି ପାରିଥା'ନ୍ତି । ନିଦ୍ରା, ସ୍ୱପ୍ନ ଦୁଇଟିଯାକ ଏକଭଳି ହେଲେ ମଧ୍ୟ ସେଥିରେ ଅଳ୍ପ ବିଭେଦ ରହିଥାଏ । ଗାଢ ନିଦ୍ରାରେ ଶୋଇଥିବା ସମୟରେ ଶ୍ୱାସ ଅଧିକ ବେଗରେ ପ୍ରବାହିତ ହୋଇ ଶବ୍ଦ (ଘୁଙ୍ଗୁଡି)ହୋଇଥାଏ, କିନ୍ତୁ ସ୍ୱପ୍ନରେ ଶ୍ୱାସ ବିଶେଷ ଶବ୍ଦ ନହୋଇ ପ୍ରବାହିତ ହୋଇଥାଏ । ନିଦ୍ରା ଆଉ ସ୍ୱପ୍ନକୁ ଅନୁଧ୍ୟାନ କରିଥିବା ଲୋକେ ଏଇ ଛୋଟ ବିଭେଦକୁ ଜାଣିପାରିଥା'ନ୍ତି । ଠିକ୍ ସେହିଭଳି ଯେଉଁମାନେ ଆତ୍ମାର ଅଧ୍ୟୟନ କରିଥା'ନ୍ତି ସେମାନେ ମରଣ ଆଉ ତାତ୍କାଳିକମରଣର ବିଭେଦକୁ ଜାଣି ପାରିଥା'ନ୍ତି । ତେଣୁ ଶ୍ରୀକୃଷ୍ଣ ଆଉ ଯୀଶୁଙ୍କ ଭଳି କେତେକ ତାତ୍କାଳିକ

ମରଣକୁ ଚିହ୍ନି ପାରିଥିଲେ, ସମସ୍ତେ ମରିଯାଇଛି ଭାବିଥିବା ଶରୀରକୁ ବଞ୍ଚାଇ ପାରିଥିଲେ । ଯାହାର ତାତ୍କାଳିକ  ମରଣ ହୋଇଛି  ତା'କୁ ସମସ୍ତେ ମୃତ କହିଲେ ମଧ୍ୟ, ତା'ର ବିବରଣ ଯେଉଁମାନେ ଜାଣିଥା'ନ୍ତି, ତା'ର ମୃତ୍ୟୁ ହୋଇ ନାହିଁ ସେ ଶୋଇଛି ବୋଲି କହିଥା'ନ୍ତି । ତାତ୍କାଳିକମରଣକୁ  ଆପଣ ଚିହ୍ନି ପାରିବେ ? ବୋଲି ଯଦି କେହି ପଚାରନ୍ତି ତେବେ ମୁଁ କହିପାରେ ଯେ, ଯିଏ ସ୍ୱପ୍ନରେ ଅଛି ତାକୁ ମୁଁ ଚିହ୍ନି ପାରେ, ତାତ୍କାଳିକ ମରଣରେ କିଏ ଅଛି ତା'କୁ ଚିହ୍ନି ପାରିବି ନାହିଁ ।

ପୂର୍ବେ ଭଗବାନ ଶ୍ରୀକୃଷ୍ଣ, ଭଗବାନ ଯୀଶୁ କିପରି ଚିହ୍ନିଥିଲେ ? କିପରି ବଞ୍ଚାଇ ପାରିଥିଲେ ? ବୋଲି ଯେଉଁ ପ୍ରଶ୍ନ ଆସେ ତା'ର ଉତ୍ତର ମୁଁ ଦେଇ ପାରିବି ନାହିଁ  । କାରଣ ! ମୁଁ ଶ୍ରୀକୃଷ୍ଣ ନୁହେଁ କି ଯୀଶୁ ନୁହେଁ । ହେଲେ ତୃତୀୟ ରକମର ଏହି ତାତ୍କାଳିକମରଣରେ ଶରୀରର ଅବସ୍ଥା କିପରି ଥାଏ ତାହା କହି ପାରିବି । ଯେଉଁମାନେ ତାତ୍କାଳିକମରଣ ପାଇଥା'ନ୍ତି ସେମାନଙ୍କ ମଧ୍ୟରୁ ମାତ୍ର କେଇଜଣଙ୍କର ଚିକିତ୍ସା ଆବଶ୍ୟକ ହୋଇଥାଏ । ଉଦାହରଣ ସ୍ୱରୂପ ନାଗସାପ କାମୁଡିଥିବା ବେଳେ ଶରୀରରେ ଚଢିଥିବା ବିଷ ସାପର ଉଦ୍ଦେଶ୍ୟ ଅନୁସାରେ ଅଧିକ କିମ୍ବା କମ୍ ହୋଇଥାଏ । ନାଗସାପର ବିଷ ନିଶା ଔଷଧ ଭଳି । ଅଧିକ ମାତ୍ରରେ ଔଷଧ ସେବନ କରିଥିବା ଲୋକ ମୃତ୍ୟୁବରଣ କରିପାରେ । ମତିମନ୍ତ ଏବଂ ମତିହୀନ ଭେଦରେ ଦୁଇପ୍ରକାରର ମଣିଷ ସମାଜରେ ଥାଆନ୍ତି । ମତିମନ୍ତ ବା ସୁ-ବିବେଚକମାନେ ସବୁବେଳେ ସବୁ କାର୍ଯ୍ୟରେ ସଜାଗ ରହିବା ଛଡା ଶୋଇବା ବେଳେ ମଧ୍ୟ ସତର୍କତା ଅବଲମ୍ବନ କରିଥା'ନ୍ତି । ଏମାନେ ଖୁବ୍ ବିଳମ୍ବରେ ଶୋଇଥା'ନ୍ତି, ଖୁବ୍ କମ୍ ମଧ୍ୟ ଶୋଇଥା'ନ୍ତି ତେଣୁ ଏମାନଙ୍କୁ  ନିଦ୍ରାଜୟୀ ମଧ୍ୟ କହି ପାରିବା, କିନ୍ତୁ ମତିହୀନ ବା ବୁଦ୍ଧିହୀନ ଲୋକମାନେ ପ୍ରାୟ ଅଳସୁଆ ହୋଇଥା'ନ୍ତି, ଖୁବ୍ ଶୀଘ୍ର ଶୋଇଥା'ନ୍ତି ଏବଂ ଅଧିକ ସମୟଧରି ଶୋଇଥା'ନ୍ତି । ତା'ଛଡା ଯୋଗୀ ସ୍ତରର ଲୋକମାନେ ବା ଯେଉଁମାନେ ମନକୁ ଜୟ କରିଥା'ନ୍ତି

ସେମାନେ ଖୁବ୍ କମ୍ ଶୁଅନ୍ତି ଏବଂ ସବୁବେଳେ ସବୁ କାର୍ଯ୍ୟକୁ ଜ୍ଞାନଚକ୍ଷୁରେ ଦେଖିଥା'ନ୍ତି । ଏହିଭଳି ସମାଜରେ ମୋଟ ତିନି ପ୍ରକାରର ମଣିଷ ଅଛନ୍ତି ବୋଲି ଆମେ ବିଭାଜନ କରି କହି ପାରିବା । ମତିହୀନମାନଙ୍କୁ ଚିକିତ୍ସା ଦ୍ୱାରା ବଞ୍ଚାଇ ଦିଆଯାଇ ପାରେ । ବୁଦ୍ଧିମନ୍ତମାନଙ୍କୁ ବିନା ଚିକିତ୍ସାରେ ବଞ୍ଚାଇ ଦିଆଯାଇ ପାରେ, କିନ୍ତୁ ତୃତୀୟ ବା ଯୋଗୀ ସ୍ତରର ଲୋକମାନଙ୍କୁ କାହାର ସହଯୋଗ ଲୋଡାନଥାଏ, ସେମାନେ ଆପଣାଛାଏଁ ଉଠିପାରନ୍ତି । ତେଣୁ ତାତ୍କାଳିକ ମରଣରେ ସମସ୍ତଙ୍କର ଚିକିତ୍ସା ଆବଶ୍ୟକ ନଥାଏ, ମାତ୍ର କେତେକଙ୍କୁ ଚିକିତ୍ସା କରିବାକୁ ପଡିଥାଏ । ଯେଉଁମାନଙ୍କର ଚିକିତ୍ସା ଆବଶ୍ୟକ ସେମାନଙ୍କୁ ଆମେ ଚିହ୍ନି ନପାରି, ଚିକିତ୍ସା ନଯୋଗାଇବା ଦ୍ୱାରା ସେମାନେ ସ୍ୱପ୍ନରୁ ନିଦ୍ରାବସ୍ଥାକୁ ଯିବାଭଳି କେଇ ଘଣ୍ଟା ପରେ କିମ୍ବା କେଇଦିନ ପରେ ତାତ୍କାଳିକମରଣରୁ ସଂପୂର୍ଣ୍ଣମରଣକୁ ଗତିକରି ପାରନ୍ତି । ମଧ୍ୟମ ପ୍ରକାରର ମତିମନ୍ତମାନଙ୍କୁ ବିନା ଚିକିତ୍ସାରେ ବଞ୍ଚାଇ ଦିଆଯାଇ ପାରେ, ଏମାନଙ୍କ ମଧ୍ୟରୁ କେତେକ ଆପଣାଛାଏଁ ବଞ୍ଚିପାରନ୍ତି, କିନ୍ତୁ ବାହାରର ଲୋକମାନେ ଏ ବାବଦରେ କିଛି ଜାଣିନଥିବା କାରଣରୁ ମଣିଷ ମୃତ୍ୟୁବରଣ କରିଛି ଭାବି ତା'ର ଶବସଂସ୍କାର କରିଦେଇଥା'ନ୍ତି । ତେଣୁ ସେମାନେ ବଞ୍ଚିବା ସୁଯୋଗ ଥିଲେ ମଧ୍ୟ ପୋତିଦେବା, ପୋଡିଦେବା ଦ୍ୱାରା ସେମାନଙ୍କର ସଂପୂର୍ଣ୍ଣ ମରଣ କିମ୍ବା ଅକାଳମରଣ ହୋଇଯାଇଥାଏ ବୋଲି କହିପାରିବା । କାରଣ ! ଜଣେ ପୋତାଯାଇଥିବା ବେଳେ ଯଦିତା'ର ପୂର୍ବାବସ୍ଥା ଫେରିଆସେ, ସେତେବେଳେ ତା'ର ଆଉ କିଛି କରିପାରିବା ବଳ ନଥିବାରୁ ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିଥାଏ ।

ମଧ୍ୟମ ରକମର ମତିମନ୍ତମାନଙ୍କୁ ଚିହ୍ନିପାରି ଇଏ ମୃତ୍ୟୁବରଣ କରିନାହିଁ, ନିଦ୍ରାବସ୍ଥାରେ ଅଛି ବୋଲି ଜାଣିପାରି ଶ୍ରୀକୃଷ୍ଣଙ୍କ ଭଳି ଆଧ୍ୟାତ୍ମିକ ଜଣାଥିବା ଲୋକମାନେ ମୃତ୍ୟୁବରଣ କରିଥିବା ମଣିଷର ପାଖକୁ ଯାଇ ନାମଧରି ଡାକି କିମ୍ବା ହାତଧରି ଉଠାଇବା ଦ୍ୱାରା ମୃତବରଣ

କରିଛି ବୋଲି ସମସ୍ତେ ଭାବିଥିବା ମଣିଷ ଉଠିଥାଏ । ଏହାକୁ ଏକ ମାହାତ୍ମ୍ୟ ଭାବି ଉଠାଇଥିବା ଲୋକର ଗୁଣଗାନ କରିଥା'ନ୍ତି ସିନା ସେହି ରହସ୍ୟକୁ ଗ୍ରହଣ କରିପାରନ୍ତି ନାହିଁ । ଏଭଳି ଆଧ୍ୟାତ୍ମିକ ଜଣାଥିବା ଅନେକ ଲୋକ ଅତୀତରେ ଥିଲେ, ଆଜି ଅଛନ୍ତି ମଧ୍ୟ । ଆଧ୍ୟାତ୍ମିକ ଧର୍ମ ଜଣାଉଥିବା ଭଗବାନ ମଧ୍ୟ ଅଛନ୍ତି । ତେଣୁ ତାତ୍କାଳିକମରଣରୁ ଯେଉଁମାନେ ବଞ୍ଚାଇ ପାରନ୍ତି ସେମାନେ ସାଧାରଣ ଲୋକ ନୁହନ୍ତି ମହାଜ୍ଞାନୀ । ଆତ୍ମାର ଅଧ୍ୟୟନ କରୁଥିବା ଆଧ୍ୟାତ୍ମିକବେତ୍ତାମାନଙ୍କୁ ଆତ୍ମା ବାବଦରେ ଭଲ ଭାବରେ ଜଣାଥାଏ । ତେଣୁ ଯେଉଁମାନେ ତାତ୍କାଳିକମରଣ ପାଇଥା'ନ୍ତି ସେମାନଙ୍କ ଶରୀରରେ ସବୁକିଛିକୁ ଆତ୍ମା ଏଭଳି ସ୍ଥିର କରାଇ ଦେଇଛି ବୋଲି, ଭିତରକୁ ଯାଇଥିବା ଶ୍ୱାସ ଭିତରେ ହିଁ ରହିଯାଇଛି ବୋଲି ଜାଣି ସେମାନେ ସେମାନଙ୍କୁ ବଞ୍ଚାଇ (ଉଠାଇ) ପାରିଥା'ନ୍ତି । ସାନ୍ଦୀପଙ୍କ ପୁତ୍ର ମୃତ୍ୟୁବରଣ କରିଛି ଶୁଣି ଶ୍ରୀକୃଷ୍ଣ ସେଠାକୁ ଯାଇଥିଲେ ଏବଂ ଜାଣିପାରିଥିଲେ ଯେ, ସେ ମୃତ୍ୟୁବରଣ କରିନାହିଁ ଶୋଇଛି, ତେଣୁ ତା'କୁ ବଞ୍ଚାଇବାକୁ ସ୍ଥିର କଲେ, ଶେଷରେ ହାତ ଧରି ଉଠାଇଥିଲେ, ହେଲେ ତା'ର ଶ୍ୱାସ ଚଳି ଶରୀର ଯଥାସ୍ଥିତିକୁ ଫେରି ଆସିଥିବା ଦେଖି ଏହା ଶ୍ରୀକୃଷ୍ଣଙ୍କର ମାହାତ୍ମ୍ୟ ବୋଲି ସେଠିକାର ସମସ୍ତେ ଭାବିଥିଲେ ।

*****

## ତାତ୍କାଳିକ ମରଣରେ କ'ଣ ଶରୀର ନଷ୍ଟ ହୁଏ ନାହିଁ ?

ସଂପୂର୍ଣ୍ଣ ମୃତ୍ୟୁ ହୋଇଥିବା ଶରୀରରେ ଆତ୍ମା ନଥାଏ । ଶରୀରରେ ଅଣୁଅଣୁ ହୋଇ ବ୍ୟାପିରହିଥିବା ଆତ୍ମା, ପ୍ରତ୍ୟେକ ଧାତୁକଣାକୁ କାର୍ଯ୍ୟକାରୀ

କରାଉଥିବା ଆତ୍ମା ତାତ୍କାଳିକ ମରଣ ହୋଇଥିବା ମଣିଷର ଶରୀରରେ ରହିଥାଏ । ଆତ୍ମା ନଥିବା ଶରୀରରେ ଧାତୁକଣାଗୁଡିକର ପରିବର୍ତ୍ତନ ଘଟି, ଧନୁଞ୍ଜୟ ନାମକ ବାୟୁ ସୃଷ୍ଟି ହୋଇ ଶରୀର ଫୁଲି ଶେଷରେ ଫାଟିଯାଇଥାଏ । ଆତ୍ମା ରହିଥିବା ତତ୍କାଳ ମୃତ ଶରୀରରେ ଆତ୍ମଚୈତନ୍ୟ ଶକ୍ତି ନରହି ମୁଣ୍ଡରେ ଥିବା ବ୍ରହ୍ମନାଡୀରେ ରହିଥାଏ । ଆତ୍ମା ନିଜର ଶକ୍ତିକୁ ଶରୀର ଭାଗଗୁଡିକରୁ ନେଇ ବ୍ରହ୍ମନାଡୀରେ ରଖିଥାଏ, କିନ୍ତୁ ନିଜେ ଶରୀର ଭାଗଗୁଡିକରୁ ନଯାଇ ଯଥାବତ୍ ରହିଥାଏ । ଆତ୍ମା ଶରୀରରେ ରହିବା ଦ୍ୱାରା ଶରୀରର ଧାତୁଗୁଡିକ ନଷ୍ଟ ହୋଇନଥା'ନ୍ତି । ଚୈତନରହିତ ଆତ୍ମା ଶରୀରରେ ବ୍ୟାପିରହିବା ଦ୍ୱାରା, ତାତ୍କାଳ ମରଣ ହୋଇଥିବା ଶରୀରର କୌଣସି ପରିବର୍ତ୍ତନ ନଥାଏ, ନଷ୍ଟ ହୋଇଯାଇ ନଥାଏ । ହାତ, ଗୋଡ, ଖଞ୍ଜା ଇତ୍ୟାଦିରେ ସଂଯୋଜିତ ନାଡୀଗୁଡିକ ବା ଶିରା ପ୍ରଶିରାଗୁଡିକ ଟାଣ ହୋଇଯାଇନଥାଏ, ହାତ ଗୋଡ ଇତ୍ୟାଦି ଖଞ୍ଜା ସ୍ଥାନଗୁଡିକ ସହଜରେ ଭାଙ୍ଗୁଥାଏ । ବଞ୍ଚିଥିବା ବେଳେ ଶରୀର ଯେଉଁଭଳି ସତେଜ ଥାଏ ତାତ୍କାଳିକମରଣରେ ଠିକ୍ ସେହିଭଳି ଥାଏ । ଏଠାରେ ମନେ ରଖିବା ଉଚିତ୍ ଯେ, ତାତ୍କାଳିକମରଣରେ ଆତ୍ମା ନିଜର ଚୈତନ୍ୟକୁ ବ୍ରହ୍ମନାଡୀକୁ ପଠାଇଦେଇ ନିଜେ ତାତ୍କାଳିକମରଣରେ ରହିଥାଏ । ଏଭଳି ସ୍ଥିତିରେ ଥିବା ଶରୀରକୁ ଜ୍ଞାନୀମାନେ ଚିହ୍ନି ବଞ୍ଚାଇ ପାରିଥା'ନ୍ତି । ଜଣେ ମଣିଷ ଅବସାନ ଦଶାରେ ପହଞ୍ଚି ମୃତ୍ୟୁବରଣ କଲେ ତାହା ସଂପୂର୍ଣ୍ଣ ମରଣ (କାଳ ମରଣ) ହୋଇଥାଏ । ମରଣରେ ଅବସାନ ଦଶା ନଥିଲେ ତାହା ଅକାଳମରଣ କିମ୍ବା ତାତ୍କାଳିକମରଣ ହୋଇଥାଏ । କାଳ ମରଣ କିମ୍ବା ଅକାଳ ମରଣରେ ଆତ୍ମା, ଜୀବାତ୍ମା ଶରୀର ଛାଡି ଚାଲିଯାଇଥା'ନ୍ତି । ଅକାଳ ମରଣ ହେଉ କିମ୍ବା ତାତ୍କାଳିକ-ମରଣ ହେଉ ଏଭଳି ମରଣରେ ଅବସାନ ଦଶା ନଥାଏ । ତାତ୍କାଳିକମରଣ ହୋଇଥିବା ଶରୀର ନଷ୍ଟ ହୋଇଯାଇ ନଥାଏ, ତେଣୁ ମଣିଷ ବଞ୍ଚିପାରିବା ସମ୍ଭାବନା ଥାଏ । କାଳ ମରଣରେ ଆତ୍ମା ସ୍ଥୁଳ, ସୂକ୍ଷ୍ମ ଶରୀରକୁ ଛାଡି

ଚାଲିଯାଇଥାଏ । ଅକାଳ ମରଣରେ ଆତ୍ମା କେବଳ ସ୍ଥୁଳଶରୀରକୁ ଛାଡି ସୂକ୍ଷ୍ମଶରୀରରେ ରହିଥାଏ, କିନ୍ତୁ ତାତ୍‌କାଳିକମରଣରେ ଆତ୍ମା ସ୍ଥୁଳ କିମ୍ବା ସୂକ୍ଷ୍ମଶରୀରକୁ ଛାଡି ଯାଇନଥାଏ ବୋଲି ମନେ ରଖନ୍ତୁ । ଏହିଭଳି ତୃତୀୟ ପ୍ରକାରର ତାତ୍‌କାଳିକମରଣରେ ଶରୀର ବଞ୍ଚି ରହିଥାଏ ବୋଲି କୁହାଯାଇ ପାରେ ।

## (୧୯୯୩ ମସିହାରେ ହୀମ ସାଗରରେ ଘଟିଥିବା ଏକ ଘଟଣା)

ଜାନୁଆରୀ ୨୦୧୧, ୩୦ତାରିଖ ଦିନ ନ୍ୟାସନାଲ୍ ଜିଓଗ୍ରାଫି ଚ୍ୟାନେଲ୍‌ରେ ଟ୍ରୁ ଷ୍ଟୋରିଜ୍ ନାମରେ (Against All Odds) ନାମକ ଘଟଣା ପ୍ରସାର ହୋଇଥିଲା । ସେଥିରେ ଏକ ଦଶଜଣିଆ ବୃନ୍ଦ ବରଫ ସମୁଦ୍ରରେ ଯାତ୍ରା କରୁଥିଲେ । ବରଫ ଉପରେ ଚାଲୁଥିବା ଛୋଟ ଛୋଟ ବାହାନ ଉପରେ ସେମାନେ ଘଣ୍ଟାପ୍ରତି ୧୦ କିମ୍ବା ୧୫ କି.ମି. ବେଗରେ ଗତି କରୁଥିଲେ । ଉପରେ ତିନି ଚାରି ଫୁଟର ବରଫ ପଡିଥିଲେ ମଧ୍ୟ ତଳେ ଥିଲା ସମୁଦ୍ର । ମଝିରେ ମଝିରେ କେଉଁଠି କେମିତି ସିଲ୍ ମାଛମାନେ ବାହାରକୁ ଆସିବା ପାଇଁ ଗାତ କରିଥା'ନ୍ତି । ଗାତଗୁଡିକୁ ସତର୍କତାର ସହିତ ଅତିକ୍ରମ କରି ଯିବାକୁ ହୋଇଥାଏ । ଏଭଳି ପରିଶୋଧକ ବୃନ୍ଦ ଆଗକୁ ଗତି କରୁଥା'ନ୍ତି । ୧୯୯୩ ମାର୍ଚ୍ଚ ୨୧ତାରିଖ ରାତି ୧୦ଟାବେଳେ ସେହି ଦଶଜଣିଆ ବୃନ୍ଦର ଜଣେ ଲୋକ ସିଲ୍ ମାଛମାନେ କରିଥିବା ଗାତରେ ଖସି ପଡିଲା । ତିନିଫୁଟ ବହଳର ବରଫ ପରଦା ତଳେଥିବା ଥଣ୍ଡା ସମୁଦ୍ର ଭିତରୁ ଆଉ ବାହାରକୁ ଆସିପାରିଲା ନାହିଁ । କେତେମିନିଟ୍ ପରେ ସେ ସମୁଦ୍ର ଭିତରେ ମୃତ୍ୟୁବରଣ କଲା । ରାତି ୧୦:୨୦ ମିନିଟ୍ ବେଳେ ସେ ଲୋକଟିକୁ ଅନ୍ୟମାନେ ନପାଇ ଖୋଜିବା ଆରମ୍ଭ କଲେ । ପ୍ରାୟ ଏକଘଣ୍ଟା ଖୋଜିବା ପରେ ରାତି ୧୧:୨୦ ରେ ତା'ର ସନ୍ଧାନ ପାଇଲେ ।

ସେତେବେଳକୁ ଲୋକଟି ମୃତ୍ୟୁବରଣ କରିବାର ଏକ ଘଣ୍ଟା ହୋଇଗଲାଣି, ତା'କୁ ବାହାରକୁ କାଢି ୧୪କି.ମି ଦୁରରେ ଥିବା ହସ୍ପିଟାଲ୍‌କୁ ନେବାରେ ୩୨ମିନିଟ୍ ସମୟ ଲାଗିଥିଲା । ଡକ୍ଟରମାନେ ଆସି ଦେଖିବା ପାଇଁ ମଧ୍ୟ ୮ମିନିଟ୍ ଲାଗିଥିଲା । ଏମିତି ରାତି ୧୨ଟାବେଳକୁ ସେ ମୃତ ଘୋଷିତ ହେଲା । ଲୋକଟିର ଶରୀରରେ ସେତେବେଳକୁ ରକ୍ତ ଶୀତଳ ହୋଇ ବସିଯାଇ, ଶରୀର ନୀଳରଙ୍ଗ ହୋଇଯାଇଥିଲା । ହୃତ୍‌ପିଣ୍ଡର କାର୍ଯ୍ୟ ବନ୍ଦହୋଇ, ନାଡୀଗୁଡିକର କୌଣସି ସ୍ପନ୍ଦନ ନଥିଲା । ଅଧୁନିକ ଭୌତିକଶାସ୍ତ୍ର ଅନୁସାରେ ସବୁ ପ୍ରକାରର ପରୀକ୍ଷାରେ ସେ ଲୋକ ମୃତ ବୋଲି ପ୍ରମାଣିତ ହେଲା । ସେତେବେଳକୁ ସେ ମୃତ୍ୟୁବରଣ କରିବାର ଅଢେଇରୁ ତିନି ଘଣ୍ଟା ବିତିସାରିଥିଲା ଠିକ୍ ଏହି ସମୟରେ ଡକ୍ଟରବୃନ୍ଦରୁ କେହି ଜଣକୁ ଭିତର ପ୍ରେରଣା ମିଳିବା ଭଳି ଆଉଟିକିଏ ଚେଷ୍ଟା କରିବି ବୋଲି ଭାବନା ଆସିଲା । ଏଭଳି ଭାବନା ହୁଏତ କୌଣସି ଡକ୍ଟର କରିବେ ନାହିଁ; ତଥାପି ସବୁ ପ୍ରକାରର ପ୍ରମାଣ ସହିତ ମୃତ ଘୋଷିତ ହୋଇଥିବା ଲୋକକୁ ପୁଣି ଥରେ ଚିକିତ୍ସା କରିବା ଭାବନା ଆସିବା ଆତ୍ମାର ପ୍ରେରଣା ବୋଲି ମୁଁ ଭାବୁଛି । ଚିକିତ୍ସା କରିବାପାଇଁ ଭାବନା କରିଥିବା ଡକ୍ଟରର ମୁଣ୍ଡରେ ଯେଉଁ ବିଚାରକୁ ଆତ୍ମା ଯୋଗାଇ ଦେଇଥିଲା, ସେହି ପ୍ରକାରରେ ସେ ଚିକିତ୍ସା କରିବା ଆରମ୍ଭ କରିଦେଲେ । ଏହାଏକ ବଡ ହସ୍ପିଟାଲ୍ ହେବା, ଏଠାରେ ସବୁ ପ୍ରକାରର ସୁବିଧା ରହିବା, ବ୍ଲଡ୍ ଚେଞ୍ଜ୍ କରି ପାରୁଥିବା ଯନ୍ତ୍ର ଏବଂ ତା'ସମ୍ବନ୍ଧୀୟ ସଦୁପାୟ ରହିବା ଏହି ହସ୍ପିଟାଲ୍‌ର ବିଶେଷତା । ସବୁ ପ୍ରକାରର ସୁବିଧା ସୁଯୋଗ ରହିବା ଦ୍ୱାରା ଡକ୍ଟର ଜଣକ ଧୈର୍ଯ୍ୟର ସହିତ ତା'ର ଚିକିତ୍ସା ଆରମ୍ଭ କରିଥିଲେ, ତାକୁ ଅନ୍ୟ ଡକ୍ଟରମାନେ ମଧ୍ୟ ସହଯୋଗ କରିଥିଲେ ।

ଡକ୍ଟରମାନେ ପ୍ରାୟ ଦୁଇଘଂଟା ପରିଶ୍ରମ କରି ଚିକିତ୍ସା କଲେ । ଏପର୍ଯ୍ୟନ୍ତ ସ୍ଥିର ହୋଇ ପଡିଥିବା ଶରୀରରେ ହଠାତ୍ ହୃତ୍‌ପିଣ୍ଡ ସ୍ୱଳ୍ପ ସ୍ପନ୍ଦିତ

ହେବା ଜଣାଗଲା । ଯଥାବତ୍ ସ୍ପନ୍ଦିତ ହେଉନଥିବା ହୃତ୍‌ପିଣ୍ଡକୁ ଏକ ଯନ୍ତ୍ରର ସହାୟତାରେ ସଠିକ୍ ସ୍ପନ୍ଦନ ହେବାଭଳି କରାଇଲେ । ତା'ପରେ ଶରୀରରେ ରକ୍ତ ପ୍ରବାହ ହେବା, ନାଡୀଗୁଡିକ କାର୍ଯ୍ୟ କରିବା, ଶ୍ୱାସ ଚଳିବା ଇତ୍ୟାଦି ସବୁ ସଠିକ୍‌ଭାବରେ ହେବାକୁ ଆରମ୍ଭ କଲା । ପ୍ରାୟ ଦୁଇଘଣ୍ଟା ବାର ମିନିଟ୍‌ର ଚିକିତ୍ସା ଫଳଦାୟୀ ହୋଇ ସେତେବେଳ ପର୍ଯ୍ୟନ୍ତ ମୃତ ଘୋଷିତ ହୋଇଥିବା ଲୋକଟିକୁ ବଞ୍ଚାଇ ପାରିଥିଲା । ସେତେବେଳକୁ ଲୋକଟି ମୃତ ଘୋଷିତ ହେବାର ପାଞ୍ଚଘଣ୍ଟା ବିତିଯାଇଥିଲା । ଡକ୍ଟରମାନେ ଶେଷରେ ଭାବିଥିଲେ ଯେ, ଆମ ଚିକିତ୍ସା ମରଣକୁ ଜିତିଗଲା ଏବଂ ସେମାନେ ଖୁବ୍ ଖୁସି ହୋଇଥିଲେ ।

ଏଭଳି ଘଟଣା ଆଗରୁ କେବେ ଘଟିନଥିଲା । ତେଣୁ ୧୮ ବର୍ଷ ପରେ ଏହି ୧୯୯୩ ମାର୍ଚ୍ଚ ୨୧ ତାରିଖର ଘଟଣାକୁ (True stories) ନାମକ ସମାଚାର କରି ଟିଭି ଚ୍ୟାନେଲ୍ ପ୍ରସାର କରିଥିଲା । ଏହା ଆଧୁନିକ ଚିକିତ୍ସା ଏବଂ ଆଧୁନିକ ଡକ୍ଟରମାନଙ୍କ ସମକ୍ଷରେ ଘଟିଥିବା ଘଟଣା । ତେଣୁ ଏହାକୁ କୌଣସି ହେତୁବାଦୀ, କୌଣସି ନାସ୍ତିକବାଦୀମାନେ ଅସ୍ୱୀକାର କରି ପାରିବେ ନାହିଁ । ଏହା ଅନ୍ଧ ବିଶ୍ୱାସ ବୋଲି ମଧ୍ୟ କେହି କହି ପାରିବେ ନାହିଁ ।

## (ଜମ୍ମୁ କାଶ୍ମୀର୍ ର ଅବ୍ଦୁଲ୍ ଅଜିଜ୍‌ଙ୍କ କଥା)

୨୦୦୯ ଡିସେମ୍ବର ୭ ତାରିଖ ଦିନ ଝଠ-୯ ଚ୍ୟାନେଲ୍‌ରେ ମଧ୍ୟାହ୍ନ ୧ : ୩୦ମିନିଟ୍‌ରେ ଏହି କଥାଟି ପ୍ରସାର ହୋଇଥିଲା । ଏକ ସପ୍ତାହ ପୁର୍ବରୁ ୨୦୦୯ ନଭେମ୍ବର, ୩୦ ତାରିଖରେ ଜମ୍ମୁକାଶ୍ମୀର୍‌ର ରାଜୌରୀ ନାମକ ଗ୍ରାମରେ ଅବ୍ଦୁଲ୍ ଅଜିଜ୍ ନାମକ ଷାଠିଏବର୍ଷର ବୃଦ୍ଧ ମୃତ୍ୟୁବରଣ କରିଥିଲେ, ସେ ମୁସ୍ଲିମ୍ ହୋଇଥିବାରୁ ତାଙ୍କର ରିବାଜ ଅନୁସାରେ ତାଙ୍କୁ

କବର ଦିଆଯାଇଥିଲା । କୌଣସି ସୂତ୍ରରୁ ଜଣାଗଲା ଯେ, ଅଜିଜ୍ ସାଧାରଣ ଭାବରେ ମୃତ୍ୟୁବରଣ କରି ନାହାନ୍ତି, ତାଙ୍କୁ ହତ୍ୟା କରାଯାଇଛି । ଏକଥା ପୋଲିସ୍ ଜାଣିବା ପରେ ତାଙ୍କର ନିଜ ଲୋକମାନଙ୍କ ସମକ୍ଷରେ ଶବକୁ କବରରୁ ବାହାରକୁ ଆଣି ପୋଷ୍ଟମଟମ୍ ପାଇଁ ସରକାରୀ ଡାକ୍ତରଖାନାକୁ ପଠାଇଥିଲା । ସେଠିକାର ଡକ୍ଟର ଶବପରୀକ୍ଷା କରିବାକୁ ଆରମ୍ଭ କରିବା ବେଳେ ଛୁରୀରେ ପ୍ରଥମେ ମୁଣ୍ଡର ଚମଡା କାଟିବା ଆରମ୍ଭ କଲେ । ସେତେବେଳେ ଛୁରୀର ଆଘାତ ପାଇ ଏତେଦିନ ଧରି ମୃତ୍ୟୁବରଣ କରିଥିବା ଅବ୍ଦୁଲ୍ ଅଜିଜ୍ ହଠାତ୍ ଉଠିଯାଇ, ମୋତେ କ'ଣ ଏଭଳି କରୁଛ ! ମୋତେ କାହିଁକି କାଟୁଛ ? ବୋଲି କ୍ରୋଧିତ ଭାବରେ ପ୍ରଶ୍ନ କରିବାରୁ ସେମାନେ ପ୍ରଥମେ ଭୟଭୀତ ହୋଇଯାଇଥିଲେ, କିନ୍ତୁ ସେ ବଞ୍ଚିଛନ୍ତି ବୋଲି ଜାଣି ତାଙ୍କର ଯଥାବିଧ ଚିକିତ୍ସା କରିଥିଲେ, ଚିକିତ୍ସା ପରେ ଅଜିଜ୍ ନିଜର ଆତ୍ମୀୟମାନଙ୍କ ସହିତ ଖୁସିରେ ନିଜ ଘରକୁ ମଧ୍ୟ ଫେରିଥିଲେ । ଏହା ଏକ ଅଦ୍ଭୁତଘଟଣା ବୋଲି ଡକ୍ଟରମାନେ ମତପୋଷଣ କରିଥିଲେ । ଏହି ଘଟଣାଟି ଘଟିବାର ୧୫ମାସ ପରେ ସମସ୍ତଙ୍କ ଅବଗତ ପାଇଁ ଟିଭି ଚ୍ୟାନେଲ୍ ଏହାକୁ ପ୍ରସାର କରିଥିଲା । ଏହି ବିଷୟକୁ ମଧ୍ୟ କେହି ଅସ୍ୱୀକାର କରି ପାରିବେ ନାହିଁ । ଏଭଳି ଅନେକ ଘଟଣା ଘଟୁଥିଲେ ମଧ୍ୟ ସବୁଘଟଣାକୁ ଅଦ୍ଭୁତ ଘଟଣା ବୋଲି କହି କିଛିଦିନ ମନେରଖି ଭୂଲିଯିବା ଛଡା, ଘଟଣାର ଅନ୍ତର୍ନିହିତ ରହସ୍ୟ କ'ଣ ବୋଲି କୌଣସି ଡକ୍ଟରମାନେ ଭାବୁ ନାହାନ୍ତି । ନିଜେ ମୃତ ଘୋଷିତ କରିଥିବା ଲୋକ ପୁଣି ଥରେ ବଞ୍ଚିବାରେ ହୁଏତ ପରୀକ୍ଷାରେ ନିଜର କିଛି ଭୂଲ୍ ରହିଯାଇଛି ବୋଲି ଅନେକ ଡକ୍ଟର ଭାବୁଛନ୍ତି ସିନା, ନିଜର ପରୀକ୍ଷା ଠିକ୍ ଥିଲା, କିଛି ଅଦ୍ଭୁତ ଘଟିଛି, ଏପରି ଆଗକୁ ଟିକିଏ ଗବେଷଣା କରିବା ବୋଲି ମଧ୍ୟ ନଭାବି, କିଛି ନକରି, କେବଳ ଘଟଣା ଏକ ଅଦ୍ଭୁତଘଟଣା ଭାବି ଛାଡିଦେଉଛନ୍ତି । ଏଭଳି ଆଉ ଗୋଟିଏ ଘଟଣା ବାବଦରେ ଦେଖନ୍ତୁ ।

## (ବିଶାଖା ଜିଲ୍ଲାରେ ଘଟିଥିବା ଏକ ଘଟଣା)

ବିଶାଖାପାଟଣାରୁ ଆରୁକୁ ଅଞ୍ଚଳକୁ ଯାଇଥିବା ରାସ୍ତାରେ ଶୃଙ୍ଗବର କୋଟା (ଏସ୍ କୋଟା) ନାମକ ଗ୍ରାମ ରହିଛି । ଏସ୍.କୋଟା ଅଞ୍ଚଳରୁ ପ୍ରାୟ ୧୨କିଲୋମିଟର ଦୂରରେ ପଡେ ସାରେପୁରମ୍ ନାମକ ଗାଆଁଟିଏ । ଏହି ଗାଆଁର ଜଣେ ବୃଦ୍ଧା, ତାଙ୍କର ନାଆଁ ଥିଲା ସମୁଦ୍ରମ୍ମା. ସେ ୧୦ବର୍ଷ ପୂର୍ବରୁ ହାଇ ବ୍ଲଡ୍‌ପ୍ରେସର୍ ଏବଂ ସୁଗାର ରୋଗରେ ପୀଡୀତା ଥିଲେ । ସେ ଏସ୍. କୋଟାର ଜଣେ ସିନିୟର ଡକ୍ଟର ଡ.ଧର୍ମଲିଙ୍ଗାଚ୍ଚରୀଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ । ଏମ.ବି.ବି.ଏସ୍ ଡ.ଧର୍ମଲିଙ୍ଗାଚ୍ଚରୀ ଥିଲେ ଜଣେ ଷାଠିଏ ବର୍ଷିୟ ଅନୁଭବଜ୍ଞ । ସେତେବେଳକୁ ଦୁଇବର୍ଷ ପୁର୍ବରୁ ଦିନେ ସଂଧ୍ୟା ଛଅଟା ବେଳେ ସମୁଦ୍ରମ୍ମାଙ୍କୁ ତାଙ୍କ ନିକଟକୁ ଅଣାଯାଇଥିଲା । ତା'ପୁର୍ବରୁ ସରକାରୀ ହସ୍ପିଟାଲ୍‌ରୁ ମୃତ ଘୋଷିତ ହୋଇଥିବା ସମୁଦ୍ରମ୍ମାଙ୍କୁ ଡ.ଧର୍ମଲିଙ୍ଗାଚ୍ଚରୀ ପରୀକ୍ଷା କରି ଦେଖିଲେ ଯେ, ତାଙ୍କର ରକ୍ତସଞ୍ଚାଳନ ହେବା, ନାଡୀ କାର୍ଯ୍ୟ କରିବା, ଶ୍ୱାସ ବନ୍ଦ ହେବା, ହୃତ୍‌ପିଣ୍ଡ ସ୍ପନ୍ଦିତ ନହେବା ଇତ୍ୟାଦି ସବୁ ପ୍ରମାଣିତ । ସମୁଦ୍ରମ୍ମାଙ୍କ ଦେହର ସବୁ ସଞ୍ଚାଳନ ବନ୍ଦ ହୋଇଯାଇଛି ତେଣୁ ସେ ମଧ୍ୟ ମୃତ ନିର୍ଦ୍ଧାରଣ କରିଥିଲେ । ଶେଷରେ ଡାକ୍ତର ମଧ୍ୟ କହିଲେ ଯେ, ଆପଣମାନେ ଘରକୁ ନେଇଯାଆନ୍ତୁ ସେ ମୃତ୍ୟୁବରଣ କରିଛନ୍ତି, ତାଙ୍କର ଆଉ ଚିକିତ୍ସା ଦରକାର ନାହିଁ ବୋଲି କହିଦେଲେ । ସେତେବେଳେ ମୃତାଙ୍କ ଲୋକମାନେ ବାର କିଲୋମିଟର ଦୁରରେ ଥିବା ସେମାନଙ୍କ ସାରେପୁରମ ଗାଆଁକୁ ନେଇଗଲେ । ସେତେବେଳକୁ ରାତି ହୋଇଯାଇଥିବାରୁ ସେମାନେ ସ୍ଥିର କଲେ ଯେ, ଶବକୁ ସକାଳେ ସ୍ମଶାନକୁ ନେବେ, କିନ୍ତୁ ସକାଳ ହେଉ ହେଉ ପ୍ରବଳ ବର୍ଷା ଆରମ୍ଭ ହୋଇଗଲା । ସ୍ମଶାନକୁ ନେଇ ଏ ବର୍ଷାରେ କିପରି ଶବଦାହ କରିବା ବୋଲି ବର୍ଷା ଛାଡିବା ପର୍ଯ୍ୟନ୍ତ ଅପେକ୍ଷା କଲେ । ସମସ୍ତେ ଅପେକ୍ଷା କରିଥା'ନ୍ତି ଯେ, ବର୍ଷା ଛାଡିଲେ ଶବକୁ ସ୍ମଶାନକୁ

ନେବେ, କିନ୍ତୁ ବର୍ଷା ଛାଡିବ କ'ଣ ଦୁଇଦିନ ଯାଏଁ ଏଭଳି ବର୍ଷା ହେଲା ଯେ, କେହି ଘରୁ ବାହାରକୁ ବାହାରିପାରିଲେ ନାହିଁ । ସମୃଦ୍ରମ୍ମାଙ୍କ ଶରୀରକୁ ସେହିଭଳି ଘରର ବାରଣ୍ଡାରେ ପକାଇ ରଖିଥା'ନ୍ତି । ସେ ମୃତ ଘୋଷିତ ହେବାର ତିନିଦିନ ଶେଷହୋଇ ଚାରିଦିନ ହେବାକୁ ଯାଉଥିବା ଦିନର ସକାଳୁ ସକାଳୁ ସମୃଦ୍ରମ୍ମା ଡାକ ପକାଇଲେ "ମୋତେ ବାହାରେ କ'ଣ ଶୁଆଇଛ !" ହଠାତ୍ ସମୃଦ୍ରମ୍ମାଙ୍କ କଥା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ସାଙ୍ଗେ ସାଙ୍ଗେ ଡ. ଧର୍ମଲିଙ୍ଗାଚାରୀଙ୍କୁ ଫୋନ୍ କରି ଏହି ଖବର ଜଣାଇଥିଲେ । ଡକ୍ଟର ମଧ୍ୟ ଏହି ଘଟଣାରେ ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ନିଜ ପରୀକ୍ଷାରେ କିଛି ତ୍ରୁଟି ରହିଯାଇଥିଲା ବୋଲି ଭାବିଥିଲେ, ସେ ଯାହାବି ହେଉ ସମୁଦ୍ରମ୍ମାଙ୍କୁ ସଜୀବ ପାଇ ସମସ୍ତେ ଖୁସି ହୋଇଥିଲେ । ଘଟଣାର ୧୫ ଦିନ ପରେ ପୁନର୍ବାର କୌଣସି ଶରୀର ଅନାରୋଗ୍ୟର କାରଣ ନେଇ ସେହି ଡକ୍ଟରଙ୍କ ପାଖକୁ ନେବାବେଳେ ପୁନର୍ଜୀବିତା ସମୃଦ୍ରମ୍ମାଙ୍କୁ ଡ.ଧର୍ମଲିଙ୍ଗାଚାରୀ ପଚାରିଥିଲେ ଯେ, ଆପଣ ତିନିଦିନଧରି ଏଭଳି ସ୍ଥିତିରେ ଥିବାବେଳେ କୁହାଯାଉଥିବା ଯମପୁର, ଯମ କି କୌଣସି ଯମକିଙ୍କରଙ୍କୁ ଆପଣ ଦେଖିଛନ୍ତି ? ସେତେବେଳେ ସେ କହିଥିଲେ ଯେ, ଏସବୁତ କିଛି ଦେଖିନି ହେଲେ ମୋତେ ଲାଗୁଛି ମୁଁ ଗଭୀରନିଦରେ ଶୋଇପଡିଥିଲି । ଏହିଘଟଣା ମଧ୍ୟ ଜଣେ ନାମି ଡକ୍ଟରଙ୍କ ସମକ୍ଷରେ ଘଟିଥିଲା । କେହି ମଧ୍ୟ ଏହି ଘଟଣାକୁ ଅସ୍ୱୀକାର କରି ପାରିବେ ନାହିଁ ।

ଶହେବର୍ଷ ପୂର୍ବର ମାଷ୍ଟର ସି.ଭି.ଭି.ରମଣ ମହାଶୟ କୋୟମ୍ବାଟୁର୍‌ରେ ତାଙ୍କ ପାଳିତ ମାତାଙ୍କୁ ବଞ୍ଚାଇପାରିବା ଭଳି ଖବର ଆମ ପାଖରେ ଥିଲେ ମଧ୍ୟ, ସେ କିପରି ବଞ୍ଚାଇ ପାରିଥିଲେ ତାହା ଆମକୁ ଜଣା ନାହିଁ । ୧୯୯୩ରେ ବରଫ ସମୃଦ୍ରରେ ପଡି ମୃତ୍ୟୁବରଣ କରିଥିବା ଲୋକଟିକୁ ପାଞ୍ଚଘଣ୍ଟା ପରେ ଡାକ୍ତରମାନେ ଚିକିତ୍ସା କରି ବଞ୍ଚାଇ

ଦେଇ ପାରିଥିଲେ । ଜମ୍ମୁକାଶ୍ମୀର୍‌ରେ ଅବ୍ଦୁଲ୍ ଅଜିଜ୍ ବିନା ଚିକିତ୍ସାରେ ଉଠିବସିଥିଲେ । ସମୁଦ୍ରମ୍ମା ମଧ୍ୟ ବିନା ଚିକିତ୍ସାରେ ତିନିଦିନ ପରେ ଉଠି ବସିଥିଲେ । ଶ୍ରୀକୃଷ୍ଣ, ଯୀଶୁ ଥିବା ହଜାର ହଜାର ବର୍ଷ ତଳର ସମୟ ହେଉ, ମଧ୍ୟ କାଳୀନ ସମୟ ହେଉ କି ଆଜିର ସମୟ ହେଉ ତାତ୍କାଳିକମରଣ ହେବା, ସେ ମରଣରୁ ପୁନର୍ଜୀବିତ ହେବା ଅତୀତରେ ନିଶ୍ଚୟ ଘଟିଛି । ତାତ୍କାଳିକମରଣକୁ ଆଜି ଆମେ ଚିହ୍ନି ନପାରିଲେ ମଧ୍ୟ ଏଭଳି ମରଣ ନାମରେ ଏକ ମରଣ ଅଛି ବୋଲି ନିଶ୍ଚୟ ଜଣା ପଡିଯାଇଛି । ଆଜିର ସମୟରେ ଏହି ତାତ୍କାଳିକମରଣ ବାବଦରେ ଜଣାନଥିବା ଲୋକମାନେ ମଧ୍ୟ କେହି ମୃତ୍ୟୁବରଣ କଲେ ତା'ର ଶବଦାହ କରିବାକୁ କିମ୍ବା କବର ଦେବାକୁ ନେବାବେଳେ ଶେଷରେ ଥରେ ଶବ ଉପରେ ଘୋଡାଯାଇଥିବା କପଡାକୁ ଖୋଲି ମାଲମାନେ (ଦାହକାରୀମାନେ) ଜୁଇକାଠ ଉପରକୁ ନେବାବେଳେ ସମସ୍ତେ ଏକସ୍ୱରରେ "ଜୀବ ଥିଲେ ଜୀବଦାନ ଦିଅ" କହି ଦଶଦିଗପାଳଙ୍କୁ ଆବେଦନ କରିଥା'ନ୍ତି, ଏହା ଇନ୍ଦୁ (ହିନ୍ଦୁ) ଧର୍ମର ଆଚରଣ) । ଆଉ କେତେକ ଅଞ୍ଚଳରେ ଶବ କୁହାଯାଉଥିବା ଲୋକ ହୁଏତ ବଞ୍ଚିଥାଇ ପାରେ ବୋଲି ରହିଥିବା ସନ୍ଦେହ ଦୂରକରିବା ନାମରେ ନାନା ପ୍ରକାରର ରୀତିର ଆଚରଣ କରିଥାନ୍ତି । ଏସବୁ ଆଜି କେତେକ ଅଞ୍ଚଳରେ ପ୍ରଚଳିତ ଥିବାବେଳେ କେତେକ ଏହାକୁ ମାନିନଥା'ନ୍ତି । **ଏହି ପୁରୁଣା ଆଚରଣଗୁଡିକ ଜ୍ଞାନ ସମ୍ବନ୍ଧୀୟ ହୋଇଥିଲେ ମଧ୍ୟ ତାହା ଆଜି ନାମକୁମାତ୍ର ରହିଛି ।** ଝରିଜଣ ମାଲ (ଦାହକାରୀମାନେ) ଶବକୁ ବୋହିନେବା, ଶବ ସହିତ ବନ୍ଧୁବାନ୍ଧବମାନେ ଶ୍ମଶାନକୁ ଯିବା, ଯିବାବେଳେ ଢୋଲ ବଜାଇ ନେବା, ଏଭଳି ଅନେକ ପ୍ରକାରର ଆଚରଣ ପୂର୍ବେ ଆମ ଇନ୍ଦୁମାନେ ସମାଜରେ ରଖିଥିଲେ । ଆଜି କେତେକ ସ୍ଥାନରେ ଏସବୁ ଆଚରିତ ନ ହୋଇ ଝରିଚକିଆ ବାହାନରେ ଶବକୁ ସ୍ମଶାନକୁ ନେଲେଣି, କିନ୍ତୁ ଆଚରଣ ପଛରେ ମହାନ ଆଧ୍ୟାତ୍ମିକ ରହସ୍ୟ ରହିଛି ବୋଲି କେହି ଜାଣିପାରୁ ନାହାନ୍ତି ।

ପୂର୍ବରୁ ତାତ୍କାଳିକମରଣର ବିବରଣ ସମସ୍ତଙ୍କୁ ଜଣାଥିବାବେଳେ, ତାତ୍କାଳିକମରଣର ମୃତକକୁ କେତେକ ଅଜ୍ଞମାନେ ଶ୍ମଶାନକୁ ନେଇ ଅତିଶୀଘ୍ର ଶବସଂସ୍କାର କରିଦିଅନ୍ତି, ଯାହା ଦ୍ୱାରା ତାତ୍କାଳିକମରଣରେ ଥିବା (ଶୋଇଥିବା) ଲୋକଟି ମୃତ୍ୟୁବରଣ କରେ । ତାତ୍କାଳିକମରଣରେ ଥିବା ଲୋକ ପୁନର୍ଜୀବିତ ହୋଇପାରେ ବୋଲି ଅଜ୍ଞମାନଙ୍କୁ ଜ୍ଞାନବୋଧ ଦ୍ୱାରା ନକହି ସମାଜରେ କେତେକ ଆଚରଣ ରୂପରେ, ପରମ୍ପରା କରି ରଖିଥିଲେ । ଏହି ପୁରୁଣା ଆଚରଣ ଦ୍ୱାରା ଅନେକ ସ୍ଥାନରୁ ଶ୍ମଶାନରୁ ଉଠି ଆସିଥିବା ଲୋକମାନଙ୍କୁ ଆଜି ମଧ୍ୟ ଦେଖିବାକୁ ମିଳୁଛି । କେତେକ ସ୍ମଶାନକୁ ନେଉଥିବା ବାଟରେ ତ କେତେକ ମାଲମାନଙ୍କ ଡାକରେ ଉଠିଥାନ୍ତି । ଆଉ କେତେକ ଚିତା ଉପରୁ ମଧ୍ୟ ଉଠି ଆସିଥିବା ଅନେକ ପ୍ରମାଣ ରହିଛି । ଏହା ଆଜିକାର ଖବର, ହେଲେ ସେତେବେଳେ ଶହେ ଜଣଙ୍କ ଭିତରୁ କେହି ଜଣେ ଶବସଂସ୍କାର ହେବା ପୂର୍ବରୁ ପୁନର୍ଜିବିତ ହେଉଥିଲେ । ସେଥିଲାଗି ଏହି ପୁରୁଣା ଆଚରଣଗୁଡ଼ିକ ପରମ୍ପରା ହୋଇ ଆଜିଯାଏ ଆଚରିତ ହେଉଛି । ଏହି ସ୍ମଶାନ ଯାତ୍ରାରେ ଗୋଟିଏ ରୀତି ଥିଲା କି କୋକେଇ ବୋହି ନେଉଥିବା ମାଲମାନେ ଘରଠାରୁ ଶ୍ମଶାନ ମଧ୍ୟରେ ଥିବା ରାସ୍ତାରେ (ଦୋବାଟିରେ) ଶବ କୋକେଇକୁ ରଖି ଆଗରେ ଥିବା ଦୁଇଜଣ ପଛକୁ, ପଛରେ ଥିବା ଦୁଇଜଣ ଆଗକୁ ବଦଳି ପୁନର୍ବାର ଶ୍ମଶାନ ଦିଗରେ ଯିବା । ଆଜି ମଧ୍ୟ କେଉଁଠି କେମିତି ଏହି ଆଚରଣ ଦେଖିବାକୁ ମିଳେ; ତଥାପି ଏଭଳି ପ୍ରଥାଗୁଡ଼ିକ ସମାଜରେ କାହିଁକି ଥିଲା କେହି ଚିନ୍ତା କରୁ ନାହାନ୍ତି ।

ମରଣ ହୋଇଥିବା ଲୋକମାନଙ୍କୁ ଶ୍ମଶାନକୁ ନେଇଯାଉଥିବା ବାଟରେ, ଏହି ଆଚରଣ ଦ୍ୱାରା କିପରି ଜଣେ ପୁନର୍ଜୀବିତ ହୋଇପାରେ ବୋଲି କେତେକଙ୍କଠାରେ ପ୍ରଶ୍ନ ଆସିପାରେ । ସେଥିଲାଗି ସେତେବେଳର ଜ୍ଞାନୀମାନେ ସମାଜରେ କେତେକ ହିତକର କାହାଣୀ ତିଆରି କରି

ଶୁଣାଇଥିଲେ । ସେଭଳି କାହାଣୀଗୁଡିକ ଦ୍ୱାରା ମଣିଷ ଏକ ନିଶ୍ଚିତତାରେ ପହଞ୍ଚି ମୃତକକୁ ଏତେ ଶୀଘ୍ର ପୋଡି / ପୋତି ନଦେଇ ଅପେକ୍ଷା କରୁଥିଲେ । ଏହାଦ୍ୱାରା ସତରେ ସମସ୍ତେ ମରିଯାଇ ନଥା'ନ୍ତି, ସେମାନେ କେବଳ କିଛି ସମୟ ଶରୀରକୁ ଛାଡି ବାହାରକୁ ଯାଇଥା'ନ୍ତି, ଏଭଳି ବାହାରକୁ ଯାଇଥିବା ଲୋକ (ଜୀବାତ୍ମା) ବାହାରେ କେଉଁଠି ଛନ୍ଦିହୋଇ ବା କୌଣସି ସନ୍ଦର୍ଭରେ ଅଟକିଯାଇ ରହିଯାଇଥିବାରୁ ସେମାନଙ୍କ ଶରୀର ବାହାରକୁ ଶବଭଳି ଦେଖାଯାଇଥାଏ, ଯେତେବେଳେ ଜୀବାତ୍ମା ଫେରି ଆସେ ସେତେବେଳେ ମଣିଷ ପୁଣି ଉଠିଥାଏ ବୋଲି ଭାବୁଥିଲେ । ଏହି କାହାଣୀଗୁଡିକରେ କୌଣସି ସତ୍ୟତା ନଥିଲେ ମଧ୍ୟ, ଏହା ସଂପୂର୍ଣ୍ଣ ମିଥ୍ୟା ହେଲେ ମଧ୍ୟ ଜୀବାତ୍ମା ଅନ୍ୟ ଜନ୍ମକୁ ନଯାଇ, କେଉଁଠି କିଛି ସମୟ ରହି, ପରେ ସେହି ଶରୀରକୁ ଆସି ପ୍ରବେଶ କରିଥାଏ ବୋଲି ବିଶ୍ୱାସ କରୁଥିଲେ । ଏହା ମିଛକାହାଣୀ ହେଲେ ମଧ୍ୟ ବିଶ୍ୱାସ କରିବା ଦ୍ୱାରା କେତେକ ପୁଣି ଥରେ ବଞ୍ଚି ପାରୁଥିଲେ ।

ପୂର୍ବେ ମୃତ୍ୟୁବରଣ କରିଥିବା ଲୋକମାନେ ସମସ୍ତେ ସଂପୂର୍ଣ୍ଣ ଭାବରେ ମୃତ୍ୟୁବରଣ କରିନଥା'ନ୍ତି, ଅନେକ ପୁଣି ଥରେ ବଞ୍ଚିଥାନ୍ତି ବୋଲି ସମାଜରେ ବିଶ୍ୱାସ ଆଣିଥିବା କାହାଣୀ କ'ଣ ? ତାହା କିପରି ଚତୁରତାର ସହିତ ଶୁଣାଇଥିଲେ ସେବାବଦରେ ଟିକିଏ ଜାଣିବା । ମଣିଷ ଶରୀରରେ ଜୀବାତ୍ମା ସ୍ୱତନ୍ତ୍ର ଭାବରେ ରହିଥାଏ, ମଣିଷ ଶୋଇବାବେଳେ ସେ ବାହାରକୁ ଯାଇଥାଏ ଏବଂ ପୁଣି ଫେରି ଆସିପାରିଥାଏ ବୋଲି କହିଥିଲେ । ଜୀବ ତା'ର ଶରୀରକୁ ଛାଡି ଯିବାବେଳେ ଶରୀରର ନାଭି ଦ୍ୱାରା ବାହାରକୁ ଆସି, ନାଭିଠାରେ କାହାକୁ ଦେଖା ଯାଉନଥିବା ଏକ ଚିହ୍ନକୁ ରଖି, କେତେଦୂର ପର୍ଯ୍ୟନ୍ତ ମଧ୍ୟ ଯାଇ ପାରେ, ଫେରିବାବେଳେ ସେ ପୁଣି ସେହି ଚିହ୍ନକୁ ଦେଖି, ଏହା ନିଜ ଶରୀର ବୋଲି ଚିହ୍ନିପାରି ସେଥିରେ ପ୍ରବେଶ

କରିଥାଏ ବୋଲି କହିଥିଲେ । ଏହି କଳ୍ପନାକୁ ସେମାନେ କିପରି ବର୍ଣ୍ଣନା କରି କହିଥିଲେ ଟିକିଏ ଦେଖନ୍ତୁ ।

ଜଣେ ଲୋକକୁ ରାତିରେ ଶୋଇବା ପୂର୍ବରୁ ଖୁବ୍‌ଜୋର୍ ଶୋଷ ହେଉଥିଲା । ସେ ପାଣି ପିଇବ ବୋଲି ଭାବୁଥିଲା ହେଲେ ପାଣି ପିଇବା ପୂର୍ବରୁ ତା'କୁ ନିଦ ଲାଗିଗଲା, ସେ ଗଭୀର ନିଦରେ ଶୋଇ ପଡିଲା । ପାଣି ପିଇବ ବୋଲି ଭାବିଥିବାରୁ ରାତିରେ ସେହି ଶରୀରର ଜୀବ ନାଭି ଦ୍ୱାର ଦେଇ ବାହାରକୁ ଆସି ତାଙ୍କ ଘରେ ଥିବା ଏକ ମାଠିଆରେ ପଶି ପାଣି ପିଉଥିଲା । ସେହି ସମୟରେ କ'ଣ ଗୋଟାଏ ଶବ୍ଦ ହେବାରୁ ତା'ର ସ୍ତ୍ରୀ (ଶୋଇଥିବା ଲୋକର ସ୍ତ୍ରୀ) ଉଠିପଡି ରୋଷେଇଘରକୁ ଯାଇ ଦେଖେ ତ ମାଠିଆର ଢାଙ୍କୁଣି ଖସି ତଳେ ପଡିଛି । ବୋଧହୁଏ ମୂଷା କି ବିରାଡି ଖସାଇ ଦେଇଥିବ ଭାବି ଢାଙ୍କୁଣିଟିକୁ ପୁଣି ମାଠିଆରେ ଘୋଡାଇଦେଇ ଶୋଇବାଘରକୁ ଯାଇ ଶୋଇପଡିଲା । ତେଣୁ ମାଠିଆରେ ପ୍ରବେଶ କରି ପାଣି ପିଉଥିବା ଜୀବ ଆଉ ବାହାରକୁ ଆସିପାରିଲା ନାହିଁ । ଏମିତି ମାଠିଆ ଭିତରେ ତା'ର ଜୀବ (ଜୀବାତ୍ମା) ରହିଯିବାରୁ ତା'ର ଶରୀର ଆଉ କାର୍ଯ୍ୟ କଲା ନାହିଁ । ସେଥିଲାଗି ସେ ଶୋଇଥିବା ଜାଗାରୁ ଆଉ ଉଠିପାରିଲା ନାହିଁ । ସକାଳୁ ସେ ଆଉ ଉଠି ନପାରିବାରୁ ସମସ୍ତେ ଭାବିଲେ ସେ ମରିଯାଇଛି । ଘରର ମୁଖ୍ୟଲୋକ ମରିଯାଇଥିବାରୁ ସେଦିନ ରୋଷେଇ ଘରକୁ ରୋଷେଇ କରିବା ପାଇଁ ମଧ୍ୟ କେହି ଯାଇନଥିଲେ । ଏମିତି ସଂଧ୍ୟା ପର୍ଯ୍ୟନ୍ତ ତାଙ୍କର ବନ୍ଧୁବାନ୍ଧବମାନେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ମରିଯାଇଛି ବୋଲି ଭାବିଥିବା ଲୋକର ଶରୀରକୁ କୋକେଇରେ ଲଦି ଶ୍ମଶାନକୁ ନେଇଗଲେ ।

ଶବକୁ ଶ୍ମଶାନକୁ ନେଇଯିବା ପରେ କାନ୍ଦି କାନ୍ଦି ତଣ୍ଟି ଶୁଖିଯାଇଥିବା ସେହି ଘରର ଜଣେ ବୃଦ୍ଧା ପାଣି ପିଇବାପାଇଁ ରୋଷେଇ ଘରକୁ ଯାଇ

ମାଠିଆର ଢାଙ୍କୁଣି କାଢିଦେଲା । ସେତେବେଳେ ମାଠିଆ ଭିତରେ ରହିଯାଇଥିବା ଜୀବାତ୍ମା ବାହାରକୁ ଆସି ନିଜ ଶରୀରକୁ ଯିବାପାଇଁ ଖୋଜିବା ବେଳକୁ ତା'ର ଶରୀର ଆଗରୁ ରହିଥିବା ଜାଗାରେ ନାହିଁ । ତେଣୁ ସେ ତା'ର ନାଭିଠାରେ ରଖିଥିବା ଚିହ୍ନକୁ ଆଧାରକରି ଖୋଜି ଖୋଜି ନିଜ ଶରୀର କେଉଁଠି ଅଛି ଜାଣିପାରି ସେଥିରେ ପ୍ରବେଶକଲା । ସେତେବେଳକୁ ତା'ର ଶରୀର କୋକେଇରେ ବନ୍ଧାଯାଇଛି । ଆଉ ଉଠିପାରିଲା ନାହିଁ । ତା'ଛଡା ଶ୍ମଶାନକୁ (ମଶାଣିକୁ) ନେବାବେଳେ ଯେଉଁ ଫୁଲ, ଖଇ, କଉଡି, ଚାଉଳ ଫିଙ୍ଗାଯାଇଥିଲା ତାହା ତା'ର ମୁହଁରେ ଭରିଯାଇଥିଲା, ତେଣୁ କଥା ମଧ୍ୟ କହି ପାରିଲା ନାହିଁ । ଏମିତି ମଶାଣିକୁ ନେବା ବାଟରେ ପ୍ରଥା ଅନୁସାରେ କୋକେଇକୁ ବାଟରେ ରଖି ମାଲ ବଦଳିବା ପ୍ରଥାର ସମୟ ଆସିଲା । ଠିକ୍ ଏତକି ବେଳକୁ ଜଣେ ଦେଖିଲା ଯେ ସେ ଶବଟି ଆଖି ଖୋଲି ଚାହିଁଛି । ସମସ୍ତେ ଆଶ୍ଚର୍ଯ୍ୟ ହୋଇ, ବଞ୍ଚିଛି ବୋଲି ବନ୍ଧାଯାଇଥିବା କୋକେଇକୁ ଖୋଲିଦେଲେ, ବଂଚିଥିବା ଲୋକକୁ ଖୁସିରେ ଘରକୁ ନେଲେ । ଏହିଭଳି କେତେକ ପୁରୁଣା ପ୍ରଥା ଅନୁସାରେ ଅନେକ ଲୋକ ବଞ୍ଚିଥା'ନ୍ତି, ତେଣୁ ବଡମାନେ ରଖିଥିବା ଏହି ପ୍ରଥାଗୁଡିକ ସତ୍ୟ ବୋଲି ସମାଜରେ ଲୋକମାନେ ଭାବିଥା'ନ୍ତି । ଏଭଳି ଘଟଣା ଘଟିଛି, ଘଟୁଛି ମଧ୍ୟ, କିନ୍ତୁ ଆମେ ଜାଣି ପାରିଛେ ଯେ, ଏହା ମରଣ ନୁହେଁ ତାତ୍କାଳିକ ମରଣ, ଏହା ମଣିଷର ନିଦ୍ରା ଭଳି । ଆମକୁ ଏଭଳି କାହାଣୀରୁ ସତ ମିଛ ଆଜି ଜଣାପଡିଥିଲେ ମଧ୍ୟ, ଆମ ବଡମାନେ ରଖିଥିବା ଆଚରଣଗୁଡିକୁ କେତେକ ସତର୍କତାର ସହିତ ଆଚରଣ କରିବା ଉଚିତ୍ । କାହାଣୀରେ କୁହାଯିବା ଭଳି ଶୋଇବା ବେଳେ ଜୀବ ତା'ର ଆବଶ୍ୟକ ନେଇ ଶରୀରକୁ ଛାଡି ବାହାରକୁ ଯିବା, ପୁଣି ଫେରିଆସିବା କଥା ସମ୍ପୂର୍ଣ୍ଣ ମିଥ୍ୟା ହେଲେ ମଧ୍ୟ ହୀତକର ।

ଆଜିର କାଳରେ ମଣିଷ ପୂର୍ବର ମଣିଷ ଅପେକ୍ଷା ଆହୁରି ଅଜ୍ଞାନୀ ହୋଇପଡିଛି । ସେତେବେଳେ ସେମାନେ ଅକ୍ଷର ଶିଖି ନଥିଲେ ମଧ୍ୟ

ଆଧ୍ୟାତ୍ମିକରେ ଢେର୍ ପଟୁତା ହାସଲ କରି ପାରିଥିଲେ । ତେଣୁ ଜନନ ମରଣ ବାବଦରେ ସେମାନଙ୍କର କେବେ ଭୂଲ୍ ହେଉନଥିଲା । ଆଜି ସେହି ଜନନମରଣ ସିଦ୍ଧାନ୍ତକୁ କେହି ଜାଣିପାରି ନଥିବାରୁ ଶିଶୁଟିଏ ଜନ୍ମ ହେବାବେଳେ ଶିଶୁର ଶରୀରକୁ ଜୀବ ପ୍ରବେଶକରିବା ପୂର୍ବରୁ ଗର୍ଭରେ ମୃତ୍ୟୁବରଣ କରିଛି ବୋଲି ଭୂଲ୍ ବୁଝି, ଶ୍ୱାସ ପ୍ରଶ୍ୱାସ ଚାଲିନଥିବା ଶିଶୁର ଶରୀରକୁ ଜୀବ ପ୍ରବେଶକରିବା ପୂର୍ବରୁ ମାଟିରେ ପୋତିଦେଉଛନ୍ତି । **ଏମିତି ସାରାଦେଶରେ ଖୋଜିଲେ କେତେକେଉଁଠି ହଜାର ହଜାର ଶିଶୁଙ୍କୁ ପ୍ରାଣ ପ୍ରବେଶ କରିବା ପୂର୍ବରୁ ପୋତିଦିଆଯାଉଛି** । ସେହିଭଳି ଜଣେ ସମ୍ପୂର୍ଣ୍ଣ ମୃତ୍ୟୁବରଣ କରିବା ପୂର୍ବରୁ ଅର୍ଥାତ୍ ଶରୀରରୁ ଜୀବ ବାହାରକୁ ବାହାରିଯିବା ପୂର୍ବରୁ, ଶ୍ୱାସ ପ୍ରଶ୍ୱାସ ଚାଲୁନାହିଁ, ନାଡୀ କାର୍ଯ୍ୟ କରୁନାହିଁ, ହାର୍ଟବିଟ୍ ନାହିଁ ବୋଲି ଭୂଲ୍ ବୁଝିବା, ଏମିତିକି ବଡବଡ ଡକ୍ଟରମାନେ ମଧ୍ୟ ଭୂଲ୍ ବୁଝିବା ଏବଂ ଡେଡ୍ ସାଠିଫିକେଟ୍ ଦେଇଦେବା ସର୍ବସାଧାରଣ ହୋଇପଡିଛି । ତେଣୁ କହିପାରିବା ଯେ, ଏହିଭଳି ଅନେକ ଲୋକଙ୍କୁ ମରଣ ପୂର୍ବରୁ ହତ୍ୟା କରିଦିଆଯାଉଛି । **ଶିଶୁ ଜନ୍ମହେବା କ୍ଷଣରେ କାନ୍ଦିଲା ନାହିଁ, ସେ ହଲଚଲ୍ ହେଲା ନାହିଁ ବୋଲି ସେ ମାଆର ଗର୍ଭ ଭିତରେ ମୃତ୍ୟୁବରଣ କରିଛି କହିବା ବିଜ୍ଞାନ ନୁହେଁ ବଡ ଅଜ୍ଞାନ । ସେହିଭଳି ମଣିଷର ଶ୍ୱାସ ଚାଲୁନାହିଁ ବୋଲି ଜୀବ ଶରୀର ଛାଡି ଚାଲିଯାଇଛି କହିବା ମଧ୍ୟ ବଡ ଅଜ୍ଞାନତା** । ଶ୍ୱାସ (ପ୍ରାଣ ବା ପବନ) ନଥିବା ସମୟରେ କୌଣସି ଶରୀରକୁ ଭଲଭାବରେ  ଗବେଷଣା କରିବା ପାଇଁ ପ୍ରଥମେ ଜୀବାତ୍ମା ବାବଦରେ ଭଲଭାବରେ ଜାଣିବା ଦରକାର ।

*****

# ତାତ୍କାଳିକ ମରଣକୁ ଜାଣିଶୁଣି ପାଇହୁଏ ?

ତାତ୍କାଳିକ ମରଣ କର୍ମ ଅନୁସାରେ ହୋଇଥାଏ ବୋଲି କହିଥିଲେ । ଏହି ମରଣ ବାବଦରେ କେତେକ ଜାଣି ପାରିଥା'ନ୍ତି, କେତେକଙ୍କର ଅଜ୍ଞାତରେ ହୋଇଥାଏ । ଜାଣିକରି ହେଉ ବା ଅଜ୍ଞାତରେ ହେଉ ସବୁ କର୍ମ ଅନୁସାରେ ହୋଇଥାଏ । ତିନିଶହବର୍ଷ ପୁର୍ବେ ଆନ୍ଧ୍ରପ୍ରଦେଶର କଡପା ଜିଲ୍ଲାରେ କନ୍ଦିମଲାଇ ନାମକ ଗ୍ରାମରେ ପୋତୁଲୁରି ବୀରବ୍ରହ୍ମ ମହାଶୟ ରହୁଥିଲେ, ସେ ଥିଲେ ମହାନ୍ ଜ୍ଞାନୀ ଏବଂ ବ୍ରହ୍ମଯୋଗ ଜାଣିଥିବା ଯୋଗୀ । ଯୋଗ ଭେଦରେ ଦୁଇ ପ୍ରକାରର ହୋଇଥିବା ବେଳେ ତା'ଭିତରୁ ଗୋଟିଏ ହେଉଛି ବ୍ରହ୍ମଯୋଗ । ବ୍ରହ୍ମଯୋଗରେ ଆତ୍ମଚୈତନ୍ୟ କାର୍ଯ୍ୟ କରିନଥାଏ ବୋଲି ଆଗରୁ ଜାଣିଛେ । ବ୍ରହ୍ମଯୋଗରେ ଥିବା ଯୋଗୀର ଶରୀରରେ କଣ ଘଟିଥାଏ ବୀରବ୍ରହ୍ମ ମହାଶୟ ତାହା ତାଙ୍କର ତତ୍ତ୍ୱରେ ଜଣାଇଥିଲେ, ସେହି ତତ୍ତ୍ୱରେ ବିବରଣ ଜାଣିଲେ ବ୍ରହ୍ମଯୋଗୀର ଶରୀରରେ କିଭଳି ପରିବର୍ତ୍ତନ ଆସିଥାଏ ତାହା ଜାଣିହୁଏ । ବ୍ରହ୍ମଯୋଗରେ ବାହାରକୁ ଶ୍ୱାସ ପ୍ରଶ୍ୱାସ ପ୍ରଚଳିତ ହେଉଛି ବୋଲି ଜାଣିହୋଇ ନଥାଏ । ସେହିଭଳି ଶରୀର ଭିତରେ ଦେଖାଯାଉ ନଥିବା ଚୈତନ୍ୟ ମଧ୍ୟ ଶରୀରର ଗୋଟିଏ ସ୍ଥାନରେ ସ୍ଥିର ରହିଯାଇଥାଏ । ତାତ୍କାଳିକ ମରଣରେ ପ୍ରଥମେ ଶ୍ୱାସକୁ ଦେଖି, ତା'ପରେ ଆମେ ଶରୀରର ସ୍ପନ୍ଦନକୁ ଲକ୍ଷ୍ୟ କରୁଛେ । ଏଦୁଇଟି ନଥିବା ବେଳେ ଯେଉଁମାନେ ମରଣ ବାବଦରେ ସଂପୂର୍ଣ୍ଣ ଜାଣିଥା'ନ୍ତି, ସେମାନେ ଏହା ତାତ୍କାଳିକମରଣ ବୋଲି ଚିହ୍ନି ପାରିଥା'ନ୍ତି । ଯେଉଁମାନେ ମରଣ ବାବଦରେ କିଛି ଜାଣିନଥା'ନ୍ତି ସେମାନେ ଏଇଠାରେ ହିଁ ଭୂଲ୍ କରିଥା'ନ୍ତି । ନାକରେ ଶ୍ୱାସ, ଶରୀରରେ ଚୈତନ୍ୟ ନଥିବା ବେଳେ, ମଣିଷର କୌଣସି ଏକ ମରଣ ହୋଇଛି ବୋଲି ଭାବିବା ସାଧାରାରଣ କଥା । କିନ୍ତୁ ବ୍ରହ୍ମଯୋଗ ମଧ୍ୟ ମରଣ ଭଳି । ବ୍ରହ୍ମଯୋଗରେ ଶ୍ୱାସ ଅଟକିଯାଇ, ହୃତ୍‌ପିଣ୍ଡର ସ୍ପନ୍ଦନ

ଅଟକି ଯାଇଥାଏ । ଏହା ପୂର୍ବରୁ ମରଣ ଆଉ ତାତ୍କାଳିକମରଣ ବାବଦରେ ଜାଣିଛେ । ଏବେ ତାତ୍କାଳିକମରଣ ସମାନ ହୋଇ ରହିଥିବା ବ୍ରହ୍ମଯୋଗ ବାବଦରେ ଜାଣିବା ।

ଯୋଗ ଦୁଇପ୍ରକାରର । ବ୍ରହ୍ମଯୋଗକୁ ବାଦ୍ ଦେଲେ ବାକିଥିବା କର୍ମଯୋଗ ଅହଂ ଉପରେ ଆଧାରିତ । ଯେତେବେଳେ ମଣିଷର ଅହଂ କାର୍ଯ୍ୟ କରିନଥାଏ ସେତେବେଳେ ସେ କର୍ମଯୋଗ ପ୍ରାପ୍ତ ହୁଏ । ଅହଂ ଆପଣାଛାଏଁ କାର୍ଯ୍ୟ ନକରି କେବେ ସ୍ଥିର ରହି ନଥାଏ, ତେଣୁ ଅହଂକୁ ବେକାମି କରିବାପାଇଁ ଯେଉଁ ପଦ୍ଧତି ଅବଲମ୍ବନ କରାଯାଏ ତାହା ହେଉଛି କର୍ମଯୋଗ ବା ଏହି ଚେଷ୍ଟାର ନାମ କର୍ମଯୋଗ । ଚେଷ୍ଟା ସଫଳ ହୋଇ ଅହଂ ତା'ର କାର୍ଯ୍ୟକରିବା ବନ୍ଦ କରିଦେଲେ ତାହା କର୍ମଯୋଗ ହୋଇଥାଏ । ସେହିଭଳି ବ୍ରହ୍ମଯୋଗ ଶରୀରର ମନ ଉପରେ ଆଧାରିତ । ଯେତେବେଳେ ମନ କାର୍ଯ୍ୟ କରିନଥାଏ ସେତେବେଳେ ତାହା ବ୍ରହ୍ମଯୋଗ ହୋଇଥାଏ । ଶରୀରରେ କାହାର ମନ ଆପଣାଛାଏଁ ସ୍ଥିର ହୋଇନଥାଏ । ଏଠାରେ ଟିକିଏ ଗଭୀର ବିଚାର କରି ଜାଣିବା ଉଚିତ ଯେ ! ଅହଂ ଏବଂ ମନ ଦୁଇଟିଯାକ ହେଉଛନ୍ତି ବଳଶାଳୀ । ଏ ଦୁଇଟି କେବେ ଆପଣାଛାଏଁ ସ୍ଥିର ହୋଇନଥା'ନ୍ତି । ଏଦୁଇଟିକୁ ଜାଣିବାପାଇଁ ଏକ ଉଦାହରଣ ନେବା ।

ଜଣେ ଲୋକ ଦୁଇଟି କୁକୁରଛୁଆ ଛୋଟବେଳୁ ଅର୍ଥାତ୍ କ୍ଷୀର ପିଇବା ସମୟରୁ ପାଳିଥିଲା, ସ୍ନେହଥିଲାଗି ଛୁଆଦୁଇଟି ତା'ପ୍ରତି ଅତି ବିଶ୍ୱାସ ରଖିଥିଲେ, ସେ ସେମାନଙ୍କର ନାମ ଲମ୍ଭୁ, ଜମ୍ଭୁ ରଖିଥିଲା । ଲମ୍ଭୁ, ଜମ୍ଭୁ ଦୁହେଁ ଗୋଟିଏ ଘରେ ବଢିଥିଲେ ମଧ୍ୟ ସେମାନଙ୍କର ସ୍ୱଭାବ ଅଲଗା ଅଲଗା ଥିଲା, କିନ୍ତୁ ଉଭୟେ ମାଲିକର ବିଶ୍ୱାସୀ ଥିଲେ । ମାଲିକ ଯାହା କହିଲେ ସେ ଦୁହେଁ ତାହା ହିଁ କରନ୍ତି, ଆସ କହିଲେ ଆସନ୍ତି, ଯାଆ କହିଲେ ଯାଆନ୍ତି, ଏଭଳି ମାଲିକର ପ୍ରତ୍ୟେକ

କଥାକୁ ମାନିଥା'ନ୍ତି । ଦିନେ କେହି ଜଣେ ଅଜଣାଲୋକ ସେହି ଘରକକୁ ଆସିବା ବେଳେ, ତା'କୁ ଚୋର ଭାବି ଦୁହେଁ ଭୂକି ସେ ଲୋକଟିକୁ ଡରାଇ ବାହାରକୁ ତଡିଦେଲେ । ସେମାନେ ରହୁଥିବା ଘରର ଦୁଇଟି ଦ୍ୱାର ଥିଲା । ଗୋଟିଏ ଦ୍ୱାରରେ ଗୋଟିଏ କୁକୁର ରହୁଥିଲେ । ପ୍ରଥମ ଦ୍ୱାରରେ ଲମ୍ଭୁ, ଦ୍ୱିତୀୟ ଦ୍ୱାରରେ ଜମ୍ଭୁ ରହି ଘର ଭିତରକୁ କାହାକୁ ଛାଡି ଦେଉନଥିଲେ । ଘରମାଲିକ ଜାଣିଥାଏ ଯେ, ମୋ' କୁକୁର ଦୁଇଟି ଭଲକାର୍ଯ୍ୟ କରୁଛନ୍ତି । ତେଣୁ ସେ ରାତିରେ ଶୋଇବା ବେଳେ ସେମାନଙ୍କୁ ଘର ଜଗାଇ ଦିନବେଳେ ସେମାନଙ୍କ ପାଇଁ ସ୍ୱତନ୍ତ୍ରଭାବରେ ତିଆରି କରିଥିବା ଘରକୁ ବିଶ୍ରାମପାଇଁ ପଠାଇଦିଏ । କୁକୁର ଦୁଇଟି ମଧ୍ୟ ମାଲିକର ଆଦେଶ କ୍ରମେ ରାତିରେ ଜଗୁଆ ରହି ଦିନବେଳେ ବିଶ୍ରାମ ନେଉଥିଲେ, ସେମାନଙ୍କ ମାଲିକ ଯେତେବେଳେ ସେମାନଙ୍କ ପାଖକୁ ଆସେ ତା'କୁ ଚିହ୍ନିପାରନ୍ତି । ଏହିଭଳି ସ୍ଥିତିରେ ଦିନେ ଗୋଟିଏ ଚୋର ସେହି ଘରର ମାଲିକ ଭଳି ବେଶ ଧରି, ଘରର ଧନ, ଟଙ୍କା ପଇସା, ସୁନାରୁପା ଇତ୍ୟାଦିକୁ ଚୋରାଇ ନେବାପାଇଁ ଭାବିଲା । ଏମିତି ଏକ ଜୋଜନା କରି ଚୋରଟି ଘରଆଡକୁ ଆସିଲା । ଏତିକିବେଳେ ପ୍ରଥମ ଦ୍ୱାରରେ ଥିବା ଲମ୍ଭୁ ତା'କୁ ଦେଖି, ଚୋର ବୋଲି ଜାଣି ଭୂକିବାକୁ ଲାଗିଲା, କିନ୍ତୁ ଚୋରଟି ନିଜେ ଘରମାଲିକ ବୋଲି ଲମ୍ଭୁଠାରେ ବିଶ୍ୱାସ ଆଣିବାକୁ ଚେଷ୍ଟାକଲା । ଚୋରକୁ ଚୋର ବୋଲି ଭଲରେ ଚିହ୍ନିପାରି ଲମ୍ଭୁ ତା'କୁ ଭୂକିବା ସହିତ ଆକ୍ରମଣ କରିବାକୁ ଲାଗିଲା । ଚୋରଟି ଚାଲାକ୍ ଥିବାରୁ ପ୍ରଥମ ଦ୍ୱାରରେ ଆଉ ଯିବାକୁ ଚେଷ୍ଟା ନକରି ଫେରିଆସି ଦ୍ୱିତୀୟ ଦ୍ୱାରରେ ଯିବାକୁ ଚେଷ୍ଟାକଲା, କିନ୍ତୁ ଦ୍ୱିତୀୟ ଦ୍ୱାରରେ ମଧ୍ୟ ଜମ୍ଭୁ ରହିଛି, ସେ ମଧ୍ୟ ନଛାଡିବା କୁକୁର, ତେଣୁ ସେ ମଧ୍ୟ ଜାଣିପାରିଲା ଯେ, ଇଏ ମାଲିକ ନୁହେଁ, ଚୋର । ଚୋରଟି ଜମ୍ଭୁଠାରେ ମଧ୍ୟ ନିଜେ ମାଲିକ ବୋଲି ବିଶ୍ୱାସ ଆଣିବାକୁ ଚେଷ୍ଟାକଲା, କିନ୍ତୁ ଜମ୍ଭୁ ଭୂକି

କାମୁଡିବା ପାଇଁ ଉଦ୍ୟମ କରୁକରୁ ଚୋରଟି ନିଜର ଯୋଜନାରେ ବିଫଳ ହୋଇ ଫେରି ଆସିଲା ।

ଏହି କାହାଣୀରୁ ଜଣାଗଲା ଯେ, କୁକୁର ଦୁଇଟି ଘରମାଲିକ ବ୍ୟତୀତ ଆଉକାହା କଥା ଶୁଣନ୍ତି ନାହିଁ । ସେହିଭଳି ଶରୀର ନାମକ ଘରେ ଆତ୍ମା ନାମକ ମାଲିକର କଥା ଶୁଣୁଥିବା ଲମ୍ବୁ, ଜମ୍ବୁ ଭଳି ମନ ଏବଂ ଅହଂ ରହିଥା'ନ୍ତି । ଲମ୍ବୁ, ଜମ୍ବୁ ଘରମାଲିକର କଥା ଶୁଣୁଥିବା ଭଳି ମନ ଏବଂ ଅହଂ ଆତ୍ମାର କଥା ଶୁଣିଥା'ନ୍ତି । ଚୋରଟି ଘରମାଲିକ ଭଳି ବେଶ ଧାରଣ କରି ଲମ୍ବୁ, ଜମ୍ବୁଙ୍କଠାରେ ବିଶ୍ୱାସ ଜନ୍ମାଇଲେ ମଧ୍ୟ ସେମାନେ ଚୋର କଥା ଯେମିତି ଶୁଣିଲେ ନାହିଁ ଠିକ୍ ସେମିତି ଚୋର ଭଳି ଥିବା ଜୀବ ମନ ଓ ଅହଂକୁ ଆତ୍ମା ଭଳି ବିଶ୍ୱାସ ଜନ୍ମାଇଲେ ମଧ୍ୟ ମନ,ଅହଂ ତା'କଥା ଶୁଣିନଥା'ନ୍ତି । କାରଣ ! ମନ ଓ ଅହଂ ଆତ୍ମାର ଅଧିନରେ ରହିଥା'ନ୍ତି । ଜୀବ ସେମାନଙ୍କୁ ନିଜାଧିନ କରିବାକୁ ଚେଷ୍ଟାକଲେ ମଧ୍ୟ ବିଫଳ ହୋଇଥାଏ । ଘରମାଲିକ ରାତିରେ କୁକୁର ଦୁଇଟିକୁ ଘରର ଜଗୁଆ ରଖାଇଦେଇ ଦିନବେଳା ସେମାନଙ୍କୁ ବିଶ୍ରାମ ଦେବା ବନ୍ଦୋବସ୍ତ କରିଥିଲା ଏବଂ କୁକୁର ଦୁଇଟି ମଧ୍ୟ ସେହି ଅଭ୍ୟାସରେ ପଡିଥିବା ଭଳି, ଶରୀରରୂପୀ ଘରେ ଅହଂ ଏବଂ ମନକୁ ଆତ୍ମା ରୂପୀ ମାଲିକ ଦିନବେଳା କାର୍ଯ୍ୟରେ ଲଗାଇ ରାତିରେ ବିଶ୍ରାମ ନେବା ଭଳି କରିଛି । ଆମ ଶରୀରରେ ମନ ଏବଂ ଅହଂ ଆତ୍ମାର ନିର୍ଦ୍ଦେଶରେ କାର୍ଯ୍ୟ କରିଥା'ନ୍ତି । ଜାଗ୍ରତାବସ୍ଥାରେ ମନ ଏବଂ ଅହଂ କାର୍ଯ୍ୟ କରୁଥିବା ବେଳେ, ରାତିରେ ଆମେ ଶୋଇବାବେଳେ ମନ ଏବଂ ଅହଂ ବିଶ୍ରାମ ନେଇଥା'ନ୍ତି । ତେଣୁ **ଦିନବେଳା ସବୁ ଜାଣିବା ଅବସ୍ଥାରେ ଅହଂ କାର୍ଯ୍ୟ ନକଲେ ତାହା କର୍ମଯୋଗ ହୋଇଥାଏ । ସେହିଭଳି ଦିନବେଳା ସବୁ ଜାଣିବା ଅବସ୍ଥାରେ ମନ କାର୍ଯ୍ୟ ନକଲେ ତାହା ବ୍ରହ୍ମଯୋଗ ହୋଇଥାଏ ।** ଘର ମାଲିକର ନିର୍ଦ୍ଦେଶ ମୁତାବକ କୁକୁର ଦୁଇଟି କାର୍ଯ୍ୟ ନକରି ଚୋର କଥା

ଶୁଣି ସକ୍ରମରେ କାର୍ଯ୍ୟ ନକଲେ ଘରୁ ଚୋରି ହୋଇଯିବ । ସେହିଭଳି ଆତ୍ମା କଥା ଶୁଣି, ଆତ୍ମା କହିବାଭଳି କାର୍ଯ୍ୟ କରୁଥିବା ମନ ଜାଗ୍ରତାବସ୍ଥାରେ ଆତ୍ମା କଥା ନଶୁଣି କାର୍ଯ୍ୟକଲେ ସେ ଜୀବାତ୍ମା କଥା ଶୁଣିବା ଭଳି ହୋଇଯିବ । କୁକୁର ଠିକ୍‌ରେ କାର୍ଯ୍ୟ ନକରିବା ବେଳେ ଚୋର ଚୋରିକାର୍ଯ୍ୟ କରିପାରିବା ଭଳି, ମନ କାର୍ଯ୍ୟ କରୁନଥିବା ବେଳେ ଜୀବାତ୍ମା ଏଠାରେ ଆତ୍ମାର ଧନକୁ (ଆତ୍ମା ଜ୍ଞାନକୁ) ଚୋରି କରିପାରିବ । ସେତେବେଳେ ତାହା ଜୀବାତ୍ମା ପାଇଁ ଏକ ଯୋଗରେ ପରିଣତ ହେବ । ଜାଗ୍ରତାବସ୍ଥାରେ ମନ କାର୍ଯ୍ୟ ନକରିବା ବେଳେ ବ୍ରହ୍ମଯୋଗ ହୋଇଥାଏ । ସେହିଭଳି  ଜାଣିବା  ଅବସ୍ଥାରେ ଅହଂ କାର୍ଯ୍ୟରହିତ ହୋଇଗଲେ ତାହା କର୍ମଯୋଗ ହୋଇଥାଏ ।

ଆତ୍ମା ଅଧିପତି ଭାବରେ ଥିବା ଶରୀରରେ କାର୍ଯ୍ୟ କରୁଥିବା ମନ ଓ ଅହଂ ନିଦ୍ରାବସ୍ଥାରେ କାର୍ଯ୍ୟ ନ କରିବା, ଜାଗ୍ରତାବସ୍ଥାରେ ସଂପୂର୍ଣ୍ଣ  କାର୍ଯ୍ୟ କରିବା  ହେଉଛି ସେମାନଙ୍କର ପ୍ରକୃତିଗତ ଧର୍ମ,ହେଲେ ଜାଗ୍ରତ ଅବସ୍ଥାରେ କାର୍ଯ୍ୟ ନକରିବା ମନ ଏବଂ  ଅହଂର ଅଧର୍ମ ହୋଇଥାଏ ।  ମନ ଓ ଅହଂ ପ୍ରକୃତିର, ତେଣୁ ସେମାନେ ପ୍ରକୃତି ପାଇଁ କାର୍ଯ୍ୟ ନକରିବା ଅର୍ଥାତ୍ ନିଜ କାର୍ଯ୍ୟ ନିଜେ ନକରିବା ସେମାନଙ୍କର ଅଧର୍ମ ହୋଇଥାଏ । ଆତ୍ମା ଅଧିପତି ଭାବରେ ରହି,ପ୍ରକୃତି ଧର୍ମରେ ପରିପୂର୍ଣ୍ଣ ଶରୀରକୁ ବଳ ଯୋଗାଇଥାଏ । ଏହି ଅନୁସାରେ ମନ ଏବଂ ଅହଂ କାର୍ଯ୍ୟ କରିବା ପ୍ରକୃତି ଧର୍ମ ହୋଇଥାଏ ବା ମାୟା ଧର୍ମ ହୋଇଥାଏ,  କିନ୍ତୁ ଈଶ୍ୱରଙ୍କ ପାଇଁ ଅଧର୍ମ ହୋଇଥାଏ । ଜାଣିବା ଅବସ୍ଥାରେ ମନ କାର୍ଯ୍ୟ ନକଲେ ତାହା ଦୈବଧର୍ମ ହୋଇଥାଏ । ସବୁ ଜାଣିବା ଅବସ୍ଥାରେ ମନକୁ କାର୍ଯ୍ୟଗୁଡିକରୁ ସ୍ଥିର ରଖିଦେବା ବେଳେ ତାହା ଦୈବଧର୍ମ ସୂତ୍ରରେ ବ୍ରହ୍ମଯୋଗ ହୋଇଥାଏ । ସେହିଭଳି  ଜାଣିବା ଅବସ୍ଥାରେ  ଅହଂ କାର୍ଯ୍ୟଗୁଡିକରୁ  ଅବସର  ନେଲେ ତାହା ଦୈବଧର୍ମ ଅନୁସାରେ କର୍ମଯୋଗ ହୋଇଥାଏ । ପ୍ରକୃତି ଜନିତ ମନ ଏବଂ ଅହଂ ଅନୁସାରେ ବ୍ରହ୍ମଯୋଗ କିମ୍ବା କର୍ମଯୋଗ ହୋଇପାରେ ।

ବ୍ରହ୍ମଯୋଗକୁ ଭଲଭାବରେ ବୁଝିବାକୁ ହେଲେ ଉପରୋକ୍ତ ଉଦାହରଣକୁ ଭଲଭାବରେ ବୁଝିବାକୁ ହେବ । କୁକୁରମାନଙ୍କୁ ଆଦର କରି ବଶୀଭୂତ କରିହେବ ଅଥବା ସେମାନଙ୍କୁ ବଳ ପୂର୍ବକ ଆକଟ କରାଯାଇ ପାରିବ । କୁକୁରଙ୍କୁ ଭଲ ଖାଦ୍ୟ ଦେଇ ସେମାନଙ୍କ ଭୂକିବା ବନ୍ଦ କରିହେବ, ବଳପୂର୍ବକ କୁକୁରର ମୁହଁକୁ କପଡାରେ ହେଉ କି କୌଣସି ଉପାୟରେ ହେଉ ବନ୍ଦ କରି ତା'ର ଭୂକିବା ବନ୍ଦ କରିହେବ । ତେଣୁ ପ୍ରଥମ ପଦ୍ଧତି ପ୍ରକାରରେ ମନକୁ ଆକଟକରିବା ହେଉଛି ଯୋଗସାଧନା । ଏହିଭଳି ଚଂଚଳ ମନକୁ ସ୍ଥିର କରିବାକୁ ହେଲେ, ଅନେକ ସମୟ ଧରି ଅଭ୍ୟାସ କରିବାକୁ ପଡିବ । ଦ୍ୱିତୀୟ ପ୍ରକାରର ପଦ୍ଧତି ଦ୍ୱାରା ମନକୁ ଆକଟ କରିବା କଷ୍ଟ ଏବଂ ବିପଦ ପୂର୍ଣ୍ଣ; ତଥାପି ଏହାକୁ ଖୁବ୍ ଶୀଘ୍ର ସାଧ କରିପାରିବା । କ୍ୱଚିତ୍ କେହି ଏହି ପଦ୍ଧତିକୁ ଆପଣାଇଥା'ନ୍ତି । ତେବେ ଏହି ପଦ୍ଧତିକୁ ଆପଣାଇବାର ସୂତ୍ର କ'ଣ ଜାଣିବା । ମନକୁ ସ୍ଥିର କରିବା ହେଉଛି ବ୍ରହ୍ମଯୋଗ । ମନ ସ୍ଥିର ହୋଇଯିବା ବେଳେ ତା' ସହିତ ଅନୁସନ୍ଧିତ ହୋଇ ରହିଥିବା ଶ୍ୱାସ ମଧ୍ୟ ସ୍ଥିର ହୋଇଯାଇଥାଏ । ଶ୍ୱାସ ସ୍ଥିର ରହିଯିବା ଦ୍ୱାରା, ସେହି ଶରୀର ବାହାରକୁ ମୃତପ୍ରାୟ ଜଣାପଡେ । ବ୍ରହ୍ମଯୋଗ ଆଚରଣ କରୁଥିବା ଲୋକର ବାହ୍ୟ ଦୁନିଆ ସହିତ ସଂପର୍କ ତୁଟି ଯାଇଥାଏ । ଏଭଳି ଲୋକ ଆସନରେ ବସିବା ଦ୍ୱାରା, କେତେକଙ୍କୁ ସେ ଜଣେ ଯୋଗୀ ବୋଲି ଜଣାଥିବା ଦ୍ୱାରା, ତା'ର ଶ୍ୱାସ ଚାଲି ନଥିଲେ ମଧ୍ୟ, ତା'କୁ ଯୋଗରେ ବସିଛି ବୋଲି ସମସ୍ତେ ଭାବିଥା'ନ୍ତି ସିନା, ମୃତ୍ୟୁବରଣ କରିଛି ବୋଲି କେହି ଭାବି ନଥା'ନ୍ତି ।

ବ୍ରହ୍ମଯୋଗରେ ଶରୀର ଭିତରେ ମନ ସ୍ଥିର ରହିଯିବା ଦ୍ୱାରା, ବାହାରେ ଶ୍ୱାସ ସ୍ଥିର ରହିଯାଇଥାଏ । ତାତ୍କାଳିକମରଣରେ ପ୍ରଥମେ ବାହାରର ଶ୍ୱାସ ଭିତରେ ସ୍ଥିର ରହି ପରେ ଭିତରେ ମନ ସ୍ଥିର ହୋଇଯାଇଥାଏ । ଗୋଟିଏ ଦିଗରେ ବ୍ରହ୍ମଯୋଗ ହେଉ, ଅନ୍ୟ ଦିଗରେ ତାତ୍କାଳିକମରଣ ହେଉ ଜୀବ କିନ୍ତୁ ଶରୀର ଛାଡି ବାହାରକୁ ଯାଇନଥାଏ । ତେଣୁ ବ୍ରହ୍ମଯୋଗୀ

ବା ତାତ୍କାଳିକ ମୃତକ (ଜୀବ) ଆତ୍ମା ସହିତ ଶରୀରରେ ରହିଥାଏ । **ପ୍ରଥମେ ମନ ରହିଗଲେ ପରେ ଶ୍ୱାସ ରହିଯାଏ କିମ୍ୱା ପ୍ରଥମେ ଶ୍ୱାସ ରହିଗଲେ ପରେ ମନ ମଧ୍ୟ ରହିଯାଏ ବୋଲି କେତେକ ଜାଣି ପାରିଛନ୍ତି ।** ତେଣୁ କେତେକ ସାଧନା କରି, ଶରୀର ଭିତରକୁ ଶ୍ୱାସ ପଠାଇ ଭିତରେ ସ୍ଥିର କରାଇ ପାରୁଛନ୍ତି । ଆମେ ଜାଣିଛେ ଯେ, ଶରୀରର ଭିତରୁ ଶ୍ୱାସ ବାହାରକୁ ଚାଲିଗଲେ ତାହା ସଂପୂର୍ଣ୍ଣ ମରଣ ହୋଇଥାଏ । କିନ୍ତୁ ଶ୍ୱାସ ଶରୀର ଭିତରକୁ ଯାଇ ଭିତେର ସ୍ଥିର ରହିଗଲେ ତାହା ମରଣ ଭଳି ବାହାରକୁ ଜଣାପଡିଥାଏ ସିନା, ତାହା ମରଣ ନୁହେଁ । ତେଣୁ ତାହାକୁ ଆମେ ତାତ୍କାଳିକମରଣ ବୋଲି କହିଛୁ । ଶ୍ରୀ ପୋତୁଲୁରି ବୀରବ୍ରହ୍ମ ମହାଶୟ ଶ୍ୱାସକୁ ବାନ୍ଧି, ମନକୁ ଆକଟ କରି ପାରିଥିଲେ । ଶ୍ୱାସକୁ ଶରୀର ଭିତରକୁ ପଠାଇବା ହେଉଛି କୁମ୍ଭକ । ସେହିଭଳି ଶ୍ୱାସକୁ ବାହାରକୁ ନଛାଡି ଭିତରେ ବାନ୍ଧି ରଖିବାକୁ ପ୍ରାଣାୟାମ କହନ୍ତି । ଏହିଭଳି ଜାଗ୍ରତ ରହିବାବେଳେ ମନକୁ କାର୍ଯ୍ୟ କରିବାଠାରୁ ସ୍ୱତନ୍ତ୍ର ରଖି ବାନ୍ଧିରଖିବା ବେଳେ ତାହା ବ୍ରହ୍ମବିଦ୍ୟାଶାସ୍ତ୍ର ଅନନୁସାରେ ବ୍ରହ୍ମଯୋଗ ହୋଇଥାଏ । ପୂର୍ବେ ଏହି ଯୋଗକୁ ଅନେକଲୋକ ଆଚରଣ କରୁଥିଲେ । କେତେକ ମନ ଦ୍ୱାରା ଶ୍ୱାସକୁ ଅଟକାଇ ପାରିଥିବା ଜଣାଯାଏ । ଏସବୁ ଜ୍ଞାନ ଜାଣିବା ଅବସ୍ଥାରେ କରିବାବେଳେ କରୁଥିବା ଲୋକକୁ ଯୋଗୀ କୁହାଯାଏ ଏବଂ ଯୋଗୀକୁ ଏଥିରୁ ଯୋଗବଳ ବା ଯୋଗଶକ୍ତି ମିଳିଥାଏ । ଦୈବଜ୍ଞାନ ଜଣାନଥାଇ ମଧ୍ୟ ଶ୍ୱାସକୁ ବଳପୂର୍ବକ କୁମ୍ଭକ ଦ୍ୱାରା ମାସ ମାସ, ବର୍ଷବର୍ଷ ପର୍ଯ୍ୟନ୍ତ ଅଟକାଇପାରିବା ଲୋକ ମଧ୍ୟ ଅଛନ୍ତି । ଏହି ସ୍ଥିତିରେ ସେମାନେ ନିଦ୍ରା ସ୍ଥିତିରେ ପହଞ୍ଚି, ତାତ୍କାଳିକମରଣ ପାଇଥା'ନ୍ତି, କିନ୍ତୁ ସେମାନଙ୍କର ଏହିସ୍ଥିତିକୁ ଯୋଗ କହିପାରିବା ନାହିଁ ।

ବୀରବ୍ରହ୍ମ ମହାଶୟ ଦୈବଜ୍ଞାନ ଜଣାଥିବା ବ୍ରହ୍ମଯୋଗୀ, ସେ ଭିତରେ ମନକୁ ଜୟ ନକରି, ବାହାର ଶ୍ୱାସକୁ ଭିତରେ ବାନ୍ଧିରଖି

ପରେ ମନକୁ ସ୍ୱାଧୀନ କରି କେତେବର୍ଷ ପର୍ଯ୍ୟନ୍ତ ସମାଧି ସ୍ଥିତିରେ ଜ୍ଞାନର ସହିତ ରହିପାରିଥିଲେ । ସେ ପ୍ରାଣାୟାମ ଦ୍ୱାରା ବଞ୍ଚି ରହିହୁଏ ବୋଲି ଜଣାଇବା ନିମନ୍ତେ, ପ୍ରାୟ ତିନିଶହ ବର୍ଷ ତଳେ ଭୂସମାଧିରେ ସଜୀବ ଭାବରେ ବସିଥିଲେ । ତାଙ୍କୁ ଭୂମିରେ ସମାଧି ଦେବାବେଳେ ମଧ୍ୟ ସେ ସଜୀବ ଥିଲେ । ଏକଥା ସେ, ମୁଁ ମୃତ୍ୟୁବରଣ କରିବି ନାହିଁ ବୋଲି ଆଗୁଆ କହିଥିଲେ, ସେ ଶ୍ୱାସକୁ କୁମ୍ଭକ କରିବା ପଦ୍ଧତି ବ୍ରହ୍ମଜ୍ଞାନ ସହିତ ଶିଖିଥିବାରୁ ତାତ୍କାଳିକମରଣ ପାଇଥିଲେ ମଧ୍ୟ ତାହା ଥିଲା ବ୍ରହ୍ମଯୋଗ । ବ୍ରହ୍ମଯୋଗ ହୋଇନଥିବା ତାତ୍କାଳିକ ମରଣ ଅନେକଙ୍କୁ ହୋଇଥିଲା ବୋଲି ଆଗରୁ ଜାଣିଛେ । ଏଭଳି ତାତ୍କାଳିକମରଣରେ ପ୍ରଥମେ ମନ ସ୍ଥିର ହୋଇ ତା'ପରେ ଶ୍ୱାସ ଅଟକି ଯାଇଥାଏ । କେତେକ ଏହିଭଳି ସାଧନା କରି, ଶ୍ୱାସକୁ ବାନ୍ଧିପାରି, ବାହାରକୁ ସମସ୍ତେ ଜାଣିବା ଭଳି ମୃତ୍ୟୁବରଣ କରି, ତାତ୍କାଳିକମରଣରେ ରହି, ପରେ କିଛିଦିନ ପରେ ନିଦ୍ରାସ୍ଥିତିରୁ ଉଠିବାଭଳି ଉଠି, ମୃତ୍ୟୁବରଣ କରି ପୁନର୍ବାର ବଞ୍ଚିବା ଭଳି ଦେଖା ଯାଇଥା'ନ୍ତି । ଏହି କାର୍ଯ୍ୟ ପେଟପୋଷିବା ପାଇଁ ଯଦି ଗରିବ କେଳାଟିଏ କରିଥାଏ ତା'କୁ ଆମେ ଗୁଣିବିଦ୍ୟା ଶିଖିଛି ବୋଲି କହୁଛେ, କିନ୍ତୁ ଜଣେ ସବୁ ପ୍ରକାରର ସୁବିଧା ସୁଯୋଗରେ ବଞ୍ଚି ଯଦି କରେ ଆମେ ତାହା ତା'ର ମାହାତ୍ମ୍ୟ ବୋଲି କହୁଛେ । ଦୈବ ସମାନ ଭାବି ପୂଜା ମଧ୍ୟ କରୁଛେ ।

ଆମେରିକା ଦେଶରେ ରେଜିଲିଂ (ମଲ୍ଲଯୁଦ୍ଧ) ବା କୁସ୍ତି ବୋଲି ଏକ ଖେଳ ଖେଳାଯାଏ । ଏହି ଖେଳରେ ଭାଗନେଉଥିବା ଲୋକମାନେ ସାଧାରଣତଃ ଶାରୀରିକ ହୃଷ୍ଟପୃଷ୍ଟ ହୋଇଥା'ନ୍ତି । ବେଳେବେଳେ ଏହି ଖେଳ ଖେଳୁଥିବା ଲୋକମାନଙ୍କ ଭିତରୁ କେହି କେହି ମୃତ୍ୟୁବରଣ କରିଥା'ନ୍ତି । ଆମେ ଯାହା ଦେଖିଛୁ, ଆମେରିକାର ଅଣ୍ଡରଟେକର ନାମକ ୬.୯ ଫୁଟର

ଜଣେ ବ୍ୟକ୍ତି ୧୯୪୮ ମସିହାଠାରୁ ଏହି ଖେଳରେ ଭାଗନେଇ ଆସୁଛନ୍ତି, ସେ ଏହି ଖେଳରେ ଆଜି ପର୍ଯ୍ୟନ୍ତ ପାଞ୍ଚଥର ମୃତ୍ୟୁବରଣ କରିଥିବାର ନିର୍ଦ୍ଧାରଣ ହୋଇଛି, ତାଙ୍କୁ ଶବପେଟିକାରେ ରଖି ମାଟିରେ ମଧ୍ୟ ପୋତି ଦିଆଯାଇଥିବା ଜଣାଯାଇଛି; ତଥାପି ସେ ଥରେ ଏକକାଳୀନ ମାଟି ଭିତରେ ୪୦ଦିନ ରହି ବଞ୍ଚି ଆସିଥିବା ଜଣାଯାଇଛି । ତେଣୁ ସେହି ବ୍ୟକ୍ତିଙ୍କୁ (ଅଣ୍ଡରଟେକରଙ୍କୁ) ଡେଡ୍‌ମ୍ୟାନ୍ (ମୃତବ୍ୟକ୍ତି) ନାମରେ ଡାକୁଛନ୍ତି । ଏବର୍ଷ ୨୧/୦୨/୨୦୧୧ ତାରିଖକୁ ଦେଢମାସ ହେଲା ମୃତ୍ୟୁବରଣ କରିଥିବା ସେ ପୁଣିଥରେ ଉଠିଆସିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏଥର ତାଙ୍କୁ ଡେଡ୍‌ମ୍ୟାନ୍ ୱାକିଙ୍ଗ୍ (ମୃତ ବ୍ୟକ୍ତି ଚାଲୁଛି) ବୋଲି କେତେକ ଲୋକ ସେ ଅଞ୍ଚଳରେ ବୋର୍ଡ୍‌ରେ ଲେଖିଥିବା ଜଣାପଡିଛି । ଏହା ଏକ ଚାଞ୍ଚଲ୍ୟକର ଘଟଣା । ଏଭଳି ସେ ଲୋକ ପୂନର୍ବାର ବଞ୍ଚିବା ପଛରେ, କ'ଣ ରହସ୍ୟ ଅଛି ବୋଲି ସମସ୍ତଙ୍କଠାରେ ପ୍ରଶ୍ନ ଖେଳିଯାଇଛି । ଏ ବାବଦରେ ସମସ୍ତେ ଯାହା କହିଲେ କହନ୍ତୁ, ଆମ ହିସାବରେ ସେ ବ୍ୟକ୍ତି ଶ୍ୱାସକୁ ବାନ୍ଧିପାରିବା ଭଳି ତାତ୍କାଳିକମରଣକୁ ସାଧ କରିଛନ୍ତି ବୋଲି ଜଣାଯାଉଛି, ତେଣୁ କେତେକ ବିପଦକର ପରିସ୍ଥିତିରେ ସେ ତାତ୍କାଳିକମରଣକୁ ଯାଇ, କିଛିକାଳ ବିଶ୍ରାମରେ ରହି, ପୁନର୍ବାର ବାହାରକୁ ଆସିପାରୁଛନ୍ତି, ସେ ତାତ୍କାଳିକମରଣ କୁହାଯାଉଥିବା ବ୍ରହ୍ମଯୋଗ ପାଉଛନ୍ତି କି ନାହିଁ କିଏ ଜାଣେ; ତଥାପି ସେ ଏକ ଶକ୍ତିର ସାଧକ ବୋଲି କୁହାଯାଇ ପାରେ । ତାତ୍କାଳିକମରଣ ବାବଦରେ ଜାଣିଲେ ଏହା ପୂର୍ବରୁ ଜଣାନଥିବା ଅନେକ ପ୍ରଶ୍ନର ଜବାବ ନିଶ୍ଚୟ ମିଳିଥାଏ ।

*****

# ତାତ୍କାଳିକ ମରଣ ଦ୍ୱାରା କ'ଣ ଅୟୁଷ ବଢିଥାଏ ?

ଆୟୁ ନାମକ ଶବ୍ଦଟି ବଦଳି ଯାଇଛି । **ଏହିଶବ୍ଦ ଆଗରୁ ଆୟୁ ନହୋଇ ବାୟୁ ନାମରେ ଥିଲା** । କାଳକ୍ରମେ ଏହି ବାୟୁ ଶବ୍ଦ ଆୟୁ ଶବ୍ଦ ଭାବରେ ବଦଳି ପ୍ରଚଳିତ ହେଉଛି । ମାନବ କେବେ ମୃତ୍ୟୁବରଣ କରିବ ତାହା ତା'ର ଜନ୍ମଠାରୁ ହିଁ ନିର୍ଣ୍ଣୀତ ହୋଇଯାଇଥାଏ । ପ୍ରାରବ୍ଧକର୍ମର ନିର୍ଣ୍ଣୟ ଅନୁସାରେ ପ୍ରତ୍ୟେକ ଜୀବର ଏକ ନିର୍ଦ୍ଦିଷ୍ଟ ଆୟୁ ରହିଛି । ମାନବର ଆୟୁ ତା'ର ଶ୍ୱାସ ଉପରେ ନିର୍ଭର କରେ । ଜଣେ ଭୂପୃଷ୍ଠରେ କେତେଦିନ ବଞ୍ଚିବ ତାହା ପ୍ରାରବ୍ଧ କର୍ମରେ ଥାଏ । ଜଣେ ତା' ଜୀବନରେ କେତେଥର ଶ୍ୱାସ ଗ୍ରହଣ କରିବ ତାହା ମଧ୍ୟ ନିର୍ଣ୍ଣୀତ ହୋଇ ରହିଛି । କେତେକୋଟି, କେତେଲକ୍ଷ, କେତେହଜାର, କେତେଶହ ଶ୍ୱାସ ତା'ଠାରେ ପ୍ରବାହିତ ହେବ ତାହା ନିର୍ଣ୍ଣୀତ ହୋଇ ରହିବା ଦ୍ୱାରା, ତା'ର ଜୀବନ ତା'ର ଶ୍ୱାସ ସମାପ୍ତହେବା ଉପରେ ନିର୍ଭର କରେ ବୋଲି ବଡମାନେ କହିଥା'ନ୍ତି । ମାନବର ଜୀବନ ତା'ର ଶ୍ୱାସ ଉପରେ ନିର୍ଭର କରେ, ଶ୍ୱାସ ହିଁ ପବନ ବା ବାୟୁ । ମାନବର ଜୀବନକାଳ ତା'ର ନାସାରନ୍ଧ୍ରରେ ପ୍ରବାହିତ ବାୟୁ ଉପରେ ଆଧାରିତ, ଏକଥା ସମସ୍ତଙ୍କୁ ଜଣାଯିବା ଭଳି, ମାନବର ଆୟୁ ନିର୍ଣ୍ଣୀତ ବୋଲି ଜାଣିଥିବା ଜ୍ଞାନୀମାନେ କହୁଥିଲେ । ଏହି ନାଶାରନ୍ଧ୍ରର ବାୟୁକୁ ଶେଷରେ ଆୟୁ କୁହାଯାଇଛି । ଜଣେ ମଣିଷର ଆୟୁ (ବାୟୁ) ସେ ମଣିଷ ଗ୍ରହଣ କରୁଥିବା ଶ୍ୱାସ ଉପରେ ଆଧାରିତ ହୋଇଥାଏ । ସେଥିଲାଗି ମଣିଷ ଜୀବନରେ ଶ୍ୱାସର ପ୍ରାଧାନ୍ୟତା ରହିଥାଏ । ଜଣେ ମଣିଷର ଜୀବନ କାଳର ମାପ ପରିମାଣ ଭାବରେ ଶ୍ୱାସ ରହିବା ବ୍ୟତୀତ, ତା'ର ଜନ୍ମ ଏବଂ ମରଣରେ ଶ୍ୱାସ ମୁଖ୍ୟପାତ୍ର ବହନ କରିଥାଏ । ମଣିଷ ଭିତରକୁ ପ୍ରବେଶ କରୁଥିବା ପ୍ରଥମ ଶ୍ୱାସ ହେଉଛି ଜନନ ବା ଜନ୍ମ ଏବଂ ମଣିଷର ଶରୀରରୁ

ବାହାରକୁ ଯାଉଥିବା ଶେଷଶ୍ୱାସ ହିଁ ତାର ମରଣ ବୋଲି ଆଗରୁ କହିଛୁ, ତେଣୁ ସେହି ଅନୁସାରେ ଜନନ କିମ୍ବା ମରଣ ଶ୍ୱାସ ଅନୁସାରେ ରହିଛି ବୋଲି ଜଣାପଡିଛି ।

ମାନବର ଶରୀରରେ ଶ୍ୱାସ ମୁଖ୍ୟପାତ୍ର ପୋଷଣ କରିଥାଏ, ଏକଥା ଜାଣିଥିବା ଆଧ୍ୟାତ୍ମିକବେତ୍ତମାନେ, ଶ୍ୱାସ ଉପରେ କିଛି ଗବେଷଣା କରି, ଶ୍ୱାସ ଦ୍ୱାରା ଜୀବନକାଳକୁ ବଢାଇପାରିବା ସୂତ୍ର ପାଇ ପାରିଛନ୍ତି । ସାରାଜୀବନପାଇଁ ଆବଶ୍ୟକୀୟ ଶ୍ୱାସ ଆଗରୁ ନିର୍ଣ୍ଣୟ ହୋଇଥାଏ ବୋଲି ଜାଣି ପାରିଥିବା ଜ୍ଞାନୀମାନେ, ଶ୍ୱାସକୁ ବଦଳାଇବା ଦ୍ୱାରା ଜୀବନକାଳକୁ ବଢାଇହେବ ବୋଲି କହି ପାରିଥିଲେ । ଏମିତି କହିବା ବ୍ୟତୀତ ଆଗରୁ ନିର୍ଣ୍ଣୀତ ଜୀବନକାଳକୁ ବଢାଇ ନିରୂପଣ କରି ଦେଖାଇଛନ୍ତି । ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ, ଆଧ୍ୟାତ୍ମିକମଞ୍ଚରେ କରାଯାଇ ରହିଥିବା ଗବେଷଣାରେ ଆୟୁଷକୁ ବଢାଇବା ସୁସାଧ୍ୟ ବୋଲି ଜଣାଇ ଦେଇଛନ୍ତି । ପୂର୍ବରୁ ଜ୍ଞାନୀମାନେ ଜଣାଇଥିବା ଅନୁସାରେ ସେମାନଙ୍କ ପରେ ଆଗାମୀ ପିଢୀମାନେ ମଧ୍ୟ ଏହି ବିଷୟକୁ ଜାଣି, ଆଚରଣ କରି ଆୟୁଷକୁ ବଢାଇ ପାରିଥିଲେ । ଆଧ୍ୟାତ୍ମିକ ଅନୁସାରେ ତାତ୍କାଳିକମରଣ ଆୟୁଷ ବଢାଇବାରେ ମୁଖ୍ୟପାତ୍ର ବହନ କରିଥାଏ । ଶ୍ରୀ ପୋତୁଲୁରି ବୀରବ୍ରହ୍ମ ମହାଶୟ ନିଜେ ଜୀବିତସମାଧି ନେଇ, ସମାଧି ଭିତରେ ପ୍ରାୟ ତିନିଶହବର୍ଷ ସଜୀବ ରହି ପାରିଥିଲେ । **ଜୀବିତସମାଧି କହିଲେ ଜୀବନକୁ ଶାସନ କରୁଥିବା ଶ୍ୱାସକୁ ଶରୀର ଭିତରେ ସମାଧିଦେବା** । ଶରୀରକୁ ଭୂମିରେ ଦେଖା ନଯିବା ଭଳି ପୋତିଦେଲେ ତାହା ସମାଧି ହୋଇଥାଏ । ଶରୀରରେ ଦେଖା ନଯାଇ ଚାଲୁଥିବା ଶ୍ୱାସକୁ ଦେଖା ନଯିବା ଭଳି ଶରୀର ଭିତରେ ପୋତିଦେଲେ (ସ୍ଥିର କରିଦେଲେ) ତାହା ଜୀବିତସମାଧି ହୋଇଥାଏ । ଏହି ଅବସ୍ଥାରେ ଶରୀରରେ ଜୀବ ମଧ୍ୟ ବାହାରକୁ ନଯାଇ ରହିଥାଏ, ତେଣୁ

ତାହାକୁ ସଜୀବସମାଧି କୁହାଯାଏ । ବୀରବ୍ରହ୍ମ ମହାଶୟ ଯେଉଁ ସମାଧି ନେଇଥିଲେ ତାହା ଥିଲା ସଜୀବସମାଧି ।

ଶାଳୀବାହାନ ଶକ(ଶକାବ୍ଦ) ଆରମ୍ଭହେବା ପୂର୍ବରୁ ବିକ୍ରମାର୍କ ଉଜ୍ଜୟିନୀ ସହରକୁ ରାଜଧାନୀ କରି, ଅନେକ ରାଜ୍ୟକୁ ଶାସନ କରିଥିବା ଇତିହାସ ଆମ ଦେଶରେ ରହିଛି । ବିକ୍ରମାର୍କଙ୍କର ତିନି ଭାଇ । ସେମାନଙ୍କ ଭିତରୁ ଜଣଙ୍କର ନାମ ଥିଲା ଭଟ୍ଟୀ । ଭଟ୍ଟୀ ବୈଶ୍ୟଜାତିର ସ୍ତ୍ରୀଙ୍କଠାରୁ ଜନ୍ମ ହୋଇଥିଲେ ଏବଂ ବିକ୍ରମାର୍କ ଥିଲେ କ୍ଷତ୍ରୀୟ । ବିକ୍ରମାର୍କ ଆଉ ଭଟ୍ଟୀଙ୍କର ପିତା ଜଣେ ହୋଇଥିବାରୁ ବିକ୍ରମାର୍କଙ୍କର ରକ୍ତ ସମ୍ପର୍କୀୟ ଭାଇ ଥିଲେ ଭଟ୍ଟୀ । ପରାକ୍ରମରେ ବିକ୍ରମାର୍କ ଖ୍ୟାତି ଅର୍ଜନ କରିଥିବା ବେଳେ, ବୁଦ୍ଧି ଏବଂ କାର୍ଯ୍ୟ ଦକ୍ଷତା ନେଇ ଭଟ୍ଟୀ ଥିଲେ ମହାମେଧାବୀ । ବିକ୍ରମାର୍କ ମହାମେଧାବୀ ଭଟ୍ଟୀଙ୍କୁ ତାଙ୍କର ପ୍ରଧାନମନ୍ତ୍ରୀ ଭାବରେ ରଖିଥିଲେ । ବିକ୍ରମାର୍କ ଏବଂ ଭଟ୍ଟୀଙ୍କର ଆଧାତ୍ମିକ ଚିନ୍ତାଧାରା ଥିଲା ମହୋନ୍ନତ, ତେଣୁ ସେମାନେ ନିଜ ନିଜର ଶ୍ରଦ୍ଧାବଳରେ ଶ୍ୱାସର ରହସ୍ୟକୁ ଜାଣି ପାରିଥିଲେ, ସେମାନେ ସେମାନଙ୍କର ପ୍ରାରବ୍ଧକର୍ମ ଅନୁସାରେ ନିର୍ଣ୍ଣୀତ ହୋଇଥିବା ଶ୍ୱାସକୁ ତାତ୍କାଳିକମରଣ ଦ୍ୱାରା ସ୍ଥିର କରିଦେଇ, ନିଜ ନିଜର ଆୟୁଷକୁ ବଢାଇ ପାରିଥିଲେ । ଭଟ୍ଟୀ ଏବଂ ବିକ୍ରମାର୍କ ମାତ୍ର ଛଅମାସ ପର୍ଯ୍ୟନ୍ତ ରାଜ୍ୟପାଳନ କରୁଥିଲେ । ରାଜ୍ୟର ଶାସନ କାର୍ଯ୍ୟକୁ ସଠିକ୍ ଭାବେ ସମ୍ପନ୍ନ କରି, ଛ'ମାସ ଅରଣ୍ୟକୁ ଯାଇ,ସେଠାରେ ତାତ୍କାଳିକମରଣ ପ୍ରାପ୍ତହେଉଥିଲେ । ଏମିତି ସେମାନେ ଗୋଟିଏ ବର୍ଷରେ ଛଅମାସ ସାଧାରଣ ଜୀବନ ଏବଂ ଛଅମାସ ତାତ୍କାଳିକମରଣରେ ରହୁଥିବାରୁ ସେମାନେ ଦୁଇହଜାର ବର୍ଷ ବଞ୍ଚିପାରିଥିଲେ ବୋଲି ଜାଣିବାକୁ ମିଳିଛି । ମହାଭାରତର ଭୀଷ୍ମ ମଧ୍ୟ କେତେବେଳେ କେମିତି ତାତ୍କାଳିକମରଣର ଆଶ୍ରୟ ନେଇ ୩୮୦ବର୍ଷ ବଞ୍ଚିପାରିଥିଲେ । ଏହି ତାତ୍କାଳିକ ମରଣର ରହସ୍ୟ ଜାଣିଥିବା କେତେକ ବ୍ୟକ୍ତି ରାତିର ଶ୍ୱାସକୁ ବାନ୍ଧିଦେଇ ତାତ୍କାଳିକମରଣ ପାଇ, ପୁଣି ଦିନବେଳା

ସାଧାରଣ ସ୍ଥିତିକୁ ଫେରି ନିଜ ନିଜର କାର୍ଯ୍ୟ କରୁଥିଲେ । ଏହିଭଳି ପୂର୍ବେ ଅନେକ ଲୋକ ତାତ୍କାଳିକମରଣକୁ ଆମନ୍ତ୍ରଣ କରି ଶହ ଶହ, ହଜାର ହଜାର ବର୍ଷ ବଞ୍ଚି ପାରୁଥିଲେ ।

ଆଜିର କାଳରେ ବିଜ୍ଞାନର ଉନ୍ନତି ହୋଇଛି, ତା'ସାଥିରେ ଅଭୌତିକ ଅଜ୍ଞାନ ମଧ୍ୟ ଅଧିକମାତ୍ରାରେ ବଢିଛି । ଆଜି କେବଳ ଭୌତିକ ଜ୍ଞାନ ବିଶିଷ୍ଟ ଲୋକମାନଙ୍କୁ ଅଭୌତିକର ଅନୁସନ୍ଧିତ ଅକାଳମରଣ ହେଉ କି ତାତ୍କାଳିକମରଣ ବାବଦରେ ହେଉ ଜଣା ନାହିଁ । ଆଜିର କାଳରେ ଯେଉଁମାନେ ଏମ୍.ବି.ବି.ଏସ୍ ପଢିଛନ୍ତି, ଯେଉଁମାନେ ଏମ୍.ଡି. ପଢିଛନ୍ତି ସେମାନେ ପଢିଥିବା ବିଜ୍ଞାନ ଦ୍ୱାରା ଭୌତିକ ଜନନ ମରଣକୁ ଚିହ୍ନି ପାରୁନାହାନ୍ତି । ଆମେ ଏକଥା କହୁଥିବା ବେଳେ ସେମାନେ କ୍ରୋଧିତ ହୋଇ ପାରନ୍ତି, କିନ୍ତୁ ସେମାନେ ଏଭଳି ଭୂଲ୍ କରୁଥିବା ଦୃଷ୍ଟାନ୍ତ ଆମ ପାଖରେ ଅନେକ ରହିଛି । ଆମକଥା ସତ କି ମିଛ ଗୋଟିଏ ଉଦାହରଣରୁ ଜାଣନ୍ତୁ । ୦୫/୦୩/୨୦୧୧ ଶନିବାର ଦିନ **Tv-9** ଚ୍ୟାନେଲ୍‌ରେ ଏକ ଖବର ପ୍ରସାର ହୋଇଥିଲା ବୋଲି ଆମେ ଶୁଣିଛୁ । ଆମେ କୌଣସି ଯାତ୍ରାରେ ଥିବା କାରଣରୁ ତାହା ପ୍ରତ୍ୟେକ୍ଷ ଭାବରେ ଦେଖିପାରି ନାହୁଁ । ହେଲେ ଆମର କେଇଜଣ ଅନୁଚରମାନେ ଏହା ଦେଖି କହିଥିଲେ କି ଗୋଟିଏ ସ୍ଥାନରେ ଏକ ଦୁର୍ଘଟଣାରେ ଜଣେ ବିଦ୍ୟାର୍ଥୀନି ତୀବ୍ର ଆଘାତ ପାଇ ବଞ୍ଚିବା, ମରିବା ପରିସ୍ଥିତିରେ ଥିବାବେଳେ ତା'କୁ ଜଣେ ଡକ୍ଟରଙ୍କ ପାଖକୁ ଅଣାଯାଇଥିଲା । ସେତେବେଳେ ଡକ୍ଟର ଚିକିତ୍ସା କରିଥିଲେ ମଧ୍ୟ ସେ ବଞ୍ଚି ନଥିଲା । ଚିକିତ୍ସା ଯୋଗାଇଦେବା ପରେ ମଧ୍ୟ ସେ ମୃତ୍ୟୁବରଣ କରିବା କିଛି ନୂଆ କଥା ନୁହେଁ, ତେଣୁ ସେହି ମରଣ ବାବଦରେ କେହି କିଛି ମଧ୍ୟ ଭାବି ନଥିଲେ, ସେ ମୃତ୍ୟୁବରଣ କରିଛି ବୋଲି ଡକ୍ଟର ମଧ୍ୟ ଧ୍ରୁବୀକରଣ ପତ୍ର (ସାଠିଫିକେଟ୍) ଦେଇଥିଲେ । ଶେଷରେ ଶବକୁ ଘରକୁ ନେଇ, ଘରୁ ଶ୍ମଶାନକୁ ମଧ୍ୟ ନେଇଯାଇଥିଲେ ।

ଶ୍ମଶାନକୁ ନେଇ ,ସବୁକିଛି ରୀତି ପୂର୍ବକ ସମାପନ କରି ସେହି ମୃତ ବିଦ୍ୟାର୍ଥୀନିକୁ ପୋତିବା ପାଇଁ ଯିବାବେଳେ, ଶବଭଳି ଏଜାବତ୍ ପଡିଥିବା ବିଦ୍ୟାର୍ଥୀନି ହଠାତ୍ ଉଠି ବସିଥିଲା । ସେଠିକାର ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏସବୁର କାରଣ ହେଉଛି ଆମକୁ ମିଛ କହିଥିବା ଡକ୍ଟର, ତେଣୁ ସେମାନେ କ୍ରୋଧିତ ହୋଇ ହସ୍ପିଟାଲ୍ ପହଞ୍ଚି ଗଣ୍ଡଗୋଳ ଆରମ୍ଭ କରିଦେଇଥିଲେ । ଏହି ଘଟଣାରେ ଡକ୍ଟର ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଶେଷରେ ଯାହା ସତ କଥା ଡକ୍ଟର ତାହା ହିଁ କହିଥିଲେ, ସେ ଝିଅର ଚିକିତ୍ସା କରାଯାଇଥିଲେ ମଧ୍ୟ ସେ ବଞ୍ଚି ନଥିଲା । ମୁଁ ପଢିଥିବା ବୈଦ୍ୟଶାସ୍ତ୍ର ଅନୁସାରେ ସେ ମୃତ୍ୟୁବରଣ କରିଥିଲା । ସବୁ ପ୍ରକାରର ପରୀକ୍ଷା ନିରୀକ୍ଷା କରିବା ପରେ ମୁଁ ୨୦ମିନିଟ୍ ପରେ ସାର୍ଟିଫିକେଟ୍ ଦେଇଥିଲି; ତଥାପି କିଛି ସମୟ ଅପେକ୍ଷା କରି ମୁଁ ଆପଣମାନଙ୍କୁ କହିଥିଲି ଯେ, ସେ ମୃତ୍ୟୁବରଣ କରିଛି । ଏଥିରେ ମୋର କୌଣସି ଭୂଲ୍ ନାହିଁ । ଝିଅଟି ସେତେବେଳେ ମୃତ୍ୟୁବରଣ କରିଥିଲା ବୋଲି କହିଥିଲି ଏବେ ସେ ବଞ୍ଚିଛି । ଏଭଳି କିପରି ହେଲା ସେହି ଈଶ୍ୱରଙ୍କ ବ୍ୟତୀତ ଆଉକାହାକୁ ଜଣା ନାହିଁ ବୋଲି କହିଥିଲେ । ଏହା ଏକ ତାଜା ଖବର । ଏହା ଛଡା ଆଉଗୋଟିଏ ତାଜା ଖବର ଜଣାଉଛୁ ଦେଖନ୍ତୁ ।

ଅନନ୍ତପୁର ଜିଲ୍ଲାର ଏକ ପଲ୍ଲୀ ଅଞ୍ଚଳରେ ଥିଲା ଗୋଟିଏ ଗରିବ ପରିବାର । ସେହି ପରିବାରରେ ଛୋଟୀ ଝିଅଟିଏ ହଠାତ୍ କୌଣସି ରୋଗ କାଣରୁ ମୃତ୍ୟୁବରଣ କରିଥିଲା । ଝିଅଟିର ବିବାହ ମଧ୍ୟ ହୋଇନଥିଲା । ସେହି ପରିବାରଟି ଏତେ ଗରିବ ଥିଲା ଯେ ଶବକୁ ଶ୍ମଶାନକୁ ନେବାପାଇଁ ମଧ୍ୟ ତାଙ୍କର ସମ୍ବଳ ନଥିଲା । କାହାର ସାହାଯ୍ୟ ସହାନୁଭୂତି ମଧ୍ୟ ନଥିବାରୁ ଝିଅର ବାପା ଓ ଭାଇ ମିଶି କାନ୍ଧରେ ଶ୍ମଶାନକୁ ନେଇଯାଇଥିଲେ । ଶ୍ମଶାନରେ ଶବକୁ ରଖି ଗାତ ଖୋଳି ଶେଷରେ ପୋତିବାକୁ ଯାଉଥିବା ବେଳେ ଝିଅଟି ବଞ୍ଚିଥିଲା । ସେମାନଙ୍କ ବିଶ୍ୱାସ ଅନୁସାରେ ଖୋଳା ଯାଇଥିବା ଶ୍ମଶାନଗାତ

ଖାଲିଖାଲି ପୋତିବା ଉଚିତ୍ ନୁହେଁ ବୋଲି ସେମାନେ ସେଥିରେ ଗୋଟିଏ କୁକୁଡା ମାରି ପୋତି ଦେଇଥିଲେ । ଏକଥା ସେହି ଝିଅର ବାପା ଏବଂ ଭାଇ କାହାକୁ କହିବାକୁ ଇଚ୍ଛୁକ ନଥିଲେ ମଧ୍ୟ ସତକଥା ଲୁଚିନରହି ବାହାରକୁ ଆସିଯାଇଥିଲା । ଏହିଭଳି ହିସାବ ନଥିବା ଅନେକ ଘଟଣାର ରହସ୍ୟ ସବୁ ଅଞ୍ଚଳରେ ଖୋଜିଲେ ମିଳିବ ।

ଆମେ ଜାଣିବାକୁ ଥିବା ଆଉଏକ ମୁଖ୍ୟ ବିଷୟ ହେଉଛି ! ତାତ୍କାଳିକମରଣ ବାବଦରେ କିଛି ଜଣାନଥିବା ଅଜ୍ଞାନୀମାନଙ୍କ ବ୍ୟତୀତ ଅନେକ ସାଧାରଣ ଲୋକ ତାତ୍କାଳିକମରଣ ମରୁଛନ୍ତି । ଏହି ତୃତୀୟ ପ୍ରକାରର ମରଣ ବାବଦରେ କିଛି ଜଣାନଥିବା ଲୋକମାନେ ସେମାନଙ୍କର କର୍ମାନୁସାରେ ମୃତ୍ୟୁବରଣ କରୁଥିଲେ ମଧ୍ୟ ସେକଥା ସେମାନଙ୍କୁ କି ଆମକୁ ମଧ୍ୟ ଜଣା ନାହିଁ । ଗତକାଳରେ ଅକାଳମରଣ ପାଇଥିବା ଲୋକମାନେ ସୂକ୍ଷ୍ମଶରୀରରେ ରହି, ସ୍ଥୁଳଶରୀରରେ ରହିଥିବା କୌଣସି ମଣିଷଠାରେ ପ୍ରବେଶ କରି, ସ୍ଥୁଳଶରୀରଟି ହୋଇଥିବା ଲୋକର ଶ୍ୱାସକୁ ଅଟକାଇ ଦେଇ, ବାହାରର ଲୋକମାନେ ଦେଖିବାପାଇଁ ମୃତ୍ୟୁବରଣ କରିଥିବା ଭଳି ଭ୍ରମିତ କରାଇଥା'ନ୍ତି । ନାକପୁଡାରେ ନିଶ୍ୱାସ ପ୍ରଶ୍ୱାସ ଯିବାଆସିବା କରୁନାହିଁ ଭାବି ଶେଷରେ ଲୋକଟିକୁ ମରିଯାଇଛି ବୋଲି ଭାବି ପୋଡିଦିଅନ୍ତି କିମ୍ବା ପୋତିଦିଅନ୍ତି, କିନ୍ତୁ ବାସ୍ତବରେ ସେମାନଙ୍କର ଶ୍ୱାସ ସେହି ଶରୀରର ଭିତରେ ରହିଯାଇଥାଏ ବୋଲି କାହାକୁ ଜଣାନାହିଁ । ସୂକ୍ଷ୍ମଶରୀରରେ ଥିବା କୌଣସି ଲୋକ ଏହିଭଳି କାହାଠାରେ ପ୍ରବେଶ କରି ତାର ଶ୍ୱାସ ଅଟକାଇ, ବଞ୍ଚିଥିବା ଲୋକକୁ ମଧ୍ୟ ମରିଯାଇଥିବା ଭଳି କରି ଦେଖାଇ ପାରନ୍ତି । ଏହିଭଳି ସୂକ୍ଷ୍ମରୁପୀମାନେ କେଉଁଠିକେମିତି କେତେକ ଲୋକଙ୍କୁ ତାତ୍କାଳିକମରଣ ସ୍ଥିତିକୁ ପଠାଇ, ମୃତ୍ୟୁବରଣ କରିଥିବା ଭଳି କରାଇ ପାରନ୍ତି । ଆପଣମାନେ ଏହି ବାସ୍ତବତାକୁ ସ୍ୱୀକାର ନକଲେ ମଧ୍ୟ ଏହା ନିରାଟ ସତ୍ୟକଥା ।

ଏହି ଜନନମରଣ ବିଷୟରେ ଭୌତିକ ଶାସ୍ତ୍ରଜ୍ଞମାନେ ମଧ୍ୟ ଭୂଲ୍ କରୁଛନ୍ତି । ତେଣୁ ଜନନମରଣ ବିଷୟ ଜାଣିବା ପାଇଁ ଆମେ ୧୯୮୦ ମସିହାରେ **"ଜନନମରଣ ସିଦ୍ଧାନ୍ତ"** ନାମକ ଗ୍ରନ୍ଥ ଲେଖିଛୁ । ଏବେ ତୃତୀୟ ପ୍ରକାରର ତାତ୍କାଳିକମରଣ ବାବଦରେ ଏଇ **"ମରଣ ରହସ୍ୟ"** ନାମକ ଗ୍ରନ୍ଥ ଲେଖିଛୁ । ଆମେ ଜଣାଉଥିବା ବିଷୟଗୁଡିକ ରହସ୍ୟାତ୍ମକ ବିଷୟ ବୋଲି କହିବାପାଇଁ ଏହି ଗ୍ରନ୍ଥଟି ଏକ ଉଦାହରଣଭାବେ ରହିଛି କହି ଏତିକିରେ ସମାପ୍ତ କରୁଛୁ ।

**ଶିଶୁର ଶରୀର ଭିତରକୁ ଶ୍ୱାସ ଆସିବା ପୂର୍ବରୁ ମୃତ କହିବା, ମଣିଷର ଶ୍ୱାସ ବାହାରକୁ ଯିବା ପୂର୍ବରୁ ମୃତ କହିବା ଅଜ୍ଞାନ ନହୋଇ କଣ ବିଜ୍ଞାନ ହେବ ?**

**ଅସତ୍ୟ କୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ,**
**ସତ୍ୟକୁ ହଜାରେଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ ।**

*****

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋ 'ର ମାତା କିଏ ତୋତେ ଜଣାପଡିଗଲେ ତୋ'ର ପିତାଙ୍କୁ ଜାଣି ପାରିବୁ, ତୋ'ର ପିତା କିଏ ତୋତେ ଜଣାପଡିଗଲେ ତୋ'ର ଲକ୍ଷ୍ୟ କ'ଣ ଜାଣି ପାରିବୁ ।**

# ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ ! !
# ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ ?
## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଚ୍ଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସଂପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତାଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତିଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ବି କରୁଛନ୍ତି, ତା'ଦ୍ୱାରା ଆଜି ଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି । ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତସିଦ୍ଧାନ୍ତ ହିନ୍ଦୁମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତା'ଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଲିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତରକୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି ବୋଲି କହୁଛନ୍ତି । ତା'ଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ (ଇନ୍ଦୁ) ଜ୍ଞାନ ବେଦୀକା ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହିଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ  ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ –** ଏପର୍ଯ୍ୟନ୍ତ  ହିନ୍ଦୁମାନେ  କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି  ହିନ୍ଦୁଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?

**ସେମାନଙ୍କ ସମାଧାନ –** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମିଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ  ଏମିତି  କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମ ପ୍ରଶ୍ନ –** ଯଦି ଆମେ ଖ୍ରୀଷ୍ଟିଆନ ତେବେ ଭଗବଦ୍ଗୀତା କାହିଁକି ପ୍ରଚାର କରୁଛୁ ?

**ସେମାନଙ୍କ ସମାଧାନ –** ଆପଣମାନେ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ପଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ –** ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ

ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆଯିଯାଏ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖୁଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଲୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କ'ଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରୀତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ** – ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି ଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କ'ଣ ତାହା ଅଛି !

**ଆମ ପ୍ରଶ୍ନ** – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୂର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର

ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତା'ର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ଆପଣଙ୍କୁ ସ୍ୱଚ୍ଛ ହିନ୍ଦୁ ବୋଲି କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।

**ସେମାନଙ୍କ ସମାଧାନ–** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ** – ମୁର୍ଖଙ୍କଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମକଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କ'ଣ କହିଛନ୍ତି ଆପଣ ହିଁ କହନ୍ତୁ ।

**ସେମାନଙ୍କ ସମାଧାନ** – ଆମେ ଏପର୍ଯ୍ୟନ୍ତ ବଭଗବଦ୍ଗୀତା କେବେ ପଢିନାହୁଁ । ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସଂପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ –** ଅତି କମରେ ଭଗବଦ୍ଗୀତା ପଢ଼ିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କ'ଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢ଼ି ଆମଛଡା ପୁଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।

**ସେମାନଙ୍କ ସମାଧାନ** – ଆମ  ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କ'ଣ ଭୂଲ ନୁହେଁ ?

**ଆମ କଥା** – ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ହିଁ ନାହାନ୍ତି ବୋଲି କହୁନାହୁଁ ! ଦେବତାମାନଙ୍କର ଜଣେ ଅଧିପତି ଅଛି ସେ ହିଁ  ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କର ବୋଲି କହିଛୁ ।

**ସେମାନଙ୍କ ପ୍ରଶ୍ନ –** ଆପଣ ରାମଙ୍କ ନାଆଁ କହୁନାହାନ୍ତି, ଶିବଙ୍କ ନାଆଁ କହୁନାହାନ୍ତି କି ଗଣେଶଙ୍କ କଥା କହୁନାହାନ୍ତି । କାହା ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣଙ୍କୁ, ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ** – ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କ'ଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?

**ସେମାନଙ୍କ ସମାଧାନ** – ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ରଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା** – ଆମେ ଗୋଟିଏ ସିଧାପ୍ରଶ୍ନ ପଚାରୁଛୁ ତା'ର ସମାଧାନ କରନ୍ତୁ । ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କ'ଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂ'ହର ଅର୍ଥ ଅଛି ହେଲେ 'ଶିଂହ'ର କିଛି ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି 'ଇନ୍ଦୁ'ର ଅର୍ଥ ଅଛି ସିନା 'ହିନ୍ଦୁ'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ

ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି ‘ସଂକ୍ରାନ୍ତିକୁ’ ‘ସଙ୍କରାତି’ କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୂକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ୧ଲକ୍ଷ ଟଙ୍କା ଦେବାକୁ ହେବ । ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

# ଇନ୍ଦୁ ଜ୍ଞାନ ବେଦୀକା



ଅବଶ୍ୟ ପାଠକରନ୍ତୁ                                   ପାଠକରାନ୍ତୁ

# ଦେବାଳୟ ରହସ୍ୟ

ପ୍ରପଞ୍ଚପଟ୍ଟରେ ଭାରତଦେଶ ଆଧ୍ୟାତ୍ମିକର ଏନ୍ଦୁଡିଶାଳ ଭାବରେ କୁହାଯାଉଥିବା ଦକ୍ଷିଣ ଭାରତଦେଶ ସ୍ୱଚ୍ଛ ଐଶ୍ୱରୀୟ ଜ୍ଞାନର ନିଳୟ । ଦକ୍ଷିଣ ଭାରତଦେଶରେ ନିର୍ମିତ ହୋଇଥିବା ଦେବାଳୟଗୁଡିକ (ମନ୍ଦିରଗୁଡିକ), ସୃଷ୍ଟ୍ୟାରମ୍ଭରେ କୁହାଯାଇଥିବା ଐଶ୍ୱରୀୟ ଜ୍ଞାନର ସଙ୍କେତ ତଥା ସନ୍ଦେଶ ଭାବରେ ବିରାଜିତ । ଦେବାଳୟଗୁଡିକର ବିଧିବିଧାନ ଜଣାନଥିବା ଦୂର୍ଭାଗ୍ୟ ପରିସ୍ଥିତିରେ ଆମେ ଆଜି ରହିଛେ । ଆମ ଉତ୍ତରପିଢୀ ପଚାରୁଥିବା ପ୍ରଶ୍ନର ଉତ୍ତର ଦେଇପାରୁ ନଥିବା ସ୍ଥିତିରେ ଦେବାଳୟଗୁଡିକୁ ରଖି ଆମେ ହିଁ ତାହାକୁ ପ୍ରଶ୍ନାର୍ଥକ କରିଦେଉଛେ । ଆଧ୍ୟାତ୍ମିକ ରହସ୍ୟଗୁଡିକୁ ଦେବାଳୟଗୁଡିକର ପାଦେପାଦେ ସେଦିନର ଜ୍ଞାନୀମାନେ ଖଞ୍ଜିଥିବାବେଳେ, ସେଗୁଡିକୁ ଯେଉଁମାନେ ଖୋଜନ୍ତି ସେମାନଙ୍କୁ ସେହି ରହସ୍ୟଗୁଡିକ ଅଜଣା ରହିଯିବା ସମୟରେ ମରୁଭୂମିରେ ସବୁଜିମା ମିଳିଯିବା ଭଳି ଅପରୂପ ଆଧ୍ୟାତ୍ମିକକ ଗ୍ରନ୍ଥ ହୋଇ ଆମକୁ ମିଳିଯାଇଛି ଏହି "ଦେବାଳୟ ରହସ୍ୟ" ।

ଏହି ଗ୍ରନ୍ଥରେ ଦେବାଳୟର ମୁଖଶାଳାଠାରୁ ଆରମ୍ଭ କରି ଗର୍ଭଗୃହ ର ସାକାର ପ୍ରତିମା ପର୍ଯ୍ୟନ୍ତ ଏବଂ ପ୍ରତିମାର ପୂଜା ବିଧିରେ ଥିବା ପ୍ରତି କାର୍ଯ୍ୟକଳାପକୁ ସୁନ୍ଦରଶୈଳୀରେ ଶାସ୍ତ୍ରବଦ୍ଧ ବିବରଣୀ ଦିଆଯାଇଛି । ଏପର୍ଯ୍ୟନ୍ତ କେହି ଖୋଲି କହିପାରି ନଥିବା ଆଧ୍ୟାତ୍ମିକ ରହସ୍ୟର ଉନ୍ମୋଚନ କରି ସର୍ବପ୍ରଥମେ ପ୍ରବୋଧାନନ୍ଦ ଯୋଗୀଶ୍ୱର ସାରା ପ୍ରପଞ୍ଚକୁ (ଦୁନିଆକୁ) ଜଣାଇଛନ୍ତି ।

ରଚୟିତା : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ପ୍ରେତ - ଭୂତଙ୍କ
# ଯଥାର୍ଥ ସଙ୍ଘଟନା ।

ବିଜ୍ଞାନ ରଙ୍ଗମଞ୍ଚରେ ନାସ୍ତିକମାନଙ୍କ ଦୃଷ୍ଟି ନିକ୍ଷେପ, ଆଧ୍ୟାତ୍ମିକରେ ଆସ୍ତିକମାନଙ୍କ ଜ୍ଞାନୋଦୟ କରୁଥିବା ଏହି ଗ୍ରନ୍ଥଟି ମହା ଶକ୍ତିବନ୍ତ ଗ୍ରନ୍ଥ । ଏହି ଗ୍ରନ୍ଥକୁ ପାଠ ପଢିନଥିବା ଲୋକମାନେ ବିଶ୍ୱାସରେ ପାଖରେ ରଖିଲେ, ପାଠ ପଢିଥିବା ଲୋକମାନେ ଭକ୍ତିଭାବରେ ପଢିଲେ ଏଥିରୁ ଜ୍ଞାନ ଜାଣି ପାରିବା ସହିତ, ତା ପୂର୍ବରୁ କେଇଶହ ଟଙ୍କା ଖର୍ଚ୍ଚକରି ମଧ୍ୟ ଭଲ ହୋଇନଥିବା ରୋଗସବୁ ଚିକିତ୍ସା ନକରି ଭଲହୋଇଯାଏ । ଏହି ଗ୍ରନ୍ଥ ପାଠକଲେ ପ୍ରେତ କହିଲେ କଅଣ ଭୂତ କହିଲେ କଅଣ ଜଣାପଡିଯାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**